୬ ଟି-ଟ୍ୱେଣ୍ଟିରେ ୬୦୦ ଚୌକା ମାରିଥିବା ପ୍ରଥମ ବ୍ୟାଟର ହେଲେ ସ୍ମୃତି ମନ୍ଧାନା



ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

32 YEARS

# ସମ୍ବାଦ କଳିକା

The Sambad Kalika

TM

E-mail : sambadkalikanews@gmail.com

e-paper www.sambadkalika.in

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008




ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା
8 Pages, ₹2.00

● ବର୍ଷ–୩୩ ● ସଂଖ୍ୟା–୧୪୦ ● ୨୦ ଜୁନ ୨୦୨୬ ଶନିବାର ● ଭୁବନେଶ୍ୱର ● Vol -33 ● Issue-140 ● 20th June 2026, Saturday ● Bhubaneswar | RNI Regd.No. : 52640/94 Postal Regd.No. : BN-60/25-27

15001/76/2627



୨ ବର୍ଷରେ ଗୁଣା ବିକାଶ

ବିକାଶର ଧାରା
ଓଡ଼ିଶା ସାରା



# ₹୪୭,୬୦୦ କୋଟିର
## ବିଭିନ୍ନ ଜନକଲ୍ୟାଣ ପ୍ରକଳ୍ପର ଲୋକାର୍ପଣ ତଥା ଭିତ୍ତିପ୍ରସ୍ତର ସ୍ଥାପନ

ମୁଖ୍ୟ ଅତିଥି

**ଶ୍ରୀମତୀ ଦ୍ରୌପଦୀ ମୁର୍ମୁ**
ମାନ୍ୟବର ରାଷ୍ଟ୍ରପତି

ଗରିମାମୟ ଉପସ୍ଥିତି

**ଶ୍ରୀ ନରେନ୍ଦ୍ର ମୋଦୀ**
ପ୍ରଧାନମନ୍ତ୍ରୀ

**ଡ. ହରି ବାବୁ କମ୍ଭମପାଟି**
ରାଜ୍ୟପାଳ, ଓଡ଼ିଶା

**ଶ୍ରୀ ମୋହନ ଚରଣ ମାଝୀ**
ମୁଖ୍ୟମନ୍ତ୍ରୀ, ଓଡ଼ିଶା

**ଶ୍ରୀ କନକ ବର୍ଦ୍ଧନ ସିଂହ ଦେଓ**
ଉପ ମୁଖ୍ୟମନ୍ତ୍ରୀ, ଓଡ଼ିଶା

**ଶ୍ରୀମତୀ ପ୍ରଭାତୀ ପରିଡ଼ା**
ଉପ ମୁଖ୍ୟମନ୍ତ୍ରୀ, ଓଡ଼ିଶା

ଓଡ଼ିଶାର ମନ୍ତ୍ରୀଗଣ | ଓଡ଼ିଶାର ସାଂସଦଗଣ | ଓଡ଼ିଶାର ବିଧାୟକ/ ବିଧାୟିକାଗଣ

### ଲୋକାର୍ପଣ

₹୮୧୧ କୋଟିର ରାସ୍ତା ଓ ସେତୁ

₹୫୩୦ କୋଟିର
ସୁଦୃଢ଼ ପରିବହନ ଓ ଗମନାଗମନ ବ୍ୟବସ୍ଥା

ସୁରକ୍ଷିତ ସଡ଼କ, ସ୍ମାର୍ଟ ପରିବହନ ଓ
ଉନ୍ନତ ଜନସେବା ଦିଗରେ ଆଉ ଏକ ପଦକ୍ଷେପ

ଅନ୍ୟାନ୍ୟ ପ୍ରକଳ୍ପ ₹୩,୨୧୮ କୋଟି

### ଭିତ୍ତିପ୍ରସ୍ତର ସ୍ଥାପନ

₹୨୫ ହଜାର କୋଟିର 'ବିସିଜିସିଏଲ୍ କୋଲ୍ ଗ୍ୟାସିଫିକେସନ ପ୍ରକଳ୍ପ'

₹୧୭,୧୧୭ କୋଟିର
ଉନ୍ନତ ବିଦ୍ୟୁତ୍ ଶକ୍ତି ଭିତ୍ତିଭୂମି

ରାଜ୍ୟରେ ପ୍ରତ୍ୟକ୍ଷ ଓ ପରୋକ୍ଷ ନିଯୁକ୍ତି ବୃଦ୍ଧି
ରାଜ୍ୟର ବିଦ୍ୟୁତ ଭିତ୍ତିଭୂମିର ହେବ ବିକାଶ

ଅନ୍ୟାନ୍ୟ ପ୍ରକଳ୍ପ ₹୯୨୭ କୋଟି

### ରେଳ ପ୍ରକଳ୍ପ ଲୋକାର୍ପଣ

- ହିନ୍ଦୋଳ - ମେରାମଣ୍ଡଳୀ ମଲ୍ଟି-ଟ୍ରାକିଂ ପ୍ରକଳ୍ପ
- ଯଖପୁରା- ଯାଜପୁର କେନ୍ଦୁଝର ରୋଡ୍ - ବୈତରଣୀ ରୋଡ୍ ମଲ୍ଟି-ଟ୍ରାକିଂ ପ୍ରକଳ୍ପ

ରାଜ୍ୟର ଆଞ୍ଚଳିକ ସଂଯୋଗୀକରଣକୁ ସୁଦୃଢ଼ କରିବା ସହିତ ଆର୍ଥିକ ବିକାଶକୁ ପ୍ରୋତ୍ସାହିତ କରିବ

୨୦ ଜୁନ୍ ୨୦୨୬ | ମଧ୍ୟାହ୍ନ ୧୨:୧୫ | ରାଇରଙ୍ଗପୁର, ମୟୂରଭଞ୍ଜ

OIPR : 15001/15001/2/26-27/0076

ସୂଚନା ଓ ଲୋକ ସମ୍ପର୍କ ବିଭାଗ, ଓଡ଼ିଶା ସରକାର





# କଟକରେ 'ଏସ୍ଆଇଆର୍' କାର୍ଯ୍ୟ ସମୀକ୍ଷା କଲେ ମେୟର



**କଟକ, ନ୍ୟୁଜ୍ ବ୍ୟୁରୋ**

କଟକ ମହାନଗର ନିଗମର ମେୟର ସୁବାସ ସିଂହ ବିଭିନ୍ନ ୱାର୍ଡ ପରିଦର୍ଶନ କରି ଏସ୍ଆଇଆର୍ ବିକାଶ କାର୍ଯ୍ୟର ଅଗ୍ରଗତି ଯାଞ୍ଚ କରିଛନ୍ତି। ଏହି ପରିଦର୍ଶନ ସମୟରେ ମେୟର ବିଦ୍ୟାଧରପୁର (ୱାର୍ଡ ନମ୍ବର ୩), ବିଡ଼ାନସୀ (ୱାର୍ଡ ନମ୍ବର ୧ ଓ ୨), ଗୋରାକବର (ୱାର୍ଡ ନମ୍ବର ୧୬ ଓ ୮), ସନତ ନଳିନୀ ଗର୍ଲ୍ସ ହାଇସ୍କୁଲ (ୱାର୍ଡ ନମ୍ବର ୯ ଓ ୧୦) ଏବଂ ଡଗରପଡ଼ା (ୱାର୍ଡ ନମ୍ବର ୧୧ ଓ ୧୨) ଆଦି ସ୍ଥାନ ବୁଲି ଦେଖିଥିଲେ। ସେ ସେଠାରେ ଚାଲିଥିବା ବିକାଶ କାର୍ଯ୍ୟଗୁଡ଼ିକର ଗୁଣବତ୍ତା ଓ ଅଗ୍ରଗତି ଯାଞ୍ଚ କରିବା ସହ ଆବଶ୍ୟକ ନିର୍ଦ୍ଦେଶ ଦେଇଥିଲେ। ମେୟରଙ୍କ ସହ ଏହି ପରିଦର୍ଶନରେ ସମ୍ପୃକ୍ତ ୱାର୍ଡର କର୍ପୋରେଟରମାନେ ଯଥା ଆରତୀ ସାହୁ, ଦୀପାଞ୍ଜଳି ସିଂ, ପ୍ରଦୀପ କୁମାର ରାଉତ, ଲକ୍ଷ୍ମୀପ୍ରିୟା ବେହେରା, ପୁଷ୍ପିତା ମହାନ୍ତି, ମୋନାଲିସା ଦାସ, ବିକାଶ ରଞ୍ଜନ ବେହେରା ସହିତ କଟକ ମହାନଗର ବିଜୁ ଜନତା ଦଳର ସାଂଗଠନିକ ଜିଲ୍ଲା ସଭାପତି ସ୍ୱଦେଶ ଦାସ, ଅଶୋକ କୁମାର ସିଂ, ସୌମ୍ୟ ଦର୍ଶନ ବେହେରା, ରମଜାନ୍ ଖାନ୍, ବର୍ଷା ପ୍ରିୟଦର୍ଶିନୀ, ପ୍ରଦିପ ବାରିକ, ସୁବୋଧ ସେଠୀ ଏବଂ ଅନ୍ୟ ସମ୍ପୃକ୍ତ ପଦାଧିକାରୀମାନେ ଉପସ୍ଥିତ ଥିଲେ। ଏସ୍ଆଇଆର୍ କାର୍ଯ୍ୟଗୁଡ଼ିକ ଶୀଘ୍ର ଶେଷ କରିବାକୁ ମେୟର ନିର୍ଦ୍ଦେଶ ଦେବା ସହ ସାଧାରଣ ଜନତାଙ୍କୁ କୌଣସି ଅସୁବିଧା ନହେବା ପାଇଁ ପରାମର୍ଶ ଦେଇଛନ୍ତି। ଏହି ପରିଦର୍ଶନ ଫଳରେ ଆସନ୍ତା ଦିନରେ ଏହି ଅଞ୍ଚଳଗୁଡ଼ିକରେ ବିକାଶ କାର୍ଯ୍ୟ ତ୍ୱରାନ୍ୱିତ ହେବ ବୋଲି ଆଶା କରାଯାଉଛି।

## ବେଦାନ୍ତ ଅଧ୍ୟକ୍ଷ ଅନିଲ ଅଗ୍ରୱାଲଙ୍କ ଦୃଢ଼ୋକ୍ତି

# ୪ ନୂତନ ବେଦାନ୍ତ କମ୍ପାନୀର ତାଲିକାଭୁକ୍ତ ଏକ ଐତିହାସିକ ମାଇଲ୍‌ଖୁଣ୍ଟ

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ବେଦାନ୍ତ ଅଧ୍ୟକ୍ଷ ଅନିଲ ଅଗ୍ରୱାଲ ନୂତନ ଭାବେ ଅଲଗା ହୋଇଥିବା ୪ଟି ବେଦାନ୍ତ କମ୍ପାନିର ତାଲିକାଭୁକ୍ତକୁ ଏକ 'ଐତିହାସିକ ଏବଂ ଗଭୀର ଭାବନାତ୍ମକ' ମାଇଲଖୁଣ୍ଟି ଭାବରେ ବର୍ଣ୍ଣନା କରିଛନ୍ତି ଏବଂ କହିଛନ୍ତି ଯେ ଏହି ଘଟଣା ଗ୍ରୁପ୍‌ର ଅଭିବୃଦ୍ଧି ଯାତ୍ରାରେ ଏକ ନୂତନ ଅଧ୍ୟାୟର ଆରମ୍ଭକୁ ଦର୍ଶାଉଛି। 'ଏକ୍ସ' ଓ 'ଫେସ୍‌ବୁକ୍'ରେ ସେୟାର କରାଯାଇଥିବା ପୋଷ୍ଟରେ ଅଗ୍ରୱାଲ ବିଗତ ୨୪ ବର୍ଷ ମଧ୍ୟରେ ବେଦାନ୍ତର କ୍ରମ ବିକାଶ ଉପରେ ଆଲୋକପାତ କରିଛନ୍ତି। ସେଲଣ୍ଡନରେ ବେଦାନ୍ତ ରିସୋର୍ସେସର ତାଲିକାଭୁକ୍ତକୁ ମନେପକାଇଛନ୍ତି ଏବଂ ସେହି ମାଇଲଖୁଣ୍ଟ ଓ ୪ଟି ନୂତନ କମ୍ପାନୀର ତାଲିକାଭୁକ୍ତ ମଧ୍ୟରେ ତୁଳନା କରିଛନ୍ତି। ଶ୍ରୀ ଅଗ୍ରୱାଲ୍ ଲେଖିଛନ୍ତି ଯେ ସେହି ସମୟରେ ଆମେ ଏକ ବିହନ ବୁଣିଥିଲୁ। ଆଜି ଏହି ଶକ୍ତିଶାଳୀ ଗଛ ଗୁଡ଼ିକ ନିଜ ଗୋଡ଼ରେ ଠିଆ ହେବା ପାଇଁ ପ୍ରସ୍ତୁତ। ଏହି ତାଲିକାଭୁକ୍ତ ସେମାନଙ୍କ ଯାତ୍ରାର କେବଳ ଆରମ୍ଭକୁ ପ୍ରତିନିଧିତ୍ୱ କରୁଛି। ସେ ଆତ୍ମବିଶ୍ୱାସ ବ୍ୟକ୍ତ କରିଛନ୍ତି ଯେ, ପ୍ରତ୍ୟେକ ନୂତନ ଭାବେ ତାଲିକାଭୁକ୍ତ ବ୍ୟବସାୟର ସମୟକ୍ରମେ ଏକ ୧୦୦ ବିଲିୟନ ଆମେରିକୀୟ ଡଲାରର କମ୍ପାନୀରେ ପରିଣତ ହେବାର ସାମର୍ଥ୍ୟ ରହିଛି। ସେ ଅଂଶଧନକାରୀ, ସରକାରୀ କର୍ତ୍ତୃପକ୍ଷ, ଅଂଶୀଦାର ଓ ବେଦାନ୍ତର ଲକ୍ଷାଧିକ କର୍ମଚାରୀମାନଙ୍କୁ ସେମାନଙ୍କର ବିଶ୍ୱାସ ଓ ସମର୍ଥନ ପାଇଁ ଧନ୍ୟବାଦ ଜଣାଇଛନ୍ତି ଯାହା ଗ୍ରୁପ୍‌ର ଯାତ୍ରାକୁ ସମ୍ଭବ କରିଛି। ସେ ଆହୁରି ମଧ୍ୟ କହିଛନ୍ତି ଯେ ଯେହେତୁ ବ୍ୟବସାୟଗୁଡ଼ିକ ସେମାନଙ୍କର ପରବର୍ତ୍ତୀ ପର୍ଯ୍ୟାୟର ଅଭିବୃଦ୍ଧିକୁ ଆଗକୁ ବଢ଼ାଉଛନ୍ତି, ତେଣୁ ସେମାନଙ୍କର ନିରନ୍ତର ସମର୍ଥନ ଗୁରୁତ୍ୱପୂର୍ଣ୍ଣ ରହିବ।

ଭାରତର ଅର୍ଥନୈତିକ ଦୃଷ୍ଟିକୋଣକୁ ଆଲୋକପାତ କରି ଅଗ୍ରୱାଲ କହିଛନ୍ତି ଯେ, ଏହି ବ୍ୟବସାୟଗୁଡ଼ିକ ଏକ ଦେଶର ଦୀର୍ଘକାଳୀନ ଆବଶ୍ୟକତାକୁ ନେଇ ଗଠିତ ହୋଇଛି ଯାହା ଆଗାମୀ ତିନିବର୍ଷ ମଧ୍ୟରେ ବିଶ୍ୱର ତୃତୀୟ ବୃହତ୍ତମ ଅର୍ଥନୀତି ହେବା ପଥରେ ଅଛି। ସେ ଉଲ୍ଲେଖ କରିଛନ୍ତି ଯେ ଏହି କମ୍ପାନୀଗୁଡ଼ିକ ଦ୍ୱାରା ଉତ୍ପାଦିତ ଉତ୍ପାଦ ଏବଂ ସମ୍ପଦଗୁଡ଼ିକର ଚାହିଦା ଦୁଇ ଅଙ୍କ ବିଶିଷ୍ଟ ଗତିରେ ବୃଦ୍ଧି ପାଉଛି, ଯାହା ସମ୍ପ୍ରସାରଣ ପାଇଁ ଗୁରୁତ୍ୱପୂର୍ଣ୍ଣ ସୁଯୋଗ ସୃଷ୍ଟି କରୁଛି। ଅଗ୍ରୱାଲଙ୍କ ଅନୁଯାୟୀ ଅନେକ କ୍ଷେତ୍ରରେ ଏକ ବଡ଼ ଚାହିଦା-ଯୋଗାଣ ବ୍ୟବଧାନ ରହିଛି, ଯାହା ଘରୋଇ ଉତ୍ପାଦନକାରୀଙ୍କ ପାଇଁ ସୁଯୋଗ ସୃଷ୍ଟି କରୁଛି। ସେ କହିଛନ୍ତି ଯେ ଚାରୋଟି ନୂତନ ଭାବେ ତାଲିକାଭୁକ୍ତ କମ୍ପାନୀ, ବେଦାନ୍ତ ଲିମିଟେଡ୍ ଏବଂ ହିନ୍ଦୁସ୍ତାନ ଜିଙ୍କ ସହିତ ମିଶି ଏହି ସୁଯୋଗଗୁଡ଼ିକର ଲାଭ ଉଠାଇବା ଏବଂ ଭାରତର ଅଭିବୃଦ୍ଧି କାହାଣୀରେ ଯୋଗଦାନ ଦେବାପାଇଁ ସୁଦୃଢ଼ ସ୍ଥିତିରେ ଅଛନ୍ତି। ଅଗ୍ରୱାଲ ବେଦାନ୍ତ ଗ୍ରୁପ୍‌ର ମୂଲ୍ୟ ସୃଷ୍ଟିର ଟ୍ରାକ୍‌ରେ କର୍ଡକୁ ମଧ୍ୟ ଆଲୋକପାତ କରିଛନ୍ତି ଏବଂ ଉଲ୍ଲେଖ କରିଛନ୍ତି ଯେ, କମ୍ପାନୀ ବିଗତ ପାଞ୍ଚବର୍ଷ ମଧ୍ୟରେ ୩୦୦ ପ୍ରତିଶତର ମୋଟ୍ ଅଂଶଧନକାରୀ ରିଟର୍ଣ୍ଣ ଏବଂ ୬୦ ପ୍ରତିଶତର ଲାଭାଂଶ ଲାଭ ପ୍ରଦାନ କରିଛି। ମୋ ପାଇଁ ପ୍ରତ୍ୟେକ ଅଂଶଧନକାରୀ ଗୁରୁତ୍ୱପୂର୍ଣ୍ଣ। ସେମାନଙ୍କର ବିନିଯୋଗର ଆକାର ଯାହାହେଉନା କାହିଁକି, ସେ ନିବେଶକ ମାନଙ୍କ ପାଇଁ ଦୀର୍ଘକାଳୀନ ମୂଲ୍ୟ ସୃଷ୍ଟି କରିବା ପାଇଁ ଗ୍ରୁପ୍‌ର ପ୍ରତିବଦ୍ଧତାକୁ ଦୋହରାଇଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି ଯେ ପ୍ରତ୍ୟେକ ବେଦାନ୍ତ କମ୍ପାନୀ ଆଗାମୀ ବର୍ଷଗୁଡ଼ିକରେ ମହତ୍ୱାକାଂକ୍ଷୀ ଅଭିବୃଦ୍ଧି ଲକ୍ଷ୍ୟ ହାସଲ କରିବା ଜାରିରଖିବେ ଏବଂ କହିଛନ୍ତି ଯେ ଅଂଶୀଦାରମାନଙ୍କର ବିଶ୍ୱାସ ଏବଂ ସମର୍ଥନ ଗ୍ରୁପ୍‌ର ପରବର୍ତ୍ତୀ ଅଧ୍ୟାୟର ଅଭିବୃଦ୍ଧି ପାଇଁ ମୂଳଦୁଆ ହୋଇ ରହିବ।

# ମଦ ଜବତ:ମହିଳାଙ୍କ ସମେତ ୯ କୋର୍ଟ ଚାଲାଣ

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡ଼ା ଜିଲ୍ଲାପାଳ ରଘୁରାମ୍ ଆର୍. ଆୟାରଙ୍କ ନିର୍ଦ୍ଦେଶକ୍ରମେ ଜିଲ୍ଲା ଅବକାରୀ ଅଧିକ୍ଷକ ବିପ୍ରଚରଣ ମଣ୍ଡଳଙ୍କ ନେତୃତ୍ୱରେ ବିଭିନ୍ନ ସ୍ଥାନରେ ଚଢ଼ଉ କରି ତାଙ୍କ ପାଖରୁ ଚୋରା ମଦ ଜବତ କରି କୋର୍ଟ ଚାଲାଣ କରାଯାଇଛି। ଏହି ଅଭିଯୁକ୍ତମାନେ ହେଲେ ଠାକୁର ପାଟଣା ଗ୍ରାମର ଜାକିର୍ ଖାନ୍, ଚାଟରାପାଟଣାର ରଘୁନାଥ ନାୟକ, ବାଘିଲୋର ଅକ୍ଷୟ କୁମାର ମଲ୍ଲିକ, ପଞ୍ଚୁପାଣ୍ଡବର ସନ୍ତୋଷ ସେଠୀ, ରାଜନଗରର ସର୍ବେଶ୍ୱର ମଲ୍ଲିକ, ବଳରାମ ସେଠୀ, ଅନିରୁଦ୍ଧ ମଲ୍ଲିକ, ଲକ୍ଷ୍ମୀପ୍ରିୟା ବେହେରା, ସାନ୍ତସାହିର ସନ୍ଦୀପ ସୁବ୍ରମନ୍ୟମ୍‌ଙ୍କ ନିକଟରୁ ମଟର ସାଇକେଲ୍ ସହ ଚୋରା ଦେଶୀ ଓ ବିଦେଶୀ ମଦ ଜବତ କରି ଏମାନଙ୍କୁ କୋର୍ଟ ଚାଲାଣ କରାଯାଇଛି। ଏହି ଚଢ଼ଉ ସମୟରେ ଉପନିରୀକ୍ଷକ ପ୍ରିୟଦର୍ଶୀ ମାନସରଞ୍ଜନ ମିଶ୍ର, ରତ୍ନପ୍ରଭା ସ୍ୱାଇଁ ଓ ଅନ୍ୟ କର୍ମଚାରୀମାନେ ଉପସ୍ଥିତ ଥିଲେ।

# ଜୈବିକ ଓ ପ୍ରାକୃତିକ କୃଷିକୁ ପ୍ରୋତ୍ସାହନ ଦେବା ଉପରେ ଗୁରୁତ୍ୱାରୋପ

**ବରଗଡ଼, ନ୍ୟୁଜ୍ ବ୍ୟୁରୋ**

ରାଜ୍ୟ ସରକାରଙ୍କ ଦୁଇ ବର୍ଷ ପୂର୍ତ୍ତି ଉପଲକ୍ଷେ ସମଗ୍ର ରାଜ୍ୟରେ ବିଭିନ୍ନ ଜନକଲ୍ୟାଣମୂଳକ କାର୍ଯ୍ୟକ୍ରମ ଆୟୋଜିତ ହେଉଥିବା ପରିପ୍ରେକ୍ଷୀରେ ବରଗଡ଼ ଜିଲ୍ଲା ସ୍ତରରେ "ଜୈବିକ ଓ ପ୍ରାକୃତିକ କୃଷି କର୍ମଶାଳା" ସ୍ଥାନୀୟ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ବରଗଡ଼ ବିଧାୟକ ଅଶ୍ୱିନୀ କୁମାର ଷଡ଼ଙ୍ଗୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜୈବିକ ଓ ପ୍ରାକୃତିକ କୃଷିର ପ୍ରସାର ମାଧ୍ୟମରେ ବରଗଡ଼ ଜିଲ୍ଲାକୁ ଏକ ବିଷମୁକ୍ତ ଓ ସୁସ୍ଥ କୃଷି ବ୍ୟବସ୍ଥାର ଦୃଷ୍ଟାନ୍ତମୂଳକ ଜିଲ୍ଲାରେ ପରିଣତ କରିବାକୁ ଚାଷୀମାନଙ୍କୁ ଆହ୍ୱାନ କରିଥିଲେ। ସେ କହିଥିଲେ ଯେ, ରାଜ୍ୟ ସରକାର ଜୈବିକ ଓ ପ୍ରାକୃତିକ କୃଷିକୁ ପ୍ରୋତ୍ସାହନ ଦେବା ଲକ୍ଷ୍ୟରେ ଚଳିତ ବର୍ଷ ପଦ୍ମପୁର, ଝାରବନ୍ଧ, ଗାଇସିଲେଟ, ପାଇକମାଳ ଓ ବରଗଡ଼ ବ୍ଲକକୁ ଏହି କାର୍ଯ୍ୟକ୍ରମରେ ସାମିଲ କରିଛନ୍ତି। ସେହିପରି "ଅମୃତ ଅନ୍ନ" ଯୋଜନାରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଜଠଭୋଗ ନିମନ୍ତେ ବରଗଡ଼ ଜିଲ୍ଲାକୁ ଚୟନ କରାଯାଇଥିବା ଜିଲ୍ଲା ପାଇଁ ଗୌରବର ବିଷୟ ବୋଲି ସେ ମତ ପ୍ରକାଶ କରିଥିଲେ। ବରଗଡ଼ ପୌରାଧ୍ୟକ୍ଷା କଳ୍ପନା ମାଝୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ରାସାୟନିକ ସାର ଓ କୀଟନାଶକର ବ୍ୟବହାର ହ୍ରାସ କରି ଜୈବିକ ସାର ଏବଂ ଜୈବ କୀଟନାଶକର ବ୍ୟବହାର ବୃଦ୍ଧି କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଅତିରିକ୍ତ ଜିଲ୍ଲାପାଳ ମଧୁଚ୍ଛନ୍ଦା ସାହୁ ଜୈବିକ ଓ ପ୍ରାକୃତିକ କୃଷିକୁ ଆପଣେଇ ସୁସ୍ଥ ଜୀବନଶୈଳୀ ଏବଂ ସୁରକ୍ଷିତ ଖାଦ୍ୟ ବ୍ୟବସ୍ଥା ଗଠନ ଦିଗରେ ସମସ୍ତଙ୍କ ସହଭାଗିତାର ଆବଶ୍ୟକତା ଉପରେ ମତବ୍ୟକ୍ତ କରିଥିଲେ। ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଲୋଚନ ଚନ୍ଦ୍ର ମାଝୀଙ୍କ ସମେତ ସହକାରୀ କୃଷି ନିର୍ଦ୍ଦେଶକ ଡ. ଅଞ୍ଜନ କୁମାର ନାୟକ କର୍ମଶାଳାର ଉଦ୍ଦେଶ୍ୟ ଏବଂ ଜୈବିକ କୃଷି କ୍ଷେତ୍ରରେ ସରକାରଙ୍କ ବିଭିନ୍ନ ପଦକ୍ଷେପ ସମ୍ପର୍କରେ ସୂଚନା ପ୍ରଦାନ କରିଥିବା ବେଳେ କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ତଥା ମୁଖ୍ୟ ନୃସିଂହ ଚରଣ ବାରିକ ଏବଂ କୃଷି ଅଧିକାରୀ, ପଦ୍ମପୁର ପ୍ରଭାସ ଚନ୍ଦ୍ର ପଣ୍ଡା ଜୈବିକ ଓ ପ୍ରାକୃତିକ କୃଷିର ବୈଜ୍ଞାନିକ ପଦ୍ଧତି, ମୃତ୍ତିକା ସ୍ୱାସ୍ଥ୍ୟ ପରିଚାଳନା, ଜୈବିକ ସାର ଓ ଜୈବ କୀଟନାଶକ ବ୍ୟବହାର ଆଦି ବିଷୟରେ ଜିଲ୍ଲାର ବିଭିନ୍ନ ବ୍ଲକରୁ ଆସିଥିବା ଚାଷୀମାନଙ୍କୁ ବୈଷୟିକ ତାଲିମ୍ ପ୍ରଦାନ କରିଥିଲେ। ଏହି ଅବସରରେ ଜୈବିକ କୃଷିର ପ୍ରଚାର ଓ ପ୍ରସାର କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ରଖିଥିବା ଝାରବନ୍ଧ ବ୍ଲକର ମଳୟ ପ୍ରଧାନ, ପଦ୍ମପୁର ବ୍ଲକର ଅନନ୍ତ ମୁରାରୀ ହୋତା, ପାଇକମାଳ ବ୍ଲକର କମଳା ବିଝି, ଗାଇସିଲେଟ ବ୍ଲକର ଭଗବାନ ସାହୁ ଏବଂ ବରଗଡ଼ ବ୍ଲକର ବିନୋଦ ସାହୁଙ୍କୁ ଜିଲ୍ଲା ପ୍ରଶାସନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା।



# ବୈଦ୍ୟନାଥେଶ୍ୱର ମନ୍ଦିରରେ ଦେବ ଦମ୍ପତିଙ୍କ ବିବାହ ସମ୍ପନ୍ନ

**ଉମରକୋଟ, ନ୍ୟୁଜ୍ ବ୍ୟୁରୋ**

ଉମରକୋଟ ସ୍ଥିତ ବାବା ବୈଦ୍ୟନାଥେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଦେବ ଲୋକ ରୀତିନୀତି ଅନୁସାରେ ବାବା ଶଙ୍କର ଓ ମାତା ପାର୍ବତୀଙ୍କର ବିବାହ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସନାତନ ସଂସ୍କୃତି ପରମ୍ପରା ଅନୁଯାଇ ମାନବ ସମାଜରେ ଯେଉଁଭଳି ବିବାହ କାର୍ଯ୍ୟ କରାଯାଏ ସେହିଭଳି ଦେବ ଦମ୍ପତିଙ୍କ ବିବାହ କାର୍ଯ୍ୟ କଳିଙ୍ଗ କଳା ସାଂସ୍କୃତିକ ଯୁବ ପରିଷଦ ପକ୍ଷରୁ ଗୁଲିପାଟଣା ବାବା ବୈଦ୍ୟନାଥେଶ୍ୱର ମନ୍ଦିର ପ୍ରାଙ୍ଗଣ ଠାରେ ମହାଆଡମ୍ବର ସହ ଦେବଦମ୍ପତିଙ୍କ ବିବାହ କାର୍ଯ୍ୟ ସମ୍ପନ୍ନ ହୋଇଥିଲା। ବୁଧବାର ଦିନ କନ୍ୟା ପିତାଙ୍କ ଘରେ ପୁରୋହିତ ଲକ୍ଷ୍ମୀ ତ୍ରିପାଠୀ ଦେବ ଦାମ୍ପତିଙ୍କ ନିର୍ବନ୍ଧ କାର୍ଯ୍ୟ କରିଥିଲେ। ଗୁରୁବାର ସନ୍ଧ୍ୟା ୫ ଟା ସମୟରେ ବର ପିତା ମାତା ପ୍ରିୟତମା ପଣ୍ଡା ଓ ଅର୍ଜୁନ ପଣ୍ଡାଙ୍କ ଘର ସମ୍ମୁଖରେ ବାବା ବୈଦ୍ୟନାଥଙ୍କ ଫଟୋ ଚିତ୍ରକୁ ଅଳଙ୍କାର, ସୁଗନ୍ଧିତ ପୁଷ୍ପମାଳ ପରିଧାନ କରାଯାଇ ବର ବେଶରେ ସୁସଜ୍ଜିତ କରାଯାଇଥିଲା। ବର ପିତାଙ୍କ ଘରୁ ସନ୍ଧ୍ୟା ୫ଟା ସମୟରେ ବରଯାତ୍ରୀ ବାହାରି ଗୁଲିପାଟଣା ସ୍ଥିତ ମନ୍ଦିରରେ ପହଞ୍ଚିଥିଲା। ଏହି ସମୟରେ ବାଣ, ବାଜା, ଆତସବାଜିରେ ସ୍ଥାନୀୟ ଲୋକେ ବରଯାତ୍ରି ସାଜି ବାବାଙ୍କୁ ପାଛୋଟି ଆଣିଥିଲେ। ଏହି ଶୋଭାଯାତ୍ରାରେ ପ୍ରାୟ ୧୦୦୦ରୁ ଉର୍ଦ୍ଧ୍ୱ ଶ୍ରଦ୍ଧାଳୁ ଯୋଗ ଦେଇଥିଲେ। କନ୍ୟା ପିତା ନମିତା ପାଢ଼ୀ, ପ୍ରଦୀପ କୁମାର ପାଢ଼ୀ ଏବଂ ପରିବାର ସଦସ୍ୟ ଭଗବାନ ଶିବଙ୍କ ବରଯାତ୍ରୀ ବୈଦ୍ୟନାଥ ମନ୍ଦିର ଠାରେ ପହୁଞ୍ଚିଆର ପହଞ୍ଚିବା ପରେ ବାଟବରଣ କରି ବିବାହ ବେଦୀକୁ ପାଛୋଟି ନେଇଥିଲେ। ପରେ ବିବାହ କାର୍ଯ୍ୟ ଆରମ୍ଭ ହୋଇଥିଲା। ରାତି ୯.୩୦ ରୁ ୧୦.୧୫ ମଧ୍ୟରେ ହସ୍ତଗଣ୍ଠି ପଡ଼ିଥିଲା। ମନ୍ଦିର କମିଟି ପକ୍ଷରୁ ପ୍ରାୟ ୩୦୦୦ ଲୋକଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା। ମନ୍ଦିରକୁ ଫୁଲ ଓ ରଙ୍ଗୀରଙ୍ଗ ଆଲୋକ ମାଳାରେ ସଜ୍ଜିତ କରାଯାଇଥିଲା। ମହାଦେବଙ୍କ ଏହି କାର୍ଯ୍ୟକ୍ରମରେ ଅଞ୍ଚଳର ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇଥିଲେ। ଗୁଲିପାଟଣା ମନ୍ଦିରରେ ଶୀତଳ ଷଷ୍ଠୀର ଏହି କାର୍ଯ୍ୟକ୍ରମଟି ୨୦୧୨ରୁ ଆରମ୍ଭ କରାଯାଇଥିଲା। କାର୍ଯ୍ୟକ୍ରମରେ କଳିଙ୍ଗ କଳା ଓ ସାଂସ୍କୃତିକ ଯୁବ ପରିଷଦର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।



## ବ୍ଲକ ସମ୍ମୁଖରେ ବିଜେଡ଼ିର ରଣ ହୁଙ୍କାର

# ସାଧାରଣ ଲୋକଙ୍କ ପାଇଁ ଲଢ଼େଇ ଜାରି ରଖିବି:ସାନନ୍ଦ

**ବାରିପଦା, ନ୍ୟୁଜ୍ ବ୍ୟୁରୋ**

ବାରିପଦା ବ୍ଲକ୍ ସମ୍ମୁଖରେ ବିଜୁ ଜନତା ଦଳ ପକ୍ଷରୁ ଏକ ବିଶାଳ ବିକ୍ଷୋଭ, ବ୍ଲକ୍ ଘେରାଉ ଓ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ବୃଦ୍ଧ, ବିଧବା, ଭିନ୍ନକ୍ଷମ ଏବଂ ଅନ୍ୟାନ୍ୟ ଯୋଗ୍ୟ ହିତାଧିକାରୀଙ୍କୁ ତୁରନ୍ତ ଭତ୍ତା ପ୍ରଦାନ, ବ୍ଲକ୍‌ରେ ଚାଲିଥିବା ତଥାକଥିତ ପିସି କାରବାର ଏବଂ ଅଧିକାରୀଙ୍କ ମନମୁଖୀ କାର୍ଯ୍ୟଶୈଳୀର ପ୍ରତିବାଦରେ ୪,୦୦୦ରୁ ଅଧିକ ବିଜେଡି କର୍ମୀ, ଶୁଭେଚ୍ଛୁ ଓ ନେତୃମଣ୍ଡଳୀ ସାମିଲ ହୋଇଥିଲେ। ପାଲବାଣୀ ଦୁର୍ଗାପୂଜା ମଣ୍ଡପରୁ ହଜାର ହଜାର କର୍ମୀ ୪୦ ଡିଗ୍ରୀ ଖରାକୁ ଭ୍ରୂକ୍ଷେପ ନକରି ନିଜ ଅଧିକାର ପାଇଁ ରାଲିରେ ବାହାରି ବାରିପଦା ବ୍ଲକ୍ ଅଭିମୁଖେ ଅଗ୍ରସର ହୋଇଥିଲେ। ଖରାକୁ ଖାତିର ନକରି ଲୋକଙ୍କ ଏହି ଜନସ୍ରୋତ ବାରିପଦା ସହରରେ ଏକ ନିଆରା ଦୃଶ୍ୟ ସୃଷ୍ଟି କରିଥିଲା। ବିଜୁ ଜନତା ଦଳର ବରିଷ୍ଠ ରାଜ୍ୟ ସାଧାରଣ ସମ୍ପାଦକ ତଥା ପୂର୍ବତନ ଉପବାଚସ୍ପତି ସାନନ୍ଦ ମାର୍ଣ୍ଡିଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ବିକ୍ଷୋଭରେ ବାରିପଦା ବ୍ଲକ୍‌ର ୧୧ଟି ପଞ୍ଚାୟତରୁ ବହୁ ସଂଖ୍ୟକ ବୃଦ୍ଧ, ବୃଦ୍ଧା, ଭିନ୍ନକ୍ଷମ ଓ ସାଧାରଣ ଜନତା ଯୋଗଦେଇ ବ୍ଲକ୍ ପ୍ରଶାସନ ବିରୋଧରେ ନିଜର କ୍ଷୋଭ ପ୍ରକାଶ କରିଥିଲେ। ଆନ୍ଦୋଳନକାରୀମାନେ ଭତ୍ତା ପ୍ରଦାନରେ ବିଳମ୍ବ, ହିତାଧିକାରୀ ଚୟନରେ ପକ୍ଷପାତିତା ଏବଂ ଦୁର୍ନୀତି ଅଭିଯୋଗକୁ ନେଇ ବ୍ଲକ୍ ପ୍ରଶାସନକୁ ଘେରିଥିଲେ। ସଭାକୁ ସମ୍ବୋଧିତ କରି ସାନନ୍ଦ ମାର୍ଣ୍ଡି କହିଥିଲେ, "ସାଧାରଣ ଲୋକଙ୍କ ସ୍ୱାର୍ଥ ପାଇଁ ଶେଷ ରକ୍ତବିନ୍ଦୁ ପର୍ଯ୍ୟନ୍ତ ସଂଗ୍ରାମ ଜାରି ରହିବ। ଯଦି ତୁରନ୍ତ ଭତ୍ତା ପ୍ରଦାନ ଓ ଦୁର୍ନୀତି ବନ୍ଦ ନହୁଏ, ତେବେ ଏହି ଆନ୍ଦୋଳନକୁ ଆହୁରି ବ୍ୟାପକ ଏବଂ ତୀବ୍ର କରାଯିବ।" ସେ ବ୍ଲକ୍ ପ୍ରଶାସନକୁ ଚରମ ଚେତାବନୀ ଦେଇ କହିଥିଲେ ଯେ ଗରିବ ଲୋକଙ୍କ ଅଧିକାର ସହ ଆଉ ଖେଳ ଚାଲିବ ନାହିଁ। ଜିଲ୍ଲା ବିଜେଡି ସଭାପତି ତଥା ପୂର୍ବତନ ମନ୍ତ୍ରୀ ସୁଦାମ ମାର୍ଣ୍ଡି କହିଥିଲେ ଯେ, "ଭତ୍ତା ହେଉଛି ହିତାଧିକାରୀଙ୍କ ଅଧିକାର, କୌଣସି ଦୟା କିମ୍ବା ଅନୁଗ୍ରହ ନୁହେଁ।" ସେ ବ୍ଲକ୍‌ରେ ଚାଲିଥିବା ପିସି ପ୍ରଥା ଏବଂ ମନମୁଖୀ କାର୍ଯ୍ୟଶୈଳୀକୁ ତୀବ୍ର ନିନ୍ଦା କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଭାରତୀ ହାଁସଦା, ମୟୂରଭଞ୍ଜ ସଦର ଜିଲ୍ଲା ସଭାପତି ଡା. ଦେବାଶିଷ ମାର୍ଣ୍ଡି, ପୂର୍ବତନ ମନ୍ତ୍ରୀ ତଥା ସାଂସଦ ସରୋଜିନୀ ହେମ୍ବ୍ରମ, ପୂର୍ବତନ ବିଧାୟକ ଶ୍ରୀନାଥ ସୋରେନ, ରାଜକିଶୋର ଦାସ, ଗଣେଶ୍ୱର ପାତ୍ର, ବାରିପଦା ନଗରପାଳ କୃଷ୍ଣାନନ୍ଦ ମହାନ୍ତି, ରାଜ୍ୟ ସମ୍ପାଦକ ଦେବାଶିଷ ମହାନ୍ତି, ଜିତେନ୍ଦ୍ର ମହାନ୍ତି, ସୁବ୍ରମଣ୍ୟମ ମହାନ୍ତି, ବ୍ଲକ୍ ଅଧ୍ୟକ୍ଷ ସୁନ୍ଦର ସିଂ, ବାରିପଦା ବ୍ଲକ୍ ସଭାପତି ସୁଜିତ ମହାନ୍ତ, ବାରିପଦା ସହର ସଭାପତି ପ୍ରଭାତ ମହାନ୍ତି, ବରିଷ୍ଠ ନେତା ପ୍ରଭାତ ନାୟକ, ସତ୍ୟରଞ୍ଜନ ପଟ୍ଟନାୟକ, ସରୋଜ ମହାପାତ୍ର, ଲଲାଟେନ୍ଦୁ ବେହେରା, ଜିଲ୍ଲା ପରିଷଦ ସଦସ୍ୟ ନରେନ୍ଦ୍ର ହାଁସଦା, ହୃଦାନନ୍ଦ ମୁର୍ମୁ, ପୂର୍ବତନ ମହିଳା ବିଜେଡି ସଭାପତି ଦୀପ୍ତିଲତା ମିଶ୍ର, ଖଦି ବୋର୍ଡ ସଦସ୍ୟ ସରୋଜ ବୋଷ, ସୁଶାନ୍ତ ମିଶ୍ର, ସୁଶାନ୍ତ ପାସା, ପୂର୍ବତନ ଅଧ୍ୟକ୍ଷା ପାର୍ବତୀ ହେମ୍ବ୍ରମ, ବଶିଷ୍ଠ ନେତା ଦିଲ୍ଲୀପ ପାତ୍ର, ବୈଦ୍ୟନାଥ ସାହୁ, ସିମନ ହାଁସଦା, ଅଶୋକ ନାୟକ, ଗୌତମ ସିଂ, ସାଳାଇ ହେମ୍ବ୍ରମ, ମମତା ସେଠୀ, ପୁରୁଷୋତ୍ତମ ସିଂ, ସୁହାଗି ହାଁସଦା, ବିଶ୍ୱନାଥ ହେମ୍ବ୍ରମ, କୃଷ୍ଣ ଟୁଡୁ, ସୁମନ୍ତ ବେହେରା, ଜଗନ୍ନାଥ ବେଶ୍ରା, ରବି ନାୟକ, ଆକାଶ ମହାନ୍ତ, ଦିବ୍ୟାଲୋଚନ ମହାନ୍ତ, ମାନଜ କିଷ୍କୁ, ଅମର ସେଠୀ, କାଉନ୍ସିଲର ଅନନ୍ତ ଦାସ, ଶ୍ରାବଣୀ ଦାସ, ଶିବଶଙ୍କର ପାତ୍ର, ଦେବାଶିଷ ପାତ୍ର, ପ୍ରଭାତୀ ପୃଷ୍ଟି, ସୁଧୀର ବାରିକ, ମହେଶ ଭଞ୍ଜଦେଓ, ଜିତା ସିଂ, ଗୀତାରାଣୀ ବେହେରା, ରତ୍ନାକର ବେହେରା, ପ୍ରଶାନ୍ତ ବେହେରା, ଲିଟନ ମହାପାତ୍ର, ସନ୍ତୋଷ ପଟ୍ଟନାୟକ, ଅମ୍ବିକା ରାଉତ, ଯୁବ ସମ୍ପାଦକ ରାଜୀବ ଜେନା, ଅଭୟ ସିଂ, ଛାତ୍ର ଜିଲ୍ଲା ସଭାପତି ସୁନୀଲ ନାୟକ, ରାଜ୍ୟ ସାଧାରଣ ସମ୍ପାଦକ ଜିତ ପଟ୍ଟନାୟକ, ଚିତେଶ୍ୱର ବେହେରା, ବାରିପଦା ନିର୍ବାଚନମଣ୍ଡଳୀ ଛାତ୍ର ସଭାପତି ଆଭାସ ଦେ, ଦୀପକ ମଣ୍ଡୁଆଳ, ତରୁଣ ନାୟକ, ବଡସାହି ବ୍ଲକ୍ ଉପାଧ୍ୟକ୍ଷ କାଞ୍ଚନ ପ୍ରଧାନ, ଅମିତ ବଇଠା, ରାମଚନ୍ଦ୍ର ବିଶ୍ୱାଳ, ଦୀପକ ସାହୁ, ସମୀର ବେହେରା, ବିଶ୍ୱଜିତ ପରିଚ୍ଛା, ରାଜେଶ ପ୍ରହରାଜ, ଅମିତ୍ ମହାକୁଡ଼, ଶଙ୍କର ପାତ୍ର, ଅସ୍ମିତ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ବିକ୍ଷୋଭ ସ୍ଥଳରେ ଦଳୀୟ ସ୍ଲୋଗାନରେ ପରିବେଶ ପ୍ରକମ୍ପିତ ହୋଇଥିବା ବେଳେ, ଦାବି ପୂରଣ ନହେଲେ ଆଗାମୀ ଦିନରେ ଜିଲ୍ଲାବ୍ୟାପୀ ଗଣଆନ୍ଦୋଳନ ଗଢ଼ି ଉଠିବ ବୋଲି ନେତାମାନେ ସତର୍କ କରାଇଥିଲେ। ଏହି ସୂଚନା ବାରିପଦା ନିର୍ବାଚନ ମଣ୍ଡଳୀ ଛାତ୍ର ସଭାପତି ଆଭାସ ଦେ ଏକ ପ୍ରେସ୍ ବିବୃତ୍ତିରେ ଜଣାଇଛନ୍ତି।



# ନିର୍ମାଣାଧୀନ କାର୍ଯ୍ୟର ସମୀକ୍ଷା କଲେ ଜିଲ୍ଲାପାଳ

**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**

ରଜ ଛୁଟି ପରେ ସୋନପୁର ସହରରେ ତିଆରି ହେଉଥିବା ବସ୍‌ଷ୍ଟାଣ୍ଡକୁ ହଠାତ୍ ପରିଦର୍ଶନ କରି ନିର୍ମାଣ କାର୍ଯ୍ୟ ତଦାରଖ କଲେ ଜିଲ୍ଲାପାଳ ଡ଼ ନୃପରାଜ ସାହୁ। କାର୍ଯ୍ୟ ସବୁର ତଦାରଖ କରି ନିର୍ଦ୍ଧାରିତ ସମୟରେ ନିର୍ମାଣ କାର୍ଯ୍ୟ ସାରିବାକୁ ଓ ଉଚ୍ଚ ମାନ ତଥା କ୍ୱାଲିଟି କାମ ପାଇଁ ଦାୟିତ୍ୱରେ ଥିବା ଇଞ୍ଜିନିୟରଙ୍କୁ ନିର୍ଦ୍ଦେଶ ଦେଲେ। ଏହି ଗସ୍ତ ସମୟରେ ଜିଲ୍ଲାପାଳଙ୍କ ସମେତ ସହରର ସଚେତନ ନାଗରିକ ତଥା କର୍ମଯୋଗୀ ଗୋବିନ୍ଦ ମହାରଣା ଓ ବିଭାଗୀୟ ମୁଖ୍ୟଯନ୍ତ୍ରୀ ଉପସ୍ଥିତ ଥିଲେ। ରଜ ଛୁଟି ପୂର୍ବରୁ ମଧ ଜିଲ୍ଲାପାଳ ଡ଼ ସାହୁ ଏହି ତିଆରି ହେଉଥିବା ବସ୍‌ଷ୍ଟାଣ୍ଡର ନିର୍ମାଣ କାର୍ଯ୍ୟର ତଦାରଖ କରି ଅସ୍ଥାୟୀ ବସ୍‌ଷ୍ଟାଣ୍ଡର ନୂଆଁ ସେଡ୍ ତୁରନ୍ତ ନିର୍ମାଣ ପାଇଁ ପୌରପରିଷଦକୁ ନିର୍ଦ୍ଦେଶ ଦେଇଥିଲେ। ବସ୍ ଯାତ୍ରୀଙ୍କ ପାଇଁ ଉଦ୍ଦିଷ୍ଟ ସୁରକ୍ଷା ବ୍ୟବସ୍ଥା, ସ୍ୱଚ୍ଛତା, ପାନୀୟ ଜଳ, ଶୌଚାଳୟ ଇତ୍ୟାଦି ମୌଳିକ ସୁବିଧାର ଯାଞ୍ଚ କରିଥିଲେ। ପରେ ପରେ ସୋନପୁର ସହରର ବ୍ଲକ୍ ଛକରୁ ବଲାଙ୍ଗିର ରାସ୍ତାରେ ଓ ମହାନଦୀ ବ୍ରିଜ୍ ନିକଟରେ ନିର୍ମାଣ ହେବାକୁ ଥିବା ପୌରପରିଷଦର ଭବ୍ୟ ସ୍ୱାଗତଂ ଗେଟ୍ ନିର୍ମାଣ ସ୍ଥଳ ପରିଦର୍ଶନ କରି ଶୀଘ୍ର କାର୍ଯ୍ୟ ଶୁଭାରମ୍ଭ ପାଇଁ ପୌରପରିଷଦ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ।



# ହାଇୱା ଧକ୍କାରେ ସ୍କୁଟି ଚାଳକଙ୍କ ମୃତ୍ୟୁ

**ଧର୍ମଶାଳା, ନ୍ୟୁଜ୍ ବ୍ୟୁରୋ**

ଧର୍ମଶାଳା ଥାନା ଅନ୍ତର୍ଗତ ୫୩ନଂ ଜାତୀୟ ରାଜପଥର ସୁଭଦ୍ରାପୁର ନିକଟରେ ହାଇୱା ଧକ୍କାରେ ଜଣେ ସ୍କୁଟି ଚାଳକଙ୍କର ମୃତ୍ୟୁ ଘଟିଛି। ଗୁରୁବାର ଅପରାହ୍ନରେ ବଡ଼ଚଣା ଦେଉଳକୁଳ ଗ୍ରାମର ପୂର୍ବତନ ସମିତିସଭ୍ୟ ସ୍କୁଟିରେ ଯାଉଥିବା ସମୟରେ ପଛରୁ ହାଇୱା ଧକ୍କା ଦେଇଥିଲା। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଛି। ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା। ପୋଲିସ ଦୁର୍ଘଟଣା ସ୍ଥଳରେ ପହଞ୍ଚି ଶବ ବ୍ୟବଚ୍ଛେଦ ପାଇଁ ପଠାଇ ଘଟଣାର ତଦନ୍ତ ଆରମ୍ଭ କରିଛି।



# ରେଲୱେ ବ୍ରିଜ୍ ତଳୁ ଲାଗିଥିବା ଦୋଳି ହଟାଇଲା ଜିଆର୍‌ପି

**କଟକ, ନ୍ୟୁଜ୍ ବ୍ୟୁରୋ**

ରେଳ ବ୍ରିଜ୍ ତଳେ ଦୋଳି। ଶୁଣିବାକୁ ଆଶ୍ଚର୍ଯ୍ୟ ଲାଗୁଥିଲେ ବି ବିଲ୍‌କୁଲ୍ ସତ ଘଟଣା। କଟକ ବାରଙ୍ଗ କଣ୍ଟାପାଟଣା ନିକଟରେ ଦେଖିବାକୁ ମିଳିଛି କିଛି ଏଭଳି ଦୃଶ୍ୟ। ପୁରୀ ମେନ୍ କେନାଲ୍‌ର ରେଲୱେ ବ୍ରିଜ୍ ତଳେ ରସି ଲଗାଇ ଦୋଳି ହୋଇଛି। ଏଇ ଦୋଳିରେ ଝୁଲୁଛନ୍ତି କିଛି ପିଲା। ଘଟଣାର ଭିଡିଓ ସାମ୍ନାକୁ ଆସିବା ପରେ ଜିଆର୍‌ପି ପହଞ୍ଚି ଦୋଳିକୁ ବାହାର କରିଛି। ରଜ ବେଳେ କିଛି ଅସାମାଜିକ ଯୁବକ ଏଭଳି ଦୋଳି ବାନ୍ଧିଥିବା ସୂଚନା ମିଳିଛି। ଉପରେ ଟ୍ରେନ୍, ତଳେ କେନାଲ ପାଣି ଏତେ ବିପଦଜନକ ଭାବେ ଦୋଳି କିଏ ବାନ୍ଧିଲା ଓ କିଏ ଏମିତି ଖେଳୁଛି ତାକୁ ନେଇ ତଦନ୍ତ ବି ଚାଲିଛି। ଏମିତି ଖେଳ ଜୀବନ ପ୍ରତି ବିପଦଜନକ।

# ପ୍ରକୃତି ଓ ନାରୀକୁ ସମ୍ମାନ ଦେବା ରଜ ପର୍ବ ପାଳନର ମୁଖ୍ୟ ଉଦ୍ଦେଶ୍ୟ

**ରାଉରକେଲା, ନ୍ୟୁଜ୍**

ଯୁବ ହଷ୍ଟେଲ ରାଉରକେଲା ଶାଖା ଦ୍ୱାରା ରଜ ଉତ୍ସବ ପାଳିତ ହୋଇଯାଇଛି। ହଷ୍ଟେଲର ସଭାପତି ପ୍ରତାପ କୁମାର ସ୍ୱାଇଁଙ୍କ ଅଧ୍ୟକ୍ଷତା ଓ ମୋନାଲିସା ଗୌଡଙ୍କ ସଂଯୋଜନାରେ ଆୟୋଜିତ ଏହି ଉତ୍ସବରେ ସାଧାରଣ ସମ୍ପାଦକ ନିରଞ୍ଜନ ବେହେରା କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ସଭାପତି ଶ୍ରୀ ସ୍ୱାଇଁ ସଭାପତିତ୍ୱ ପୋଡ଼ପିଠା, ପାନ ଭଙ୍ଗା, କ୍ୟାଟ୍ ୱାକ୍, ତକିଆ ଖେଳ, ମଣ୍ଡା ପିଠା ପ୍ରତିଯୋଗିତା କରାଯାଇ କୃତିତ୍ୱ ହାସଲ କରିଥିବା ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରତିଯୋଗିତାର ବିଚାରକ ଭାବେ ଗାୟତ୍ରୀ ମହାନ୍ତି ଓ ସୁଜାତା ରାଣୀ ମହାପାତ୍ର ଦାୟିତ୍ୱ ତୁଲାଇଥିବାରୁ ସେମାନଙ୍କୁ ଅନୁଷ୍ଠାନ ତରଫରୁ ସମ୍ମାନିତ କରାଯାଇଥିଲା। ସସ୍ମିତା ପ୍ରଧାନ ରଜ ସମ୍ପର୍କରେ କବିତା ପାଠ




ଅଭିଭାଷଣ ସହ ପ୍ରକୃତି ଓ ନାରୀ ଜାତିକୁ ଆରାମ ତଥା ସମ୍ମାନ ଦେବା ଉଦ୍ଦେଶ୍ୟରେ ଏହି ପର୍ବ ପାଳନ କରାଯାଉଥିବା ବେଳେ ଅନୁଷ୍ଠାନର ସମସ୍ତ ସଦସ୍ୟ ସଦସ୍ୟା ଓ କର୍ମକର୍ତ୍ତାଙ୍କ ସହଯୋଗରେ ଏତେ ସୁନ୍ଦର କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିବାରୁ ସମସ୍ତଙ୍କୁ ଅଭିନନ୍ଦନ ଜଣାଇଥିଲେ। ସଭାପତି ଶ୍ରୀ ସ୍ୱାଇଁ ରଜଦୋଳି ଉଦ୍‌ଘାଟନ କରିଥିବା ବେଳେ ସମସ୍ତ ସଦସ୍ୟା ଦୋଳିର ମଜା ଉଠାଇଥିଲେ। ଏହି ଅବସରରେ କରିଥିଲା ବେଳେ ସାଗର ଜେନା ଗ୍ରୁପ୍ ଓ ଅର୍ଚ୍ଚନା ସାହୁ ଗ୍ରୁପ୍ ତରଫରୁ ନୃତ୍ୟ ପରିବେଷଣ କରାଯାଇଥିଲା। ଶେଷରେ କୋଷାଧ୍ୟକ୍ଷ ସଚ୍ଚିଦାନନ୍ଦ ଲେଙ୍କା ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ସରୋଜ ପଟ୍ଟନାୟକ, ସମରକାନ୍ତ ମଲ୍ଲିକ ପ୍ରମୁଖ ସହଯୋଗ କରିଥିଲେ। ଉପସ୍ଥିତ ସମସ୍ତ ସଦସ୍ୟ ଓ ଅତିଥି ମାନଙ୍କୁ ସୁସ୍ୱାଦୁ ବ୍ୟଞ୍ଜନରେ ଆପ୍ୟାୟିତ କରାଯାଇଥିଲା।

# ଆଜିର ଭଲମନ୍ଦ



**ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ**
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଆ ପାଞ୍ଜି ଗଣନାକାର)
ମୋବାଇଲ-୯୩୩୭୬୯୩୦୨୨
csnastrology@gmail.com

**ଉଦୟକାଳୀନ ଗ୍ରହଚକ୍ର**




ସନ- ୧୪୩୩ ସାଲ, ଶକାବ୍ଦ- ୧୯୪୩, ସମ୍ବତ୍- ୨୦୮୧, ହିଜରୀ- ୧୪୪୭, କଳିଯୁଗାବ୍ଦ- ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ- ଅ୬୯ଙ୍କ

**ତା୨୦।୦୬।୨୦୨୬, ଜ୍ୟୈଷ୍ଠ ଦ୬ନ, ଶନିବାର**

**ସୂର୍ଯ୍ୟୋଦୟ- ଘ ୫।୦୯।୪୦** **ଚନ୍ଦ୍ରୋଦୟ- ଦିଘ ୧୦।୨୨।୦୯**

ଷଷ୍ଠୀ ଦିଘ ୩।୪୮ ପର୍ଯ୍ୟନ୍ତ, ମଘା ନକ୍ଷତ୍ର ଦିଘ ୯।୨୯ ପର୍ଯ୍ୟନ୍ତ। **ସିଂହ ଚନ୍ଦ୍ର-** ଅହୋରାତ୍ର। **ଚନ୍ଦ୍ରଶୁଦ୍ଧି-** ମେଷ, ମିଥୁନ, ସିଂହ, ତୁଳା, ବିଛା, ଧନୁ, କୁମ୍ଭ, ମୀନ ରାଶିର। **ଘାତଚନ୍ଦ୍ର-** କର୍କଟ ଓ ମକର ରାଶିର। **ଶ୍ରାଦ୍ଧନିର୍ଣ୍ଣୟ-** ଷଷ୍ଠୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। **ନିଷିଦ୍ଧ ଖାଦ୍ୟ-** ନିମ୍ବ ଦିଘ ୩।୪୮ ଗତେ ତାଳ ଖାଇବା ମନା। **ଆଜିର ଶୁଭବେଳା-** ଦିଘ ୧୦।୧୧ ଗତେ ଦିଘ ୧୨।୧୫ ମଧ୍ୟେ। ଦିଘ ୩।୦୮ ଗତେ ଦିଘ ୩।୪୭ ମଧ୍ୟେ। **ପର୍ବୋତ୍ସବ-** ଶ୍ରୀମନ୍ଦିରରେ ଶୀତଳଷଷ୍ଠୀ ଓ ଜଳକ୍ରୀଡ଼ା।

**ମେଷ:** ପ୍ରତୀକ୍ଷିତ ଖବରଟି ପାଇ ଖୁସି ହେବେ। ବ୍ୟବସାୟରେ ଲାଭବାନ୍ ହେବେ। ଆର୍ଥିକ ସ୍ଥିତି ଭଲ ରହିବ। ପାରିବାରିକ ସୁଖ ଶାନ୍ତି ବିରାଜମାନ କରିବ। ମହିଳାମାନେ ସୁଖୀ ହେବେ। ଭ୍ରମଣ ମଧ୍ୟ କରିପାରନ୍ତି।

**ବୃଷ:** ପରିଶ୍ରମ ଅନୁସାରେ ପାରିଶ୍ରମିକ ମନୋନିତ ହେବନାହିଁ। ବିବାଦୀୟ କ୍ଷେତ୍ରରୁ ଦୂରେଇ ରହିବେ। ଆୟ ଠାରୁ ବ୍ୟୟର ମାତ୍ରା ଅଧିକ ହେବ। ପାରିବାରିକ ଅଶାନ୍ତି ଓ କଳହ ଦେଖାଦେବ। ମନ ଅସ୍ଥିର ରହିବ।

**ମିଥୁନ:** ଚାକିରୀକ୍ଷେତ୍ରରେ ଉନ୍ନତି ଦେଖାଦେବ। ଶତ୍ରୁମାନେ ପରାସ୍ତ ହେବେ। ଆୟ ଓ ବ୍ୟୟ ସମାନ ରହିବ। ଘରେ ସୁଖ ଶାନ୍ତି ଲାଭ ହେବ। ମାଲିମୋକଦ୍ଦମାରେ ଶୁଣାଣି ସାପେକ୍ଷ ଜନିତ ହେବ। ଦେହ ଭଲ ରହିବ।

**କର୍କଟ:** ଆଜି ଆପଣଙ୍କର ଦିନଟି ସେତେ ଆନନ୍ଦଦାୟକ ହେବନାହିଁ। କାର୍ଯ୍ୟକ୍ଷେତ୍ରରେ ସମସ୍ୟା ଦେଖାଦେବ। ଆୟ ଅପେକ୍ଷା ବ୍ୟୟର ମାତ୍ରା ଅଧିକ ହେବ। ଘରେ ଅସନ୍ତୋଷ ଦେଖାଦେବାର ସୂଚନା।

**ସିଂହ:** ବେପାର ବାଣିଜ୍ୟ କ୍ଷେତ୍ରରେ ଲାଭବାନ୍ ହେବେ। ଖର୍ଚ୍ଚର ମାତ୍ରା ଅଧିକ ହେବ। ପାରିବାରିକ ବିଶୃଙ୍ଖଳା ଦେଖାଦେବ। ବନ୍ଧୁଙ୍କ ସହ ମତାନ୍ତର ଦେଖାଦେଇପାରେ। ଯାନବାହାନ ଚାଳନାରେ ସତର୍କତା ଅବଲମ୍ବନୀୟ।

**କନ୍ୟା:** ନୂତନ କାର୍ଯ୍ୟ ଆରମ୍ଭ କରିପାରନ୍ତି। ଶତ୍ରୁ ପରାସ୍ତ ହେବେ। ଆୟର ପରିମାଣ ବଢ଼ିବ। ପାରିବାରିକ ଜୀବନ ସୁଖମୟ ହେବ। ଦୂରକୁ ଯାତ୍ରା କରି ସଫଳତା ହାସଲ କରିବେ। ପରୋପକାରୀ ହେବାର ସୂଚନା।

**ତୁଳା:** କର୍ମକ୍ଷେତ୍ରରେ ଉପରିସ୍ଥ କର୍ମକର୍ତ୍ତାଙ୍କ ସହ ମନୋମାଳିନ୍ୟ ଦେଖାଦେବ। ଅଳସୁଆ ହେବେ। ଯାନବାହାନ ଚାଳନାରେ ସତର୍କତା ଅବଲମ୍ବନୀୟ। ରୋଜଗାର ମଧ୍ୟମ ଧରଣର ହେବ। ଘରେ ଅଶାନ୍ତି ଦେଖାଦେବ।

**ବିଛା:** ଅଟକି ରହିଥିବା କାମ ଶେଷ ପର୍ଯ୍ୟାୟରେ ପହଞ୍ଚିବ। ଉତ୍ତମ ଭୋଜନରେ ଆପ୍ୟାୟିତ ହେବେ। ଆୟର ପରିମାଣ ବୃଦ୍ଧି ହେବ। ପାରିବାରିକ ଆନନ୍ଦ ଲାଭ ହେବ। ମାଙ୍ଗଳିକ କାର୍ଯ୍ୟରେ ଯୋଗଦେଇପାରନ୍ତି।

**ଧନୁ:** କାର୍ଯ୍ୟକ୍ଷେତ୍ରରେ ସଫଳତା ପ୍ରାପ୍ତ ହେବ। ଲୋକ ସମ୍ପର୍କ ବୃଦ୍ଧି ପାଇବ। ଦେହ ଓ ମନ ଭଲ ରହିବ। ନୂତନ ଦ୍ରବ୍ୟ ମାନ କ୍ରୟ କରିପାରନ୍ତି। ରୋଜଗାର ଭଲ ହେବ। ଗୃହେ ଶାନ୍ତିର ବାତାବରଣ ରହିବ।

**ମକର:** ଘାତଚନ୍ଦ୍ର ହେତୁ ସାବଧାନତା ଅବଲମ୍ବନୀୟ। କର୍ମକ୍ଷେତ୍ରରେ ଅସଫଳତା ଦେଖାଦେବ। ବ୍ୟୟର ମାତ୍ରା ଅଧିକ ହେବ। ଘରେ ଅଶାନ୍ତି ଦେଖାଦେବ। କଚେରୀ ମାମଲାରେ ଶୁଣାଣି ବିଳମ୍ବ ହେବ।

**କୁମ୍ଭ:** ଶତ୍ରୁଙ୍କ ଠାରୁ ସତର୍କତା ଅବଲମ୍ବନୀୟ। ଶାରୀରିକ ଅସୁସ୍ଥତା ଦେଖାଦେବ। ଆର୍ଥିକ ସମସ୍ୟା ଭିତରେ ଗତି କରିପାରନ୍ତି। ଘରେ ଅସହଯୋଗ ଦେଖାଦେବ। ପୁରାତନ ବନ୍ଧୁଙ୍କ ସହ କଳହ ସୃଷ୍ଟି ହୋଇପାରେ।

**ମୀନ:** ସମସ୍ତ କାର୍ଯ୍ୟରେ ସଫଳତା ପ୍ରାପ୍ତ ହେବ। ଦେହ ଓ ମନ ଭଲ ରହିବ। ଉତ୍ତମ ଭୋଜନରେ ଆପ୍ୟାୟିତ ହେବେ। ଆୟ ଓ ବ୍ୟୟର ପରିମାଣ ସମାନ ରହିବ। ପାରିବାରିକ ଜୀବନରେ ଆନନ୍ଦ ଦେଖାଦେବ।

# ଆଗାମୀ କାଲିର ପଞ୍ଜିକା

ସନ- ୧୪୩୩ ସାଲ, ଶକାବ୍ଦ- ୧୯୪୩, ସମ୍ବତ୍- ୨୦୮୧, ହିଜରୀ- ୧୪୪୭, କଳିଯୁଗାବ୍ଦ- ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ- ଅ୬୯ଙ୍କ

**ତା୨୧।୦୬।୨୦୨୬, ଜ୍ୟୈଷ୍ଠ ଦ୭ନ, ରବିବାର**

**ସୂର୍ଯ୍ୟୋଦୟ- ଘ ୫।୦୯।୫୧** **ଚନ୍ଦ୍ରୋଦୟ- ଦିଘ ୧୧।୧୫।୨୨**

ସପ୍ତମୀ ଦିଘ ୩।୨୧ ପର୍ଯ୍ୟନ୍ତ, ପୂର୍ବାଫାଲ୍ଗୁନୀ ନକ୍ଷତ୍ର ଦିଘ ୯।୩୪ ପର୍ଯ୍ୟନ୍ତ। **ସିଂହ ଚନ୍ଦ୍ର-** ଦିଘ ୩।୪୨ ପର୍ଯ୍ୟନ୍ତ। **ଚନ୍ଦ୍ରଶୁଦ୍ଧି-** ମେଷ, ମିଥୁନ, ସିଂହ, ତୁଳା, ବିଛା, ଧନୁ, କୁମ୍ଭ, ମୀନ ରାଶିର। ଦିଘ ୩।୪୨ ଗତେ ମେଷ, କର୍କଟ, ସିଂହ, କନ୍ୟା, ବିଛା, ଧନୁ, ମକର ଓ ମୀନ ରାଶିର। **ଘାତଚନ୍ଦ୍ର-** କର୍କଟ ଓ ମକର ରାଶିର। ଦିଘ ୩।୪୨ ଗତେ ବୃଷ ରାଶିର। **ଶ୍ରାଦ୍ଧନିର୍ଣ୍ଣୟ-** ସପ୍ତମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। **ନିଷିଦ୍ଧ ଖାଦ୍ୟ-** ତାଳ ଦିଘ ୩।୨୧ ଗତେ ନଡ଼ିଆ ଓ ଆମିଷ ଖାଇବା ମନା। **ଆଜିର ଶୁଭବେଳା-** ପ୍ରାଘ ୬।୫୯ ଗତେ ଦିଘ ୯।୩୮ ମଧ୍ୟେ। ଦିଘ ୧।୨୯ ଗତେ ଦିଘ ୨।୫୫ ମଧ୍ୟେ।

୬ ସାଢେ ୪ ମାସ ପରେ ଫେରିଲେ ହର୍ଷିତ ରାଣା



ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର
32 YEARS
# ସମ୍ବାଦ କଳିକା
The Sambad Kalika
E-mail : sambadkalikanews@gmail.com
e-paper www.sambadkalika.in
TM
ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର
The only ISO Certified Odia Newspaper NS-EN ISO 9001:2008
ମୂଲ୍ୟ : ୨.୦୦ ଟଙ୍କା
8 Pages, ₹2.00
● ବର୍ଷ-୩୩ ● ସଂଖ୍ୟା-୧୪୦ ● ୨୦ ଜୁନ ୨୦୨୬ ଶନିବାର ● ଭୁବନେଶ୍ୱର ● Vol -33 ● Issue-140 ● 20th June 2026, Saturday ● Bhubaneswar
RNI Regd.No. : 52640/94 Postal Regd.No. : BN-60/25-27




## ଜନ୍ମମାଟିରେ ମହାମହିମ

# ରାଇରଙ୍ଗପୁରରେ ପହଞ୍ଚିଲେ ରାଷ୍ଟ୍ରପତି



■ ସ୍ୱାଗତ ଜଣାଇଲେ ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ

■ ମେଗା ପାଇପ୍ ଜଳଯୋଗାଣ ପ୍ରକଳ୍ପ ସହ ଏକାଧିକ ଜନହିତକର ପ୍ରକଳ୍ପ ଉଦ୍‌ଘାଟିତ

ବାରିପଦା/ରାଇରଙ୍ଗପୁର,୧୯।୬
ନ୍ୟୁଜ୍‌ବ୍ୟୁରୋ

ଦୁଇ ଦିନିଆ ଓଡ଼ିଶା ଗସ୍ତରେ ଆସି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଶୁକ୍ରବାର ଅପରାହ୍ଣରେ ମୟୂରଭଞ୍ଜ ଜିଲ୍ଲାର ରାଇରଙ୍ଗପୁର ଠାରେ ପହଞ୍ଚିଛନ୍ତି। ରାଜ୍ୟପାଳ ହରିବାବୁ କମ୍ଭମ୍ପାଟୀ ଏବଂ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ରାଷ୍ଟ୍ରପତିଙ୍କୁ ଭବ୍ୟ ସ୍ୱାଗତ ଜଣାଇଥିଲେ।

ନିଜ ପ୍ରଥମ କର୍ମଭୂମି ଏବଂ ଜନ୍ମଭୂମି ଠାରେ ପହଞ୍ଚିବା ପରେ ରାଷ୍ଟ୍ରପତି ଏମ୍ସ ଭୁବନେଶ୍ୱରର ସହାଭାଗିତାରେ ଆୟୋଜିତ ପ୍ରଥମ ମାଗଣା ସ୍ୱାସ୍ଥ୍ୟ ଶିବିରର ଶୁଭାରମ୍ଭ କରିଥିଲେ ଓ ସ୍ୱାସ୍ଥ୍ୟକର୍ମୀଙ୍କ ସହିତ କଥା ହୋଇଥିଲେ। ଏହାପରେ ରାଷ୍ଟ୍ରପତି କୁସୁମୀ ବ୍ଲକ ପାଇଁ ମେଗା ପାଇପ୍ ଜଳଯୋଗାଣ ପ୍ରକଳ୍ପ, ବ୍ରହ୍ମାକୁମାରୀ ସଂଗଠନର ନୂତନ ଭବନ, ସ୍ପେଶାଲ ସର୍କିଟ ହାଉସ ଏବଂ ନବଗଠିତ ରାଇରଙ୍ଗପୁର ପୋଲିସ ଜିଲ୍ଲାର ନୂତନ ଆରକ୍ଷୀ ଅଧିକ୍ଷକ କାର୍ଯ୍ୟାଳୟ ସମେତ ଏକାଧିକ ଗୁରୁତ୍ୱପୂର୍ଣ୍ଣ ଜନହିତକର ପ୍ରକଳ୍ପର ଶୁଭ ଉଦ୍‌ଘାଟନ କରିଛନ୍ତି। ରାଜ୍ୟରେ ବିକାଶର ଏକ ନୂଆ ଅଧ୍ୟାୟ ସୃଷ୍ଟି କରିବାକୁ ଯାଉଥିବା ଏହି ସମସ୍ତ ପ୍ରକଳ୍ପର ଲୋକାର୍ପଣ ଉତ୍ସବ ସମୟରେ ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ ଓ ବରିଷ୍ଠ ମନ୍ତ୍ରୀଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ ଓ ଜନପ୍ରତିନିଧି ଉପସ୍ଥିତ ଥିଲେ।

ସୂଚନା ଯୋଗ୍ୟ ଯେ ଏହି ଗସ୍ତର ସବୁଠାରୁ ଭାବପୂର୍ଣ୍ଣ ଦିଗ ହେଉଛି ଶନିବାର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଜନ୍ମଦିନ। ନିଜ ଜନ୍ମମାଟି ତଥା ପ୍ରଥମ କର୍ମକ୍ଷେତ୍ର ରାଇରଙ୍ଗପୁରରେ ସେ ଏହି ସ୍ୱତନ୍ତ୍ର ଦିନଟିକୁ ଅତିବାହିତ କରୁଥିବାରୁ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅଭୁତପୂର୍ବ ଉତ୍ସାହ ଦେଖିବାକୁ ମିଳିଛି।

ଏହି ଗସ୍ତର ଦ୍ୱିତୀୟ ଦିନ ଅର୍ଥାତ୍ ଜୁନ୍ ୨୦ ତାରିଖ ଓଡ଼ିଶା ଇତିହାସରେ ଏକ ସ୍ମରଣୀୟ ଦିନ ହେବାକୁ ଯାଉଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶନିବାର ମୟୂରଭଞ୍ଜ ଗସ୍ତରେ ଆସି ରାଷ୍ଟ୍ରପତିଙ୍କ ସହ ବିଭିନ୍ନ କାର୍ଯ୍ୟକ୍ରମରେ ସାମିଲ ହେବେ। ଓଡ଼ିଶାରେ ବିଜେପି ସରକାରର ଦୁଇ ବର୍ଷ ପୂର୍ତ୍ତି ଅବସରରେ ରାଇରଙ୍ଗପୁରର ଦଣ୍ଡବୋଷ ପଡ଼ିଆଠାରେ ଆୟୋଜିତ 'ବିକାଶର ଧାରା, ଓଡ଼ିଶା ସାରା' ମେଗା ସମାବେଶରେ ପ୍ରଧାନମନ୍ତ୍ରୀ ଓ ରାଷ୍ଟ୍ରପତି ଯୋଗଦେବେ।

ଏହି ସମୟରେ ପ୍ରଧାନମନ୍ତ୍ରୀ ଓଡ଼ିଶା ପାଇଁ ୪୭,୬୦୦ କୋଟିରୁ ଅଧିକ ଟଙ୍କାର ବିଭିନ୍ନ ବିକାଶମୂଳକ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରିବାର କାର୍ଯ୍ୟକ୍ରମ ନିର୍ଦ୍ଧାରିତ ହୋଇଛି। ଏଥିରେ ଶକ୍ତି, ରେଳବାଇ, ସଡ଼କ ସଂଯୋଗୀକରଣ, ସ୍ୱାସ୍ଥ୍ୟ ଏବଂ ଶିକ୍ଷା କ୍ଷେତ୍ରର ବଡ଼ ବଡ଼ ପ୍ରକଳ୍ପ ସାମିଲ ରହିଛି।

## ରାଜ୍ୟସଭାରେ ୧୯ଟି ଆସନ ଜିତିଲା ଏନ୍‌ଡିଏ

# ଦୁଇତୃତୀୟାଂଶ ସଂଖ୍ୟାଗରିଷ୍ଠତାର ନିକଟତର ମୋଦୀ ସରକାର



ନୂଆଦିଲ୍ଲୀ,୧୯।୬

ରାଜ୍ୟସଭାର ୨୬ଟି ଆସନ ପାଇଁ ହୋଇଥିବା ନିର୍ବାଚନ ପରେ ଉଚ୍ଚ ସଦନରେ ଶାସକ ଏନଡିଏର ଶକ୍ତି ବୃଦ୍ଧି ପାଇଛି। ଏହି ନିର୍ବାଚନରେ ଏନଡିଏ ମୋଟ ୧୯ଟି ଆସନରେ ବିଜୟୀ ହୋଇଛି ଏବଂ ଏହା ସହିତ ଏହାର ସଂଖ୍ୟା ୧୫୦ରେ ପହଞ୍ଚିଛି। ବର୍ତ୍ତମାନ ଏହା ଦୁଇତୃତୀୟାଂଶ ସଂଖ୍ୟାଗରିଷ୍ଠତାରୁ ମାତ୍ର ୧୩ଟି ଆସନ ଦୂରରେ ରହିଛି। ନିକଟରେ ହୋଇଥିବା ନିର୍ବାଚନରେ ଏନଡିଏକୁ ୧୯ଟି ଆସନ ମିଳିଥିବା ବେଳେ କଂଗ୍ରେସ ନେତୃତ୍ୱାଧୀନ ଇଣ୍ଡିମେଣ୍ଟ ୬ଟି ଆସନରେ ବିଜୟୀ ହୋଇଛି। ଗୋଟିଏ ଆସନରେ ମିଜୋରାମର ଦଳ ଜୋରାମ ପିପୁଲ୍ସ ମୁଭମେଣ୍ଟ ଜିତିଛି।

ରାଜ୍ୟସଭାରେ ମୋଟ ୨୪୫ଟି ଆସନ ଥିବା ବେଳେ ଦୁଇତୃତୀୟାଂଶ ସଂଖ୍ୟାଗରିଷ୍ଠତା ପାଇଁ ଶାସକ ଦଳକୁ ୧୬୩ଟି ଆସନ ଦରକାର। ଝାଡ଼ଖଣ୍ଡରେ ଗୋଟିଏ ଆସନରେ ବିଜେପି ସମର୍ଥିତ ପରିମଳ ନାଥୱାନୀ ବିଜୟୀ ହୋଇଥିଲେ। ରାଜ୍ୟର ବିଧାୟକଙ୍କ ମଧ୍ୟରେ କ୍ରସ୍ ଭୋଟିଂ ହୋଇଥିଲା, ଯେଉଁଥିପାଇଁ ନାଥୱାନୀ ବିଜୟୀ ହୋଇଥିଲେ।

## ଆଜିର ମୁଖ୍ୟ ଖବର

- ଉତ୍ତର ବଙ୍ଗରେ ବର୍ଷା ତାଣ୍ଡବ ରଚିଲା, ପର୍ଯ୍ୟଟକଙ୍କ ପାଇଁ ହେଲ୍ପଲାଇନ୍ ନମ୍ବର ଜାରୀ।
- ବିରୋଧୀ ଦଳ ନେତା ଭାବରେ ଋତୁବ୍ରତଙ୍କ ନିଯୁକ୍ତି ବିରୁଦ୍ଧରେ ହାଇକୋର୍ଟ ଡିଭିଜନ ବେଞ୍ଚରେ ଆବେଦନ।
- ଜ୍ଞାନ, ବିବେକ ଏବଂ ଦୂରଦୃଷ୍ଟି ଭଳି ଗୁଣ ଜୀବନରେ ସଫଳତାର ଆଧାର: ପ୍ରଧାନମନ୍ତ୍ରୀ ମୋଦୀ।
- ମଣିପୁରରେ ଅପହୃତ ବ୍ୟକ୍ତିଙ୍କୁ ଉଦ୍ଧାର କଲା ସୁରକ୍ଷା ବାହିନୀ, ନଅ ଜଣ ଆତଙ୍କବାଦୀ ଗିରଫ।
- ନିଟ୍-୨୦୨୬ ପରୀକ୍ଷାର୍ଥୀଙ୍କ ପାଇଁ ରାଉରକେଲା ଏବଂ ଟାଟାନଗର ମଧ୍ୟରେ ଚାଲିବ ସ୍ୱତନ୍ତ୍ର ଟ୍ରେନ।
- ଗୁଜରାଟ : ପାୱାଗଡ଼ରେ ପାହାଡ଼ରୁ ଖସିଲା ପଥର, ୨ ତୀର୍ଥଯାତ୍ରୀଙ୍କ ମୃତ୍ୟୁ।।

## ସୁନା ଦର

୨୪ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୪,୫୮୬ (-୨୭)
୨୨ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୩,୩୭୦ (-୨୫)
୧୮ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୦,୯୩୯ (-୨୭୪)

## ରୁପା ଦର

ରୂପା – ପ୍ରତି ଗ୍ରାମ ୨୫୦ (-୧୦)

# ବକେୟା ଭତ୍ତା ଦେବାକୁ ମୁଖ୍ୟମନ୍ତ୍ରୀଙ୍କୁ ନବୀନଙ୍କ ଚିଠି

ଭୁବନେଶ୍ୱର,୧୯।୬
ନ୍ୟୁଜ୍‌ବ୍ୟୁରୋ

ତିନି ମାସ ଧରି ବନ୍ଦ ଥିବା ଭତ୍ତା ପ୍ରଦାନ କରିବାକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଚିଠି ଲେଖିଛନ୍ତି।

ବିରୋଧୀ ଦଳ ନେତା ତାଙ୍କ ଚିଠିରେ ଉଲ୍ଲେଖ କରିଛନ୍ତି ଯେ ଦୀର୍ଘ ୩ ମାସ ଧରି ଓଡ଼ିଶାର ପ୍ରାୟ ୧୮ ଲକ୍ଷ ହିତାଧିକାରୀ ଭତ୍ତା ପାଇନାହାନ୍ତି। ଭତ୍ତା ଉପରେ ସମ୍ପୂର୍ଣ୍ଣ ନିର୍ଭରଶୀଳ ଅନେକ ଅସହାୟ ଓ ନିଷ୍ପେସିତ ଲୋକ ଏବେ ଘୋର ହତାଶା ଓ ଅସମ୍ଭବ ଯନ୍ତ୍ରଣାରେ ଜୀବନ ବଞ୍ଚୁଛନ୍ତି। ଭତ୍ତା ନ ପାଇ ଗଞ୍ଜାମ, ବେଗୁନିଆପଡ଼ାର ସାବିତ୍ରୀ ଦୋରା ଜୀବନ ହାରିବା ପରି ଖବର ସାରା ଓଡ଼ିଶାକୁ ଦୁଃଖିତ କରିଛି। ନିଜ ଦୁର୍ବଳଶ୍ରେଣୀର ନାଗରିକଙ୍କୁ ସୁରକ୍ଷା ଦେବା ପାଇଁ ସର୍ବଦା ପ୍ରତିବଦ୍ଧ ଥିବା ଓଡ଼ିଶା ପରି ରାଜ୍ୟରେ ଏପରି ପରିସ୍ଥିତି କଦାପି ଗ୍ରହଣୀୟ ନୁହେଁ।

ସବୁଠୁ ଆଶ୍ଚର୍ଯ୍ୟର କଥା ହେଉଛି, ଦୀର୍ଘଦିନ ଧରି ଭତ୍ତା ନ ମିଳିବା ସଫ୍ଟୱେର୍ ଜନିତ ସମସ୍ୟା ବୋଲି କୁହାଯାଉଛି; ଯାହା ଦର୍ଶାଉଛି ଏ ସରକାର ନିଜ ଉତ୍ତରଦାୟିତ୍ୱ ନିର୍ବାହ କରିବାରୁ ପଛଘୁଞ୍ଚା ଦେଉଛନ୍ତି। ପ୍ରଯୁକ୍ତିବିଦ୍ୟାର ବିଫଳତା ଦର୍ଶାଇ ଲୋକମାନଙ୍କୁ ନିଜ ନାର୍ଯ୍ୟ ଅଧିକାର ପାଇବାରୁ କଦାପି ବଞ୍ଚିତ କରାଯାଇ ପାରିବ ନାହିଁ।

ବିଜୁ ଜନତା ଦଳର ସରକାରରେ ପ୍ରତିମାସର ୧୫ ତାରିଖରେ 'ଜନ ସେବା ଦିବସ' ଭାବେ (ପୃଷ୍ଠା ୭ରେ)

# ତିନି ବର୍ଷ ମଧ୍ୟରେ ଅପରାଧୀଙ୍କୁ ନ୍ୟାୟ ପ୍ରଦାନ କରିବା ବ୍ୟବସ୍ଥା ସୃଷ୍ଟି କରିବା ଲକ୍ଷ୍ୟ

ନୂଆଦିଲ୍ଲୀ,୧୯।୬

କେନ୍ଦ୍ର ଗୃହ ମନ୍ତ୍ରୀ ଅମିତ ଶାହ ଶୁକ୍ରବାର କହିଛନ୍ତି ଯେ ଦେଶର ଅପରାଧିକ ନ୍ୟାୟ ବ୍ୟବସ୍ଥାକୁ ଏକ ପ୍ରଭାବଶାଳୀ ଉପକରଣ କରାଯିବା ଉଚିତ ଯାହା ପ୍ରତ୍ୟେକ ନାଗରିକଙ୍କ ସାମ୍ବିଧାନିକ ଅଧିକାରର ସୁରକ୍ଷା ସୁନିଶ୍ଚିତ କରିବ। ସେ କହିଛନ୍ତି ଯେ ଯଦି କୌଣସି ବ୍ୟକ୍ତିଙ୍କ ଶରୀର, ସମ୍ପତ୍ତି କିମ୍ବା ସମ୍ମାନ ସହିତ ଜଡ଼ିତ ଅଧିକାର ବର୍ଷ ବର୍ଷ ଧରି ଉଲ୍ଲଂଘନ ହୁଏ ଏବଂ ଅପରାଧୀ ବର୍ଷ ବର୍ଷ ଧରି ଦଣ୍ଡ



ପାଇ ନଥାଏ, ତେବେ ଏପରି ବ୍ୟବସ୍ଥାକୁ ନ୍ୟାୟପୂର୍ଣ୍ଣ କୁହାଯାଇପାରିବ ନାହିଁ।

ଜାତୀୟ ଅପରାଧ ରେକର୍ଡ ବ୍ୟୁରୋ'ର ସର୍ଦ୍ଦାର ବଲ୍ଲଭଭାଇ ପଟେଲ ଅଡିଟୋରିୟମରେ ଅନୁଷ୍ଠିତ ୨୬ତମ ଅଖିଳ ଭାରତୀୟ ଫିଙ୍ଗରପ୍ରିଣ୍ଟ ସମ୍ମିଳନୀ-୨୦୨୬କୁ ସମ୍ବୋଧିତ କରି ଶାହ କହିଛନ୍ତି ଯେ ୨୦୧୯ ମସିହାରେ, ଫୌଜଦାରୀ ନ୍ୟାୟ ବ୍ୟବସ୍ଥାରେ ବ୍ୟାପକ ପରିବର୍ତ୍ତନ ଆଣିବା ପାଇଁ ଏକ ଅଭିଯାନ ଆରମ୍ଭ କରାଯାଇଥିଲା, ଯାହାର ଲକ୍ଷ୍ୟ ଥିଲା ଆଧୁନିକ ଆବଶ୍ୟକତା ସହିତ ଆଇନକୁ ସମନ୍ୱିତ କରିବା, ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟାକୁ ତଦନ୍ତ ପ୍ରକ୍ରିୟାର ଏକ ଅତ୍ୟାବଶ୍ୟକୀୟ (ପୃଷ୍ଠା ୭ରେ)

# ପିଏମ୍ ଆବାସ ଯୋଜନା : ସହରାଞ୍ଚଳ ହିତାଧିକାରୀଙ୍କ ପାଇଁ ରିହାତି ଘୋଷଣା

ଭୁବନେଶ୍ୱର,୧୯।୬
ନ୍ୟୁଜ୍‌ବ୍ୟୁରୋ

ପିଏମ୍ ଆବାସ ଯୋଜନାରେ ସହରାଞ୍ଚଳ ହିତାଧିକାରୀଙ୍କ ପାଇଁ ବଡ଼ ଆଶ୍ୱସ୍ତି ଆଣିଛନ୍ତି ରାଜ୍ୟ ସରକାର। ପିଏମଏୱାଇ-ୟୁ ୨.୦ ଅଧିନରେ ହିତାଧିକାରୀଙ୍କ ପାଇଁ ବଡ଼ ରିହାତି ଘୋଷଣା କରାଯାଇଛି। ୬୦ ବର୍ଗମିଟର ପର୍ଯ୍ୟନ୍ତ ଘରର ପଞ୍ଜୀକରଣ କ୍ଷେତ୍ରରେ ଘର ପଞ୍ଜୀକରଣ ଖର୍ଚ୍ଚ (ପୃଷ୍ଠା ୭ରେ)

# ବିଦେଶରେ 'ଡିଜିଟାଲ୍ ବର୍ଜ୍ୟଜଳ ପରିଚାଳନା' କଥା ଶିଖାଇବ ଓଡ଼ିଶା



ଭୁବନେଶ୍ୱର, ୧୯।୬ : ନ୍ୟୁଜ୍ ବ୍ୟୁରୋ

ଓଡ଼ିଶାର ସହରାଞ୍ଚଳ ପରିମଳ ପରିଚାଳନା ବ୍ୟବସ୍ଥାକୁ ବିଶ୍ୱସ୍ତରରେ ସ୍ୱୀକୃତି ମିଳିଛି। ଓଡ଼ିଶା ଜଳ ଯୋଗାଣ ଓ ସ୍ୱେରେଜ୍ ବୋର୍ଡ ଜାତିସଂଘ-ହାବିଟାଟ୍ ଦ୍ୱାରା ସମର୍ଥିତ ଏକ ପ୍ରତିଷ୍ଠିତ ବିଶ୍ୱସ୍ତରୀୟ କାର୍ଯ୍ୟକ୍ରମ ଅଧୀନରେ ନାଇଜେରିଆର 'ଲାଗୋସ ଷ୍ଟେଟ୍ ୱେଷ୍ଟୱାଟର ମ୍ୟାନେଜମେଣ୍ଟ ଅଫିସ'କୁ ମାର୍ଗଦର୍ଶନ ପ୍ରଦାନ କରିବା ପାଇଁ ଓଡ଼ିଶାକୁ ମନୋନୀତ କରାଯାଇଛି।

ଏନେଇ ରୋଡମ୍ୟାପ୍ ସମୀକ୍ଷା ଓ ଆଗାମୀ ପଦକ୍ଷେପ ଗୁଡ଼ିକର ରୂପରେଖ ପ୍ରସ୍ତୁତ କରିବା ପାଇଁ ଶୁକ୍ରବାର ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଉଷା (ପୃଷ୍ଠା ୭ରେ)




## ଏକାଳ ପଖାଳ



ସବୁ ଏଇଠି ଚକାଚକ ଜନେ
ଭିତରଟା ପୂରା ଖୋଳ
ଶୁଣ୍ଡିସାକ୍ଷୀ ମାତାଲ ଏଇଠି
ପକେଇ ଚାଲନ୍ତି ତାଳ
ଭଲନାହିଁ ବେଳକାଳ
ସଜାଗ ନହେଲେ ନିଜେ ଭାଇନା
ହୋଇଯିବ ସ୍ୱୟଂ ଝୋଳ।

# ପାଦଚଲା ରାସ୍ତାରେ ସୁରକ୍ଷିତ ଭାବରେ ଚାଲିବା ମୌଳିକ ଅଧିକାର



ନୂଆଦିଲ୍ଲୀ,୧୯।୬

ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତିରେ, ସୁପ୍ରିମକୋର୍ଟ କହିଛନ୍ତି ଯେ ପାଦଚଲା ରାସ୍ତାରେ ସୁରକ୍ଷିତ ଭାବରେ ଚାଲିବା ଏକ ମୌଳିକ ଅଧିକାର। ଜଷ୍ଟିସ ପି.ଏସ. ନରସିଂହଙ୍କ ଅଧ୍ୟକ୍ଷତାରେ ଗଠିତ ଏକ ଖଣ୍ଡପୀଠ କହିଛନ୍ତି ଯେ ନଗର ନିଗମ, ପୌରପାଳିକା ଏବଂ ବିକାଶ କର୍ତ୍ତୃପକ୍ଷଙ୍କର ନିରାପଦ ଏବଂ ସ୍ପଷ୍ଟ ଭାବରେ ଚିହ୍ନିତ ପାଦଚଲା ରାସ୍ତା ଯୋଗାଇବାର ଦାୟିତ୍ୱ ଅଛି। ଯଦି ଏହା କରାଯାଏ ନାହିଁ, ତେବେ ନାଗରିକମାନେ ସାମ୍ବିଧାନିକ ଏବଂ ଆଇନଗତ ପ୍ରତିକାର ମାଧ୍ୟମରେ କ୍ଷତିପୂରଣ ମାଗିପାରିବେ।

ପଦଯାତ୍ରୀ ଅଧିକାରକୁ ସୁରକ୍ଷା ଦେବା ପାଇଁ ଏକ ପୃଥକ ଆଇନଗତ ଢାଞ୍ଚା ବିକଶିତ କରିବା ବିଷୟରେ ବିଚାର କରିବାକୁ କୋର୍ଟ କେନ୍ଦ୍ର ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। କୋର୍ଟ କହିଛନ୍ତି ଯେ ରାସ୍ତାରେ ମୋଟର ଯାନ ଚଳାଚଳ ଅପେକ୍ଷା ପଦଯାତ୍ରୀ ଅଧିକାରକୁ ପ୍ରାଥମିକତା ଦିଆଯିବା ଉଚିତ। ମୋଟର ଯାନ ଦୁର୍ଘଟଣା ସମ୍ବନ୍ଧୀୟ ଏକ ମାମଲାର ଶୁଣାଣି ସମୟରେ କୋର୍ଟ ଏହି ନିର୍ଦ୍ଦେଶାବଳୀ ଜାରି କରିଛନ୍ତି। ଏହି ମାମଲାରେ, ଜଣେ ପିତା ତାଙ୍କ ପାଞ୍ଚ ବର୍ଷର ପୁଅକୁ ହରାଇଛନ୍ତି। ସୁପ୍ରିମକୋର୍ଟ କ୍ଷତିପୂରଣ ପରିମାଣକୁ ୧,୧୪୪,୬୨୮କୁ ବୃଦ୍ଧି କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

# ବର୍ଷା ପାଇଁ ସାରା ରାଜ୍ୟକୁ ସତର୍କ ସୂଚନା ଜାରୀ

ଭୁବନେଶ୍ୱର, ୧୯।୬
ନ୍ୟୁଜ୍ ବ୍ୟୁରୋ

ସାରା ରାଜ୍ୟକୁ ବର୍ଷା ପାଇଁ ସତର୍କ ସୂଚନା ଜାରୀ କରାଯାଇଛି। ଶନିବାର ପାଇଁ ରାଜ୍ୟର ୯ଟି ଜିଲ୍ଲାକୁ ଅରେଞ୍ଜ ୱାର୍ଣ୍ଣିଂ ଜାରୀ କରାଯାଇଛି। ଘଡଘଡି ସହ ପ୍ରବଳ ବର୍ଷା ନେଇ ପାଣିପାଗ ବିଭାଗ ପକ୍ଷରୁ ଅରେଞ୍ଜ ୱାର୍ଣ୍ଣିଂ ଜାରୀ କରାଯାଇଛି। ବାଲେଶ୍ୱର, ଭଦ୍ରକ, ସୁନ୍ଦରଗଡ଼, କେନ୍ଦୁଝର, ମୟୂରଭଞ୍ଜ, ରାୟଗଡ଼ା, କୋରାପୁଟ, ମାଲକାନଗିରି, ଗଜପତିକୁ ଅରେଞ୍ଜ ୱାର୍ଣ୍ଣିଂ ଜାରୀ କରାଯାଇଛି। ଦିନରେ ପ୍ରବଳ ଗରମ ସହ ଗୁଳୁଗୁଳି ସନ୍ଧ୍ୟା ହେଲେ ଆସୁଛି କଳାହାଣ୍ଡିଆ ମେଘ। ଆଗାମୀ ୩ ଦିନ ଯାଏ ଝଡବର୍ଷା



ନେଇ ପାଣିପାଗ ବିଭାଗ ପକ୍ଷରୁ ସାରା ରାଜ୍ୟକୁ ଆଲର୍ଟ ଜାରି କରାଯାଇଛି। ଶନିବାର ମଧ୍ୟ ରାଜ୍ୟର ଅଧିକାଂଶ ସ୍ଥାନକୁ ଘଡଘଡି ବର୍ଷା ସହ ୫୦ ରୁ ୬୦ କିମି ପବନ ବହିବା ନେଇ ସତର୍କ ସୂଚନା ଜାରୀ କରାଯାଇଛି।

ସମ୍ପାଦକୀୟ
32 YEARS
ସମ୍ବାଦ କଳିକା

# ଫେଡ୍ ରିଜର୍ଭର ଗୋଟିଏ ନିଷ୍ପତ୍ତି ଆଣିଲା ହାହାକାର

ଏଲନ୍ ମସ୍କଙ୍କ ମୋଟ ସମ୍ପତ୍ତି ସମାନ ଟଙ୍କା ବୁଡ଼ାଇଲେ ଆମେରିକା ନିବେଶକ, ୨ ଘଣ୍ଟାରେ ଉଡ଼ିଗଲା ୧.୨ ଟ୍ରିଲିୟନ ଡଲାର। ଫେଡ୍ ରିଜର୍ଭର ଗୋଟିଏ ନିଷ୍ପତ୍ତି ଆଣିଲା ହାହାକାର- ଆମେରିକା ବଜାରରୁ ଗାୟବ ହେଲା ଅମାପ ସମ୍ପତ୍ତି, ତଳକୁ ଖସିଲେ ଟେକ୍ ଜାଏଣ୍ଟ୍ସ। ଆମେରିକା ଶେୟାର ବଜାରରେ ବୁଧବାର ଏକ ବଡ଼ ବିପର୍ଯ୍ୟୟ ଦେଖିବାକୁ ମିଳିଛି । ମାତ୍ର ଦୁଇ ଘଣ୍ଟାରୁ କମ୍ ସମୟ ମଧ୍ୟରେ ଏସଆଣ୍ଡପି ୫୦୦ ଇଣ୍ଡେକ୍ସ ପ୍ରାୟ ୮୦୦ ପଏଣ୍ଟ ହ୍ରାସ ପାଇଛି । ଏହି କାରଣରୁ ନିବେଶକମାନେ ପ୍ରାୟ ୧.୨ ଟ୍ରିଲିୟନ ଡଲାର ହରାଇଛନ୍ତି, ଯାହା ବିଶ୍ୱର ସବୁଠାରୁ ଧନୀ ବ୍ୟକ୍ତି ଏଲନ୍ ମସ୍କଙ୍କ ମୋଟ ସମ୍ପତ୍ତି ସହିତ ସମାନ । ବିଶେଷ କରି ଟେକ୍ନୋଲୋଜି ସେକ୍ଟରର ଶେୟାରଗୁଡ଼ିକରେ ସବୁଠାରୁ ବଡ଼ ହ୍ରାସ ରେକର୍ଡ କରାଯାଇଛି । ଆମେରିକାର କେନ୍ଦ୍ରୀୟ ବ୍ୟାଙ୍କ 'ଫେଡ୍ ରିଜର୍ଭ' ର ଏକ ନିଷ୍ପତ୍ତି ଯୋଗୁଁ ବଜାରର ଏଭଳି ଅବସ୍ଥା ହୋଇଥିବା କୁହାଯାଉଛି । ଫେଡ୍ ରିଜର୍ଭର ନୂତନ ଚେୟାରମ୍ୟାନ କେଭିନ୍ ୱାର୍ଶଙ୍କ ଅଧ୍ୟକ୍ଷତାରେ ପ୍ରଥମ ଥର ପାଇଁ ଅନୁଷ୍ଠିତ ପଲିସି କମିଟି ବୈଠକରେ ଏକ ବଡ଼ ନିଷ୍ପତ୍ତି ନିଆଯାଇଛି । କମିଟି ଆଗାମୀ ଦିନ ପାଇଁ 'ଫରଓ୍ୱାର୍ଡ ଗାଇଡାନ୍ସ' ଦେବା ବନ୍ଦ କରିଦେଇଛି ଏବଂ ଚଳିତ ବର୍ଷ ଶେଷ ସୁଦ୍ଧା ସୁଦ୍ଧ ହାର ବୃଦ୍ଧି କରାଯାଇପାରେ ବୋଲି ସଙ୍କେତ ଦେଇଛି । କେଭିନ୍ ୱାର୍ଶ କହିଛନ୍ତି ଯେ, ଫରଓ୍ୱାର୍ଡ ଗାଇଡାନ୍ସ ବନ୍ଦ ହେବା ଅର୍ଥ ଏବେ ନିବେଶକମାନଙ୍କ ପାଖରେ ଫେଡ୍ର ଆଗାମୀ ରଣନୀତିକୁ ନେଇ ଅଧିକ ସୂଚନା ରହିବ ନାହିଁ, ଯାହା ବଜାରରେ ଅନିଶ୍ଚିତତା ବଢ଼ାଇବ । ଏହି କାରଣରୁ ନିବେଶକମାନଙ୍କ ମଧ୍ୟରେ କାଳଭୈରବୀ ସୃଷ୍ଟି ହୋଇଥିଲା ଏବଂ ସେମାନେ ଶେୟାର ବିକ୍ରି କରିବା ଆରମ୍ଭ କରିଦେଇଥିଲେ । ସୂଚନାଯୋଗ୍ୟ ଯେ, ଫେଡ୍ ରିଜର୍ଭ କ୍ରମାଗତ ଚତୁର୍ଥ ଥର ପାଇଁ ସୁଦ୍ଧ ହାରରେ କୌଣସି ପରିବର୍ତ୍ତନ କରିନାହିଁ। ଫେଡର ଏହି ନିଷ୍ପତ୍ତି ଯୋଗୁଁ ମାଇକ୍ରୋସଫ୍ଟ, ମେଟା, ଆଲଫାବେଟ୍, ଆମାଜନ ଏବଂ ନିକଟରେ ଶେୟାର ବଜାରରେ ତାଲିକାଭୁକ୍ତ ହୋଇଥିବା ଏଲନ୍ ମସ୍କଙ୍କ କମ୍ପାନୀ ସ୍ପେସ୍ଏକ୍ସର ଶେୟାର ବହୁତ ତଳକୁ ଖସିଯାଇଛି । ସ୍ପେସ୍ଏକ୍ସ: ଶେୟାର ସବୁଠାରୁ ଅଧିକ ୪.୯ କଣ୍ଟେଣ୍ଟ ପ୍ରତିଶତ ହ୍ରାସ ପାଇଛି । ଏହା ସହିତ ମାର୍କେଟ୍ କ୍ୟାପ୍ ମାମଲାରେ ସ୍ପେସ୍ଏକ୍ସ ଷଷ୍ଠ ସ୍ଥାନକୁ ଖସି ଆସିଛି । ମାଇକ୍ରୋସଫ୍ଟ: ଶେୟାର ମୂଲ୍ୟ ୩.୭୯% ହ୍ରାସ ପାଇଛି । ଆମାଜନ: ଶେୟାର ୩.୪୬% ହ୍ରାସ ପାଇଛି, କିନ୍ତୁ ଏହା ସତ୍ତ୍ୱେ କମ୍ପାନୀ ଟପ୍-୫ କମ୍ପାନୀ ତାଲିକାରେ ପୁଣି ସ୍ଥାନ ପାଇଛି । ଆଲଫାବେଟ୍ (ଗୁଗଲ୍): ଶେୟାର ୨.୪୩% ହ୍ରାସ ପାଇଛି । ଏନଭିଡିଆ ଓ ଆପଲ୍: ଏନଭିଡିଆ ଶେୟାର ୧.୩୩% ଏବଂ ଆପଲ୍ ଶେୟାର ୧.୧୦% ହ୍ରାସ ପାଇଛି ।



## ନିଶାପ

### (ନିରପେକ୍ଷ ଶାସନ ପଦ୍ଧତି)

### ସଦ୍‌ଗୁରୁ ଶ୍ରୀ ଶ୍ରୀ ଶ୍ରୀ ଅଭିରାମ ସରସ୍ୱତୀ

## କାଳନେମି

### ରାସ୍ତା

ରାସ୍ତା ଖୋଜୁ ଖୋଜୁ ମୁଁ ହଜିଗଲି ସରଳ ରାସ୍ତାରେ ସରଳ ମାର୍ଗରେ , ସେ ସରଳ ରାସ୍ତାର ଅର୍ଥ ହେଉଛି ବାରାଙ୍ଗୁଳୁ ବାଇର ପଥ,କିନ୍ତୁ ତୁମେମାନେ ମୋତେ ବାହ୍ୟ ଉପରେ ଖୋଜିଲେ ପାଇବ କେମିତି । ହେ ଭକ୍ତ, ତୁମେ ସରଳ ହୋଇଯାଆ ବାହ୍ୟାଡମ୍ବରୁ ନିଜକୁ ମୁକ୍ତ କର । କାରଣ ବାହ୍ୟାଡମ୍ବର ବନ୍ଧନର କାରଣ, ମୁକ୍ତିର ମାର୍ଗ ନୁହେଁ। ସେତ ସଇତାନର ମାର୍ଗ, ସଇତାନର ମାର୍ଗ ନୁହେଁ। ମୋତେ ଖୋଜିଲେ ସେଠାରେ ପାଇବ କେମିତି । ମୁଁ ତ ସେଇ ପରମଧନର ବିଭୂତି ମୁଁ ତ ସେଇ ପରମାତ୍ମାର ସମ୍ପତି । ମୁଁ ସେଇ ସମ୍ପତିର ଚାଷୀ । ମୁଁ ସେଠାରେ ଚାଷ କରୁଛି । ମୋତେ ଖୋଜିବା ବୁଝିବା ଏତେ ସହଜ ନୁହେଁ । ମାଟି ଘଟରେ ରହି ମୁଁ ମୋ ମାକୁ ତ ଭୂଲି ପାରିବିନାହିଁ । ଗୁରୁଙ୍କୁ ତ ଭୂଲିପାରିବି ନାହିଁ । ଇଶ୍ୱରଙ୍କୁ ତ ଭୂଲି ପାରିବି ନାହିଁ । ତେଣୁ କାହାକଥାରେ ମୋତେ କଣ ମିଳୁଛି । ମୁଁ ତ ରାସ୍ତା ଭୂଲି ପାରିବି ନାହିଁ କି ପଛକୁ ଫେରି ପାରିବି ନାହିଁ । ମୁଁ ମୁକ୍ତିର ପଥ ପାଇ ଯୁକ୍ତର ବଣରେ କାହିଁକି ପଶିବି । ଇଶ୍ୱରଯୁକ୍ତ ପ୍ରାପ୍ତି ପାଇଁ ବ୍ୟାକୁଳ ହେବା ହେଉଛି ଅଧପତନର କାରଣ । ତେଣୁ ହେ ଭକ୍ତ ପଥ ଭୂଲନାହିଁ । ଯେତେ କଷ୍ଟ କଷ୍ଟପଡୁ । ଯୀଶୁଖ୍ରୀଷ୍ଟଙ୍କୁ ଲୁହାର କଣ୍ଟା ବାଡେଇ ମାରିଲେ । ସେ କଣ ଅଭିଶାପ ଦେଲେ । କିନ୍ତୁ ତୁମେ ସହସ୍ର ସହସ୍ର ବାକ୍ୟରେ ତୀକ୍ଷ୍ଣଛୁରୀକା ଆଘାତ କଲେ ମୋର କିଛି କ୍ଷତି ହେବନାହିଁ । ସବୁବେଳେ ମୁଁ ହସୁଛି ଏବଂ ହସୁଥିବି କାହିଁକି ନା ତୁମମାନଙ୍କର ଅଜ୍ଞାନତା ହେତୁ ଆଉ ଯେତେବେଳେ ତୁମର ଜ୍ଞାନ ଚକ୍ଷୁ ଫିଟିଯିବ ତୁମେ ଦେଖିବ ସେତେବେଳେ ଭାବିବ ଆମେ କଣ କରୁଥିଲୁ । ସେତେବେଳ ପର୍ଯ୍ୟନ୍ତ ବି ତୁମମାନଙ୍କ ପାଇଁ କ୍ଷମାର ଦ୍ୱାରା ଖୋଲା ରହିଥିବ ଏଥିରେ ତିଳେ ହେଲେ ସନ୍ଦେହ ନାହିଁ। ଏବେବି ସମୟ ଅଛି,ତୁମେ ଯାହା ଭାବୁଛ ତାହା ଏକ ମାୟାର ବାତାବରଣ ତା ଭିତରୁ ବାହାରି ଆସି ନିଜକୁ ଚିହ୍ନ,ତୁମର ଅନ୍ତର ଆତ୍ମାକୁ ଦେଖ, ତୁମେ କିଏ ? ନଦୀ ଯେତେ ବଢିଲେ ବି ସିନ୍ଧୁର ଏକ ବିନ୍ଦୁ । ଏହାହିଁ ସତ୍ୟ ଅସତ୍ୟକୁ ଉପଲବ୍ଧ କରି, ସତ୍ୟକୁ ମାଳା କରି ଅସତ୍ୟର ସନ୍ଧାନୀ ହୁଅ ନାହିଁ । କୁଚକ୍ରୀ ଠାରୁ ଦୂରେଇ ରୁହ । ମିଠା କଥାରେ ପୁତନାର ବିଷ ରହିଲା ପରି ସେ କଥା ଶୁଣନାହିଁ । କାରଣ ତୁମ ଶରୀର ବିଷାକ୍ତ ହୋଇଯିବ ତେଣୁ କଥାରେ ଅଛି-

ବୁଝୁ ନ ବୁଝ ପଢ ଗୀତା
ରୁଚୁ ନ ରୁଚୁ ଖାଅ ପିତା

◆◆

# ନୀଳାଚଳ ଶ୍ରୀପୁରୁଷୋତ୍ତମ ନାମର ମହତ୍ତ୍ୱ



ହେମନ୍ତ କୁମାର ଗନ୍ତାୟତ
ଅଧ୍ୟାପକ, ଆସିକା, ଗଞ୍ଜାମ
ମୋ-୯୮୬୧୩୩୪୮୬୮

ପାବନ ଭାରତ ଭୂମିର ଚାରିଧାମ ମଧ୍ୟରୁ ଶ୍ରେଷ୍ଠୋତ୍ତମ ଧାମ ହେଉଛି ପବିତ୍ର ନୀଳାଚଳ। ଏଠାରେ ରହିଛି ବ୍ରହ୍ମାଙ୍କ ଦ୍ୱାରା ପ୍ରତିଷ୍ଠିତ ଶ୍ରୀମନ୍ଦିର। ଏହି ବଡ଼ଦେଉଳର ରତ୍ନବେଦୀରେ ବିରାଜିତ ହୋଇଛନ୍ତି ଶ୍ରୀବଳଭଦ୍ର, ଦେବୀ ସୁଭଦ୍ରା, ମହାପ୍ରଭୁ ଶ୍ରୀଜଗନ୍ନାଥ ଓ ଭକ୍ତ ଶ୍ରୀସୁଦର୍ଶନ ଚତୁର୍ଦ୍ଧାମୂର୍ତ୍ତି। ମହାପ୍ରଭୁ କେବଳ ନୀଳାଚଳର ନାଥ ନୁହଁନ୍ତି, ବରଂ ସେ ସାରା ଜଗତର ନାଥ । ତେଣୁ ଶାସ୍ତ୍ରରେ କୁହାଯାଇଛି:

ନୀଳାଚଳ ନିବାସାୟ ନିତ୍ୟାୟ ପରମାତ୍ମନେ।
ବଳଭଦ୍ର ସୁଭଦ୍ରାଭ୍ୟାମ୍ ଜଗନ୍ନାଥାୟ ତେ ନମଃ॥

ସେ ହେଉଛନ୍ତି ପୂର୍ଣ୍ଣ ଦାରୁବ୍ରହ୍ମ ବିଗ୍ରହ କାଳିଆ ସାଆନ୍ତ । ମହାବାହୁ ପବିତ୍ର ନୀଳାଚଳ ଧାମରେ ବିରାଜମାନ କରିଥିବାରୁ ତାଙ୍କୁ ନୀଳାଚଳନାଥ ଏବଂ ସେ ସମସ୍ତ ପୁରୁଷଙ୍କ ମଧ୍ୟରେ ଶ୍ରେଷ୍ଠ ହୋଇଥିବା ଯୋଗୁଁ ଜଗନ୍ନାଥଙ୍କୁ ଶ୍ରୀପୁରୁଷୋତ୍ତମ କୁହାଯାଏ। ଯାହା ଉଭୟ ନାମର ବିଶେଷତ୍ୱ। ଉପରୋକ୍ତ ଦୁଇଟି ନାମର ବିଶେଷତ୍ୱକୁ ଯଦି ବିଶ୍ଲେଷଣ କରାଯାଏ, ତେବେ ଆମେ ବୁଝି ପାରିପାରିବା ଯେ, ଏହାର ପଛରେ କ'ଣ ମହତ୍ତ୍ୱ ଦିଗ ରହିଛି ? ଉଭୟ ପଦ ଭିତରୁ ନୀଳାଚଳ ପଦଟି ଦୁଇଗୋଟି ଶବ୍ଦକୁ ନେଇ ଗଠିତ ହୋଇଛି। ଯଥା: ନୀଳ ଓ ଅଚଳ। ନୀଳର ସାଧାରଣ ଅର୍ଥ ବର୍ଣ୍ଣ ବା ରଙ୍ଗର ବିଶେଷ ଏବଂ ଅଞ୍ଚଳର ଅର୍ଥ ହେଉଛି ପର୍ବତ। ପୌରାଣିକ ମାନ୍ୟତା ଅନୁଯାୟୀ ଏହି ସ୍ଥାନଟି ପୂର୍ବରୁ ଏକ ନୀଳ ରଙ୍ଗର ସ୍ୱଳ୍ପ ଉଚ୍ଚ ସମ୍ପନ୍ନ ପାହାଡ଼ଟିଏ ଥିଲା। ଯେଉଁଠି ଭଗବାନ ବିଷ୍ଣୁ 'ନୀଳମାଧବ' ରୂପରେ ପୂଜା ପାଉଥିଲେ । ସେଥିପାଇଁ ଜଗନ୍ନାଥଙ୍କୁ 'ନୀଳାଚଳନାଥ' ବା 'ନୀଳାଦ୍ରିନାଥ' କୁହାଯାଏ । ଅପରପକ୍ଷରେ ଯଦି ନୀଳ ଓ ଅଚଳ ଶବ୍ଦର ବିପୃତି କରାଯାଏ ତେବେ ଏହାର ଯଥାର୍ଥତା ବୁଝି ପାରିବା। ଏହି ନୀଳ ଶବ୍ଦର ଅନେକ ଗୁଡ଼ିଏ ବିପୁତି ରହିଛି; ସେଥିମଧ୍ୟରୁ ଗୋଟିଏ ହେଉଛି: ନିଲୀୟନ୍ତେ ବର୍ଣ୍ଣାଃ ଅସ୍ମିନ୍ ଇତି ନୀଳଃ। ଅର୍ଥାତ୍ ଯେଉଁ ରଙ୍ଗରେ ସମସ୍ତ ରଙ୍ଗ ମିଶିଗଲେ ବା ଲୀନ ହୋଇଗଲେ, ନିଜ ନିଜର ବର୍ଣ୍ଣ ସ୍ୱତନ୍ତ୍ରତା ହରାଇ ଗୋଟିଏ ହିଁ ନୀଳ ରଙ୍ଗରେ ରୂପାନ୍ତରିତ ହୋଇଥାନ୍ତି । ଯଦି ଏହାର ତାତ୍ତ୍ୱିକ ଅର୍ଥ ଦେଖାଯାଏ ତେବେ, ମହାପ୍ରଭୁ ସମସ୍ତ ଉଚ୍ଚ - ନୀଚ, ଧନୀ - ଦରିଦ୍ର, ଜାତି - ବର୍ଣ୍ଣ ଓ ଧର୍ମ ନିର୍ବିଶେଷରେ ସଭିଙ୍କୁ ଆପଣେଇ ନେଇ ଅହେତୁକ କୃପା କରିଥାନ୍ତି । ଉକ୍ତ ସ୍ଥାନରେ ସବୁ ସମ୍ପ୍ରଦାୟର ବ୍ୟକ୍ତି ବିଶେଷ ଏକ ଚେତନାରେ ଏକାକାର ହୋଇ ନିଜର ଅସ୍ତିତ୍ୱକୁ ହରାଇ ଥାନ୍ତି। ସେଭଳି ଅଚଳର ବିପୃତି: ନ ଚଳତି ଇତି ଅଚଳଃ। ଅର୍ଥାତ୍ ଯେଉଁ ପଦାର୍ଥର ଗମନ ବା ପରିବର୍ତ୍ତନ ନଥାଏ। ଯେ ଶାଶ୍ୱତ, ଅପରିବର୍ତ୍ତନୀୟ ଓ ସତ୍ ସ୍ୱରୂପର ନିଦର୍ଶନ। ତେଣୁ ଏହି ସତ୍ୟକୁ ଶାସ୍ତ୍ରରେ କୁହାଯାଇଛି ଯେ 'ତ୍ରିକାଳାବାଧ ରହିତମ୍ ସତ୍ୟମ୍'। ଅତଃ ଦାରୁବ୍ରହ୍ମଙ୍କୁ 'ନିତ୍ୟଃ ସର୍ବଗତଃ ସ୍ଥାଣୁଃ ଅଚୋଳଽୟଂ ସନାତନଃ' ବୋଲି କୁହାଯାଏ। ସେ'ପରି ଆମ ଓଡ଼ିଆରେ ଏକ ପ୍ରବାଦ ରହିଛି ଜଗନ୍ନାଥ 'ଅଚଳ ମହାମେରୁ'। ଏହି ଅଚଳ ଭାବବିନୋଦିଆଙ୍କ ଭାବରେ ଯେବେ ଏ ଜୀବ ଥରେ ବୁଡ଼ିଯାଏ, ତେବେ ସେ ନିଜର ସତ୍ତାକୁ ହରାଇବସେ। ଏଣୁ ଏପରି ବିଶେଷ ମହତ୍ତ୍ୱ ଥିବାରୁ 'ନୀଳଶ୍ଚାସୌ ଅଚଳଶ୍ଚେତି ନୀଳାଚଳଃ' ବୋଲି କୁହାଯାଇଛି । ମହାପ୍ରଭୁଙ୍କ ନାମ ଓ ଧାମ (କ୍ଷେତ୍ର) ହେଉଛି ଶ୍ରୀପୁରୁଷୋତ୍ତମ । ଏହାର ଦୃଷ୍ଟାନ୍ତ କପିଳ ସଂହିତାରେ ଦେଖିବାକୁ ମିଳେ:

ସର୍ବେଷାଂ ସର୍ବ କ୍ଷେତ୍ରାଣାଂ ରାଜା ଶ୍ରୀପୁରୁଷୋତ୍ତମଃ ।
ସର୍ବେଷାଂ ସର୍ବ ଦେବାନାମ ରାଜା ଶ୍ରୀପୁରୁଷୋତ୍ତମଃ ।।

ଅର୍ଥାତ୍ ସମସ୍ତ ତୀର୍ଥକ୍ଷେତ୍ର ମାନଙ୍କ ମଧ୍ୟରେ ଶ୍ରୀପୁରୁଷୋତ୍ତମ କ୍ଷେତ୍ରକୁ ସର୍ବଶ୍ରେଷ୍ଠ ବୋଲି କୁହାଯାଇଛି ଏବଂ ସର୍ବ ଦେବାଦେବୀଙ୍କ ଭିତରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଶ୍ରୀପୁରୁଷୋତ୍ତମ ରୂପରେ ମଧ୍ୟ ବର୍ଣ୍ଣନା କରାଯାଇଛି ।ଏହି ଶ୍ରୀପୁରୁଷୋତ୍ତମ ପଦଟି ତିନୋଟି ଶବ୍ଦକୁ ନେଇ ଗଠିତ, ଯଥା: ଶ୍ରୀ, ପୁରୁଷ ଓ ଉତ୍ତମ। ଶ୍ରୀ ଶବ୍ଦର ସଂସ୍କୃତ ବିପୃତି 'ଶ୍ରୟତୀତି', ଅର୍ଥାତ୍ ଯେ ଶରଣ ଦିଏ ବା ଯାହାଙ୍କ ପାଖରେ ଲକ୍ଷ୍ମୀ, ଶୋଭା, ଆଭା, କୀର୍ତ୍ତି, ଐଶ୍ୱର୍ଯ୍ୟ, ମତି, ବିଦ୍ୟା ଓ ବିଭୂତ୍ୟାଦି ପୂର୍ଣ୍ଣ ରୂପେ ରହିଅଛି। ତାଙ୍କୁ ଶ୍ରୀପତି ବୋଲି କୁହାଯାଏ। ସେଭଳି ପୂରୁଷର ବିପୃତି 'ପୂର୍ଷୁ ବସତି ଇତି ପୁରୁଷଃ'। ଏ ବିଷୟରେ ଶ୍ରୀମଦ୍‌ଭଗବଦ୍ ଗୀତା ଏବଂ ବୃହଦାରଣ୍ୟକ ଉପନିଷଦରେ କୁହାଯାଇଛି ଯେ, ସେହି ଏକ ପରମାତ୍ମା ସମସ୍ତ ପୁରି ଅର୍ଥାତ୍ ସବୁ ଜୀବଙ୍କ ଅନ୍ତରେ ସମଭାବେ ବାସ କରିଛନ୍ତି। ଅନ୍ୟ ଶେଷ ଶବ୍ଦଟି ହେଉଛି ଉତ୍ତମଃ: ଯେ ଅତିଶୟେନ ଉତ୍କୃଷ୍ଟଃ। ଉପରୋକ୍ତ ଶ୍ରୀପୁରୁଷୋତ୍ତମ ନାମର ବିପୃତିରୁ ଜଣାଯାଏ ଯେ, ମହାପ୍ରଭୁ ହେଉଛନ୍ତି ପୂର୍ଣ୍ଣ ପରଂବ୍ରହ୍ମ । ସେ ସର୍ବ ଶକ୍ତିମାନ ତଥା ସେବ୍ୟ, ପୂଜନୀୟ ଏବଂ ଭଜନୀୟ । କିନ୍ତୁ ଏ ଜୀବ ହେଉଛି ସେବକ। ଯେ ତାଙ୍କୁ ପୂଜା, ସେବା ଓ ଭଜନ ମଧ୍ୟ କରିଥାଏ। କାରଣ ସେ ହେଉଛନ୍ତି ଈଶ୍ୱର ଏବଂ ମଣିଷ ନଶ୍ୱର ତଥା ଅଶୁଚିତ୍ତ, ଅଳ୍ପଜ୍ଞ ଏବଂ ମାୟାର ଅଧୀନ। କିନ୍ତୁ ମହାପ୍ରଭୁ ବିଭୁଚିତ୍ତ ତଥା ସର୍ବଜ୍ଞ ଓ ମାୟାଧୀଶ। ଯେ ଶକ୍ତି ସ୍ୱରୂପା ମା' ଜଗତଜନନୀ ଶ୍ରୀ (ମାୟା) ଙ୍କୁ ଅଭିନ୍ନ ରୂପେ ଧାରଣ କରିଛନ୍ତି । ତେଣୁ ଜଗନ୍ନାଥଙ୍କୁ ଶ୍ରୀପୁରୁଷୋତ୍ତମ କୁହାଯାଏ । ଯିଏ ଧର୍ମ, ଅର୍ଥ, କାମ ଓ ମୋକ୍ଷାଦି ଚତୁର୍ବର୍ଗର ଫଳ ପ୍ରଦାନକାରୀ। ଏହି ମଣିମାଙ୍କୁ ଯେ' ଯାହା ମାଗୁଣି କରେ ତାକୁ ତାହା ଦେଇଥାନ୍ତି। ତେଣୁ ବ୍ରହ୍ମପୁରାଣରେ କୁହାଯାଇଛି:

ଆସ୍ତେ ତତ୍ର ସ୍ୱୟଂ ଦେବୋ ମୁକ୍ତିଦଃ ପୁରୁଷୋତ୍ତମଃ ।
ଧନ୍ୟାସ୍ତେ ବିବୁଧପ୍ରେକ୍ଷ୍ୟା ଯେ ବସତ୍ୟୁକୂଳେ ନରଃ ?

ଏହାର ଅର୍ଥ ହେଉଛି: ପୁରୁଷୋତ୍ତମ ଧାମରେ ସାକ୍ଷାତ ନାରାୟଣ 'ପୁରୁଷୋତ୍ତମ' ରୂପରେ ବିରାଜମାନ କରିଛନ୍ତି। ତାଙ୍କୁ 'ମୁକ୍ତିଦଃ' ବୋଲି ମଧ୍ୟ କୁହାଯାଏ। ଏହି ପୁରୁଷୋତ୍ତମ ଧାମରେ ମନୁଷ୍ୟ ମୃତ୍ୟୁବରଣ କଲେ ବୈକୁଣ୍ଠକୁ ପ୍ରାପ୍ତି କରିଥାଏ ଏବଂ ଏ ଧାମର କୂଳରେ ଯେ ବାସ କରନ୍ତି, ସେମାନେ ଅତ୍ୟନ୍ତ ଭାଗ୍ୟଶାଳୀ ଅଟନ୍ତି । କାରଣ ଏଠାକାର ବାୟୁରେ ମଧ୍ୟ ଭକ୍ତିର ସୁଗନ୍ଧ ଭରିରହିଛି। ଅତଃ ଏହି ଭୂମିରେ ବାସ କରିବା ଏବଂ ପ୍ରଭୁଙ୍କୁ ଦର୍ଶନ କରିବା ବଡ଼ ସୌଭାଗ୍ୟର ବିଷୟ।

# ଆମ ତୃଷ୍ଣାର ବିକଳ୍ପ ନାହିଁ



ଡ଼. ମନୋଜ କୁମାର ମହାନ୍ତି
ଦର୍ଶନ ବିଭାଗ ମୁଖ୍ୟ
ବି ଏନ୍ ଏମ ଏ ମହାବିଦ୍ୟାଳୟ, ଭଦ୍ରକ,
ମୋ ୮୮୯୫୩୪୧୦୩୩

ସାମାଜିକ ଗଣମାଧ୍ୟମର ଭିଡିଓ କ୍ଲିପ୍ ଦେଖୁଦେଖୁ ମୋର ନଜର ପଡ଼ିଲା ମଦଜନିତ ବିଶେଷ ଖବର ଉପରେ। ଜିଲ୍ଲା ପ୍ରଶାସନିକ ମୁଖ୍ୟ ଅର୍ଥାତ ଜିଲ୍ଲାପାଳମାନେବି କେଡ଼େ କୌତୁକିଆ ଚରିତ୍ରରେ ଅଭିନୟ କରିପାରନ୍ତି, ଦେଖିଲେ ବଡ ଆନନ୍ଦ ଲାଗେ। ଗଣମାଧ୍ୟମ ସମ୍ମୁଖରେ ଏକ ବୈଠକରେ କିଛି କର୍ମଚାରୀଙ୍କ ସହ ବସି ଆଖିରେ ପଟି ବାନ୍ଧି ଚୋରପୋଲିସ୍ ଖେଳ ଖେଳିବା ପରି ମନେ ହେଉଥିଲା। ଆମ ସରକାର ନୂଆ ମଦ କାଉଣ୍ଟର ଖୋଲିବା ନିମନ୍ତେ ଲାଇସେନ୍ସ ପ୍ରଦାନ କରିବାରେ ବହୁତ୍ ଆଗଭର। ଅନେକ ଆବେଦନକାରୀଙ୍କ ମଧ୍ୟରୁ ଭାଗ୍ୟଶାଳୀ ବ୍ୟକ୍ତିପାଇଁ ଖଣ୍ଡେ ଖଣ୍ଡେ ଚିରୁକୁଟି ସକାଶେ ରାଜ୍ୟର ଜିଲ୍ଲାପାଳମାନେ କିଛି ସମୟ ପାଇଁ ଧୃତରାଷ୍ଟ୍ର ସାଜିଥିଲେ। ଅନ୍ଧ ସାଜିବାକୁ ପଡ଼ିବ କାରଣ, ମଦ ହିଁ ଅନୀତି, ଅନ୍ୟାୟ, ଅନର୍ଥ, ଅବନତି ଏବଂ ହିଂସାର କାରଣ। ସତରେ କେହି କଣ ଆଖିଖୋଲି ଏସବୁ କର୍ମକୁ ପ୍ରଶ୍ରୟ ଦେଇପାରିବେକି। କାରଣ ମଦ ନୈତିକତାକୁ ବିରୋଧ କରେ। ମଦ୍ୟପାନ କରୁଥିବା ବ୍ୟକ୍ତିର ସ୍ୱଭାବ ତଥା ଆଚରଣରେ ପରିବର୍ତ୍ତନ ଆଣିଥାଏ। ସେ ସେହି ସମୟପାଇଁ ପଥଭ୍ରଷ୍ଟ ହୋଇ ଅନେକ କୁକର୍ମ କରେ। ସଂସାରରେ ସମସ୍ତ ଅନୀତି କର୍ମ, କବାଟ ବନ୍ଦ ନଚେତ ଅନ୍ଧାରୁଆ ଜାଗାରେ ହୁଏ। ଯେତକ କଳା କାରନାମା ଖୋଲାମେଲାରେ ହୁଏନାହିଁ। ସେଥିପାଇଁ ଜିଲ୍ଲାପାଳମାନଙ୍କର ବୋଧେ ଏଇ ଅବତାର। ଅନେକ ଆର୍ଥିକ ମଜବୁତ୍ ବ୍ୟକ୍ତିମାନେ ମଦ କାଉଣ୍ଟର ଖୋଲିବା ନିମନ୍ତେ ଲାଇସେନ୍ସ ଖଣ୍ଡକପାଇଁ କେତେକଣ ଟଙ୍କା ଖର୍ଚ୍ଚ କରିଥଲେ। ଭାଗ୍ୟବାନ ଲୋକଙ୍କୁ ଛାଡ଼ି ବାକି ସବୁଙ୍କ ଟଙ୍କା ପାଣିରେ ପଡ଼ିଲା। ଯେଉଁଠି ଶସ୍ତାରେ ଅମୃତ ତୁଲ୍ୟ କ୍ଷୀରକୁ ଛାଡ଼ି ମଦପାଇଁ ଲୋକେ ବାଡାବାଡ଼ି ସେଠି ମଦ କାଉଣ୍ଟରଟେ ଖୋଲିବାର ସ୍ୱପ୍ନ ନେତାମନ୍ତ୍ରୀ, ତାଙ୍କ ନିଜଲୋକ ନଚେତ ଧନୀକ ଗୋଷ୍ଠୀଙ୍କ ରହିବା ଯଥାର୍ଥ। ମଦ ଲାଭ କେହି ଦେଇପରିବେନି। ବର୍ଷାଝଡ଼ି ହେଉକି ଝାଞ୍ଜିଖରା କି ହାଡ଼ଭଙ୍ଗା ଶୀତ ହେଉ, ସକାଳରୁ ପୁଣି ପାହାନ୍ତାଯାଏଁ କାଉଣ୍ଟର ପୁରାଜାମ। କାରଣ ଏଠି ମଦୁଆଙ୍କ ସଂଖ୍ୟା ଅଧିକ। ଅଷ୍ଟମ ଶ୍ରେଣୀରୁ କଲେଜ ପାଠୁଆଙ୍କ ଠାରୁ ସାଧାରଣ ଯୁବକଯାଏଁ ଅନେଶତ ପ୍ରତିଶତଙ୍କପାଇଁ ମଦ ଏକରକମର ନୈବେଦ୍ୟ। ଦିମୁଠା ଭାତ, କି ଦିପଟ ରୁଟି କମ୍ ହେଲେ ଚଳିବ କିନ୍ତୁ ମଦରେ ପେଟ ଭରିବା ଦରକାର। ସମସ୍ତ ବଡବଡ କାର୍ଯ୍ୟକ୍ରମର ପ୍ରମୁଖ ଆଇଟମ ଭାବରେ କେଉଁଠି ମେନୁରେ ଲିଖିତ ଆକାରରେ ତ ଆଉ କେଉଁଠି ଲୁକାୟିତ ଭାବରେ ମଦ୍ୟପାନୀୟର ବ୍ୟବସ୍ଥା ସୁନିଶ୍ଚିତ। ବିନାମଦରେ ସବୁ ଫିକା ପାଣିଚିଆ। ମଦ ଏବେ ଖୋଲାମେଲାରେ, ତେଜରାତି, ଫାଷ୍ଟ ଫୁଡ୍ ଏବଂ ଜଳଖିଆ ଦୋକାନରେ ମଧ୍ୟ ମିଳୁଛି। ରାସ୍ତାକଡ, ମଝିବିଲ, ନଈଘାଟ ଏବଂ ଆମ୍ବତୋଟାରେ ଚାଖଣା ସାଙ୍ଗରେ ଭାରି ମଜାଲାଗେ। ବିଶେଷକରି ରାଜନୈତିକ ରାଲିରେ ତଥା ବାହାଘର ବରଯାତ୍ରୀଙ୍କ ପ୍ରଥମ ପ୍ରଶ୍ନ ପାଣିର ଅୟୋଜନ ହେଇଛିତ ? ନହେଲେ କିଏ ଯାଉଛି ଯେ ? ଆଜିର ଯୁବକମାନଙ୍କ ଯେକୌଣସି ସାମାଜିକ କାର୍ଯ୍ୟକ୍ରମର ପ୍ରମୁଖ ଦାବି ମଦ୍ୟପାନୀୟ।

ସାରା ଓଡିଶାରେ ପ୍ରତି ଜିଲ୍ଲାରେ ନୂଆ ମଦ କାଉଣ୍ଟର ଖୋଲିବାପାଇଁ ସରକାଙ୍କଦ୍ୱାରା ନିଷ୍ପତ୍ତିକୁ ପରିପୂରଣ କରିବାରେ ଜିଲ୍ଲାପାଳଗଣ ସଂକଳ୍ପବଦ୍ଧ। ସରକାଙ୍କଦ୍ୱାରା ଦ୍ୱାରା ଯେତେସବୁ ଉନ୍ନୟନମୂଳକ ଯୋଜନାର ଭିତ୍ତିପ୍ରସ୍ତର ଶୁଭ ଦିଆଯାଉଛି, ସେଥିରୁ ନେତାମନ୍ତ୍ରୀ ତଥା ବିଭାଗୀୟ କର୍ମଚାରୀଙ୍କୁ ଖୁସି କରାଇବାପାଇଁ ପାର୍ଟି ସାର୍ଟର ବ୍ୟବସ୍ଥାକୁ ବାଦ ଦେଇହେବନି। ଆଜିକାଲିକା ପାର୍ଟିରେ ଖାଦ୍ୟ ଯାହା ହେଉନା କାହିଁକି ସେଥିରେ ବିଶେଷ ପାନୀୟର ଆବଶ୍ୟକାତା ରହିଛି। କଥାରେ ଅଛି ଜୀବନରେ କଣ ଅଛି, ଏଇ ଅଛି ଆରବେଳାକୁ କିଏ ଦେଖିଛି। ଖାଇପିଇ ଜୀବନକୁ ଉପଭୋଗ କର। ଆଜି ମଲେ କାଲି ଦୁଇଦିନ। ଏଗାର ଦିନ ଭୋଜି ପରେ କାହାକୁ କିଏ ମନେ ରଖୁଛି ନା ମନେ ପକାଉଛି। କେବଳ କାନ୍ଥରେ ଖଣ୍ଡେ ଲାମିନେଟ ଫଟୋ ଝୁଲେଇଦେଲେ କାମ ଶେଷ। ଏଇସନ ଓଡ଼ିଶା ସରକାଙ୍କଦ୍ୱାରା ୧୧୬୪ଟି ମଦ କାଉଣ୍ଟର ଖୋଲିବାକୁ ଲାଇସେନ୍ସ ପାଇଁ ନୋଟିସ ଜାରି କରାଯାଇଥିଲା । ୨୯୦୦୦ ଆବେଦନକାରୀ । ବିଦେଶୀ ମଦ କାଉଣ୍ଟର ପାଇଁ ୩ଲକ୍ଷ ଓ ଦେଶୀ ପାଇଁ ୨ଲକ୍ଷ ଆବେଦନ ରାଶି ଯାହାକୁ ଫେରସ୍ତ ଦିଆଯିବ ନାହିଁ । ଲାଇସେନ୍ସ ଟେଣ୍ଡର ଆବେଦନରୁ ରାଜ୍ୟ ସରକାର ୮୪୦ କୋଟିର ଏକ ମୋଟାଅଙ୍କର ଅର୍ଥ ରାଶି ମାଗଣାରେ ରୋଜଗାର କରିଛନ୍ତି। ଏହା ସରକାଙ୍କଦ୍ୱାରା ଏକ ବାର୍ଷିକ ବୃହତ୍ ଆର୍ଥିକ ଆମଦାନୀ ପ୍ୟାକେଜ କହିଲେ ଅତ୍ୟୁକ୍ତି ହେବନାହିଁ। ସତରେ ମଦପାଇଁ ଲୋକ ଖାଇବା ଭୁଲିଯାଉଛନ୍ତି। ଦାରିଦ୍ର୍ୟ ସୀମାରେଖା ତଳେ ବଞ୍ଚୁଥିବା ମଣିଷଗୁଡାକବି ମଦ ସେବନରେ ଆଗରେ। ମିଳୁଥିବା ରାସନ ଚାଉଳକୁ ବିକି ଲୋକ ଏବେ ପହଞ୍ଚି ଯାଉଛନ୍ତି ମଦ କାଉଣ୍ଟର ପାଖରେ। ଘରେ ତେଣିକି ଚୁଲି ଜଳୁକି ନଜଳୁ। କିଏ ଖାଉ କି ନଖାଉ କିନ୍ତୁ ମଦର ନିଶାରେ ମାତାଲ ଘରର ମୁଖିଆ। ବାସ୍ତବରେ, ଏ ମଦ ଜିନିଷରେ ମହତ୍ୱ ଯୁଗେଯୁଗେ ରହିଛି। 'କି ଗଦ ଶୁଙ୍ଘେଇଛି କେଜାଣି ମଦ ତାବିନା ଜୀବନଟା ସତେ ଯେମିତ ମୁକ ଆଉ ବଧିର'। ମଦ ପିଇବାକୁ ଦେଲେ ମିଳନ୍ତି ବନ୍ଧୁ ଅନେକ । 'ମଦ ସଙ୍ଗେ ଟିକେ ମିଳିଲେ ଚାଖଣ ଯୁବାବୃଦ୍ଧ ସଭିଙ୍କୁ ଦିଶେ ଚଉଦ ବ୍ରହ୍ମାଣ୍ଡ'। ସରକାରଙ୍କୁ ଅଧିକ ରାଜସ୍ୱ କେବଳ ମିଳୁଛି ଅବକାରୀ ବିଭାଗରୁ। ମଦ ତଥା ନିଶା ଦ୍ରବ୍ୟରୁ ମିଳୁଥିବା ଆର୍ଥିକ ଅଭିବୃଦ୍ଧି ଯେଉଁଥିରେ ବିଭିନ୍ନ ସରକାରୀ ଯୋଜନାର ବ୍ୟୟ ବରାଦ କରାଯାଉଛି। ରାଜ୍ୟ ସରକାରଙ୍କଦ୍ୱାରା ଦେଶୀମଦ ପ୍ରସ୍ତୁତି ପାଇଁ ଆବଶ୍ୟକୀୟ ଗବେଷଣା ଚାଲିଛି। ମାଣ୍ଡିଆ, ମହୁଲି, ଚାଉଳ ତଥା ଅନ୍ୟାନ୍ୟ ବନ୍ୟଜାତୀୟ ଫୁଲ-ଫଳ-ଚେରମୂଳ ଉପାଦାନରୁ ପ୍ରାକୃତିକ ଉପାୟରେ ଦେଶୀ ମଦପାନୀୟ ପ୍ରସ୍ତୁତି କରିବା ଦିଗରେ ସରକାର ଆଗ୍ରହ ସହ ପଦକ୍ଷେପ ନେଉଛନ୍ତି।

ମଦ୍ୟପାନୀୟର ଆରମ୍ଭର ନିର୍ଦ୍ଦିଷ୍ଟ ସମୟ ନିରୂପଣ କରିବା ଅସମ୍ଭବ। ଭାରତରେ ବୈଦିକ ଯୁଗର ପୂର୍ବରୁ ମଦ୍ୟପାନୀୟ ବିଷୟରେ ବର୍ଣ୍ଣନା କରାଯାଇଛି। ସୁରା ଏବଂ ସୋମରସ ବିଷୟରେ କିଛି ତଥ୍ୟ ମିଳେ। ଋଗ୍ ବେଦରେ ସୋମ ରସକୁ ଏକ ପବିତ୍ର ପାନୀୟରୂପେ ବିଭିନ୍ନ ଧାର୍ମିକ ତଥା ମାଙ୍ଗଳିକ କାର୍ଯ୍ୟରେ ପାନ କରାଯାଏ। ଏହା ଫଳ ରସରୁ ପ୍ରସ୍ତୁତ ଯାହା ଶରୀରକୁ ସୁସ୍ଥ ରଖିବାରେ ସହାୟକ ହୁଏ। ଅନ୍ୟ ପକ୍ଷରେ ସୁରା ରସକୁ ପ୍ରାଚୀନ ଭାରତର ଖାଦ୍ୟଶସ୍ୟ ଯଥା ଚାଉଳ, ବାର୍ଲି, ଗହମ ଆଦିରୁ ପ୍ରସ୍ତୁତି କରାଯାଇଥାଏ। ଏହା ଏକ ପ୍ରକାର ମିଶ୍ରିତ ପାନୀୟ ଯାହାକୁ ରାଜକୀୟ ସମ୍ଭ୍ରାନ୍ତ ଏବଂ ଯୋଦ୍ଧାମାନଙ୍କୁ ପାନ କରିବାକୁ ଦିଆଯାଏ। ପ୍ରାଚୀନ କାଳରେ ଶାରୀରିକ ଅଭିବୃଦ୍ଧି, ଶକ୍ତିଶାଳୀ ତଥା ସୁସ୍ଥତା ପାଇଁ ସୁରା ପାନ ଉପରେ ଗୁରୁତ୍ୱ ଦିଆଯାଉଥିଲା। ଚରଖ ଏବଂ ସୁଶ୍ରୁତ ସଂହିତାରେ ମଦ୍ୟପାନୀୟକୁ ଔଷଧ ଭାବରେ ଗ୍ରହଣ କରାଯାଇଛି। ତାହା ପୁଣି ଏକ ନିର୍ଦ୍ଦିଷ୍ଟ ମାତ୍ରାରେ। ସମୟକ୍ରମେ ସୁରା ଏକ ରାଜକୀୟ ପାନୀୟ ଭାବରେ ନିଜର ପରିଚୟ ସୃଷ୍ଟି କଲା। ପୃଥିବୀର ସମ୍ଭ୍ରାନ୍ତ ପରିବାରରେ ଜନ୍ମିତ ବ୍ୟକ୍ତିମାନଙ୍କର ଏହା ବିଳାସମୟ ଜୀବନଯାପନର ଏକ ଅତ୍ୟାବଶ୍ୟକ ପ୍ରମୁଖ ପାନୀୟରୂପେ ପିଢି ପରେ ପିଢି ଗ୍ରହଣୀୟ ହୋଇଆସିଲା। ମଦିରା ପାନ ବା ମଦିରା ରସ ଏକ ବିଳାସମୟ ଉପାଦାନ ମଧ୍ୟରେ ଅନ୍ତର୍ଭୁକ୍ତ। ସୁରା ରସରେ କୃତ୍ରିମ ରସାୟନିକ ପଦାର୍ଥ ମିଶ୍ରଣ କରି ତାକୁ ମାଦକର ରୂପ ଦିଆଗଲା । ଧୀରେ ଧୀରେ ମଦ ନିଶାର ଚାହିଦା ବଢ଼ି ଚାଲିଲା। ଆର୍ଥିକ ସ୍ୱଚ୍ଛଳ ପରିବାର ଲୋକେ ପିଇବା ଆରମ୍ଭ କରିଥିବା ମଦ୍ୟପାନୀୟକୁ ଧୀର ଧୀରେ ଖଟିଖିଆ ଦିନ ମଜୁରିଆ ତଥା ଆର୍ଥିକ ଦୁର୍ବଳ ବ୍ୟକ୍ତିମାନଙ୍କର ଦୈନିକ ପାନୀୟ ଜଳଭାବେ ଖୁବ୍ ଆଦର ଲାଭ କରିବା ଅନେକ ସମୟରେ ଚିନ୍ତା ପ୍ରକଟ କରେ। ନାରୀ, ଜୁଆ ଏବଂ ମଦ ସଂସାରର ସମସ୍ତ ଅନର୍ଥର କାରଣ। ମଦ ନିଶା ଥରେ ଘାରିଲେ ଦୁର୍ଘଟଣା, ଜୀବନହାନୀ, ଶରୀର କଷ୍ଟ ତଥା ପାରିବାରିକ ସମ୍ପର୍କକୁ ବିପର୍ଯ୍ୟସ୍ତ କରେ ତାକୁ ଅନୁଭବ କରି ମଧ୍ୟ ଏ ସଭ୍ୟସମାଜ ଅବୁଝା। ପ୍ରତିଦିନ ଦୁର୍ଘଟଣା, ପାରିବାରିକ କଳହ, ଶାରିରୀକ ନିର୍ଯାତନା ସହ ଆର୍ଥିକ ଅବନତି ସତ୍ତ୍ୱେ ମଦର ମଜାରୁ କେହି ଦୂରେଇବାକୁ ଇଚ୍ଛା ପ୍ରକାଶ କରୁନାହିଁ। ଅଧିକ ରାଜସ୍ୱ ମିଳୁଥିବା ମଦକୁ ସରକାର କାହିଁକି ନିଷେଧ କରିବେ। ବରଂ ଆଗାମୀ ଭବିଷ୍ୟତରେ ନୂଆ ନୂଆ କାଉଣ୍ଟର ଖୋଲି ସାଧାରଣ ଜନତାଙ୍କୁ ସୁବିଧା ଯୋଗାଇ ଦେଲେ ଯୁବସମାଜ ସରକାରଙ୍କ ନିକଟରେ ଚିରଋଣୀ ରହିବେ। ମଦବିନା ଦେଶ ତଥା ରାଜ୍ୟର ଅସ୍ତିତ୍ୱ କାହିଁ? ଏ ରାତିର ସକାଳ କେବେ ଆସିବ ହିଁ ନାହିଁ। ମଦମୁକ୍ତ ବିଶ୍ୱର ପରିକଳ୍ପନା ଏକ ମିଥ୍ୟା ପ୍ରହସନ।

# ଏଲନିନୋ ଓ ଉତ୍ତପ୍ତ ବିଶ୍ୱ - ଏକ ଚିନ୍ତାର ବିଷୟ



ଡକ୍ଟର ଅମୂଲ୍ୟ କୁମାର ପଣ୍ଡା
ଅରଙ୍ଗାବାଦ, ବରୀ, ଯାଜପୁର
ମୋ - ୮୨୪୯୫୦୨୭୭୬

ଜଳବାୟୁ ପରିବର୍ତ୍ତନ ସମସ୍ତ ମାନବ ସମାଜ ପାଇଁ ଏକ ପ୍ରମୁଖ ଚିନ୍ତାର ବିଷୟ ପାଲଟିଛି । ବର୍ତ୍ତମାନ ଏଲନିନୋ ନାମରେ ପରିଚିତ ପ୍ରାକୃତିକ ବିପର୍ଯ୍ୟୟ କ୍ରମଶଃ ବିପଜ୍ଜନକ ହେବାରେ ଲାଗିଛି । ଏଲନିନୋ ବିଶ୍ୱ ଉଷ୍ଣତା, ବର୍ଷା ଅସନ୍ତୁଳନ, ଉଷ୍ମ ତରଙ୍ଗ, ବନ୍ୟା ଏବଂ ଝଡ଼ ସମେତ ଅନେକ ପ୍ରାକୃତିକ ବିପର୍ଯ୍ୟୟ ସହିତ ଜଡିତ। ଏଲନିନୋ ଏକ ପ୍ରାକୃତିକ ପ୍ରକ୍ରିୟା ଯାହା କେନ୍ଦ୍ରୀୟ ଏବଂ ପୂର୍ବ ପ୍ରଶାନ୍ତ ମହାସାଗରରେ ଜଳ ତାପମାତ୍ରା ବୃଦ୍ଧି କରେ। ଏହା ମଝିରେ ମଝିରେ ଘଟେ। ସାଧାରଣତଃ ପ୍ରତି ୨ ରୁ ୭ ବର୍ଷରେ। ଏଲନିନୋ ଶବ୍ଦଟି ସ୍ପାନିସ୍ ଶବ୍ଦ 'ଛୋଟ ପିଲା'ରୁ ଆସିଛି। ପେରୁ ଏବଂ ଇକ୍ୱେଡରର ମତ୍ସ୍ୟଜୀବୀମାନେ ଏହି ଘଟଣାଟିକୁ ପ୍ରଥମେ ଚିହ୍ନି ପାରିଥିଲେ। ସାଧାରଣତଃ, ପଶ୍ଚିମ ପ୍ରଶାନ୍ତ ମହାସାଗରରେ ଉଷ୍ମ ପାଣି ଥାଏ ଏବଂ ପୂର୍ବ ପ୍ରଶାନ୍ତ ମହାସାଗରରେ ଥଣ୍ଡା ପାଣି ଥାଏ। ସେଠି ଉତ୍ପନ୍ନ ପବନ, ଯାହାକୁ ବାଣିଜ୍ୟ ବାୟୁ ମଧ୍ୟ କୁହାଯାଏ ପଶ୍ଚିମ ଦିଗକୁ ବହେ ଏବଂ ଜଳରେ ସନ୍ତୁଳନ ବଜାୟ ରଖେ। ତଥାପି ଏଲନିନୋ ସମୟରେ, ଏହି ପବନ ଦୁର୍ବଳ ହୋଇଯାଏ ଏବଂ ଉଷ୍ମ ପାଣି ପୂର୍ବ ଦିଗକୁ ଗତି କରେ। ଏହା ସମୁଦ୍ରର ତାପମାତ୍ରାକୁ ବୃଦ୍ଧି କରେ ଏବଂ ପ୍ରାକୃତିକ ବର୍ଷାର ଢାଞ୍ଚାକୁ ପରିବର୍ତ୍ତନ କରେ।

ବର୍ତ୍ତମାନ ଏଲନିନୋ ବିଶ୍ୱରେ ଅତ୍ୟଧିକ ତାପମାତ୍ରା ସୃଷ୍ଟି କରୁଛି। ଏହା ବିଶ୍ୱ ଉଷ୍ଣତାକୁ ତ୍ୱରାନ୍ୱିତ କରୁଛି। କିଛି ଅଞ୍ଚଳରେ ଅତ୍ୟଧିକ ବର୍ଷା ହୁଏ ଯେତେବେଳେ ଅନ୍ୟ ଅଞ୍ଚଳରେ ଗରମ ପାଗ ଅନୁଭବ ହୁଏ। ଏହି ଏଲନିନୋ ପ୍ରଭାବରେ ଭାରତରେ ବର୍ଷା ପ୍ରାୟତଃ ହ୍ରାସ ପାଏ, ଯାହା ଫଳରେ ଫସଲ ନଷ୍ଟ ହୁଏ, ଧାନ ଉତ୍ପାଦନ ହ୍ରାସ ପାଏ ଏବଂ ଚାଷୀଙ୍କ ଆର୍ଥିକ କ୍ଷତି ହୁଏ। ଏଲନିନୋ ଜଳସ୍ତରକୁ ହ୍ରାସ କରେ, ଯାହା ଫଳରେ ପାନୀୟ ଜଳର ଅଭାବ ଦେଖାଦିଏ। ଏଲନିନୋ ବନ୍ୟା, ଗରମ ଲହରୀ, ଘୂର୍ଣ୍ଣିଝଡ଼ ଏବଂ ଜଙ୍ଗଲରେ ନିଆଁ ଭଳି ପ୍ରାକୃତିକ ବିପର୍ଯ୍ୟୟ ସୃଷ୍ଟି କରିପାରେ। ଭାରତର ପାଗ ମୁଖ୍ୟତଃ ମୌସୁମୀ ବର୍ଷା ଉପରେ ନିର୍ଭର କରେ। ଏଲନିନୋ ସମୟରେ, ଦକ୍ଷିଣ-ପଶ୍ଚିମ ମୌସୁମୀ ଦୁର୍ବଳ ହୁଏ ଓ ବର୍ଷା ଅନିୟମିତ ହୁଏ, ଏବଂ ବାୟୁମଣ୍ଡଳ ଉଷ୍ମ ହୋଇଯାଏ। ତା ସହିତ ପ୍ରବଳ ପବନ ବହିଥାଏ। ଏହି ପ୍ରଭାବ ଓଡ଼ିଶାରେ ମଧ୍ୟ ଅନୁଭୂତ ହୁଏ, ଯାହା ଧାନ ଚାଷକୁ ପ୍ରଭାବିତ କରେ ଏବଂ ବୃଦ୍ଧି ପାଉଥିବା ତାପମାତ୍ରା ଯୋଗୁଁ ଜଳ ଅଭାବ ସୃଷ୍ଟି କରେ।

ଏଲନିନୋ କେବଳ ଓଡ଼ିଶା କିମ୍ବା ଭାରତକୁ ନୁହେଁ, ବରଂ ସମଗ୍ର ବିଶ୍ୱକୁ ପ୍ରଭାବିତ କରେ। ଉଦାହରଣ ସ୍ୱରୂପ, ଆମେରିକାରେ ବିନାଶକାରୀ ବନ୍ୟା, ଅଷ୍ଟ୍ରେଲିଆରେ ଗରମ ଲହରୀ ଏବଂ ଆଫ୍ରିକାରେ ଖାଦ୍ୟ ଅଭାବ ଭଳି ପ୍ରାକୃତିକ ବିପର୍ଯ୍ୟୟ ମାନ ସାଧାରଣ ଏବଂ ପ୍ରଚଳିତ। ଆଜିକାଲି ଜଳବାୟୁ ପରିବର୍ତ୍ତନ ମାନବ କାର୍ଯ୍ୟକଳାପ ଦ୍ୱାରା ପରିଚାଳିତ ହେଉଛି । ଯେପରିକି କଂକ୍ରିଟ୍ ଘରର ଅତ୍ୟଧିକ ନିର୍ମାଣ, ପକ୍କା ରାସ୍ତା ନିର୍ମାଣ, ଜଙ୍ଗଲ କାଟିବା, ଅତ୍ୟଧିକ ଯାନବାହାନ ବ୍ୟବହାର, କଳକାରଖାନାର ଅଭିବୃଦ୍ଧି , ପରମାଣୁ ଅସ୍ତ୍ରର ପରିକ୍ଷଣ ଓ କ୍ଷେପଣାସ୍ତ୍ର ପରୀକ୍ଷଣ ଇତ୍ୟାଦି ଇତ୍ୟାଦି । ଏହା ଏଲନିନୋକୁ ଆହୁରି ଶକ୍ତିଶାଳୀ କରୁଛି ଏବଂ ଏହାର ପ୍ରଭାବକୁ ଅଧିକ ଗମ୍ଭୀର କରୁଛି। ଆମକୁ ଏଲନିନୋର ପ୍ରଭାବକୁ ହ୍ରାସ କରିବା ପାଇଁ ଉପାୟ ଖୋଜିବାକୁ ପଡିବ। ନଚେତ୍ ଭବିଷ୍ୟତ ଆହୁରି ଭୟଙ୍କର ହେବ ଏଥିରେ କୌଣସି ସନ୍ଦେହ ନାହିଁ। ଏହି ଏଲନିନୋକୁ ନିୟନ୍ତ୍ରଣ କରିବା ପାଇଁ ଆମକୁ ପରିବେଶ ସୁରକ୍ଷା ପାଇଁ ପଦକ୍ଷେପ ନେବାକୁ ପଡିବ। ଯେପରିକି ଅଧିକ ଗଛ ଲଗାଇବା ଏବଂ ଜଙ୍ଗଲ ସୁରକ୍ଷା କରିବା। ଆମକୁ ଜଳ ସଂରକ୍ଷଣ ଏବଂ ବର୍ଷାଜଳ ସଂଗ୍ରହ କରିବା ଭଳି ଜଳ ପରିଚାଳନା ପଦ୍ଧତି ଗ୍ରହଣ କରିବାକୁ ପଡିବ। ଆମକୁ କୃଷିରେ ପରିବର୍ତ୍ତନ ଆଣିବାକୁ ପଡିବ। ଯେପରିକି ମରୁଡି ସହିଷ୍ଣୁ ଫସଲ ଚାଷ ଏବଂ ନୂତନ ପ୍ରଯୁକ୍ତିବିଦ୍ୟା ବ୍ୟବହାର କରିବା। ଏହା ସହିତ ସମଷ୍ଟିଙ୍କ ମଧ୍ୟରେ ସଚେତନତା ଆଣିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ସରକାର ଏବଂ ବିଭିନ୍ନ ସଂଗଠନକୁ ଜନସଚେତନତା ବୃଦ୍ଧି କରିବା ପାଇଁ ପ୍ରଥମ ପଦକ୍ଷେପ ନେବାକୁ ପଡିବ ଏବଂ ଏଥିପାଇଁ ଏକ ସ୍ୱତନ୍ତ୍ର ସରକାରୀ ଯୋଜନା ପ୍ରସ୍ତୁତ କରିବା ଆବଶ୍ୟକ। ବୈଜ୍ଞାନିକମାନେ କହିଛନ୍ତି ଯେ ଆଗାମୀ ଦିନରେ ଏଲନିନୋର ପ୍ରଭାବ ବୃଦ୍ଧି ପାଇପାରେ। ଯଦି ଆମେ ପରିବେଶ ସୁରକ୍ଷା ପ୍ରତି ଧ୍ୟାନ ନ ଦେଉ, ତେବେ ଏହା ମାନବ ଜୀବନ ପାଇଁ ଏକ ଗୁରୁତର ବିପଦ ସୃଷ୍ଟି କରିବ। ବର୍ତ୍ତମାନ ଏଲନିନୋ ସମଗ୍ର ପୃଥିବୀ ପାଇଁ ଏକ ଅତ୍ୟନ୍ତ ବିପଜ୍ଜନକ ରୂପ ନେଇଛି। ଏହା ବିଶ୍ୱ ଜଳବାୟୁ ଉପରେ ବିପର୍ଯ୍ୟୟ ସୃଷ୍ଟି କରୁଛି ଏବଂ ମାନବ ଜୀବନକୁ ପ୍ରଭାବିତ କରୁଛି। ତେଣୁ ଆମେ ସମସ୍ତେ ପରିବେଶ ସୁରକ୍ଷା ଏବଂ ସତର୍କ ରହି ଏହାର ପ୍ରଭାବକୁ ହ୍ରାସ କରିବାକୁ ପଡିବ । ଯଦିଓ ଏଲନିନୋ ଏକ ପ୍ରାକୃତିକ ଘଟଣା ଓ ମାନବ କାର୍ଯ୍ୟକଳାପ ଏହାକୁ ଆହୁରି ବିପଜ୍ଜନକ କରୁଛି ବା ବଳବାନ କରୁଛି । ଏ କ୍ଷେତ୍ରରେ ଯଦି ଆମେ ଏବେ ସଚେତନ ନହୁଅନ୍ତି, ତେବେ ପରବର୍ତ୍ତୀ ପିଢ଼ି ପାଇଁ ପୃଥିବୀରେ ରହିବା କଷ୍ଟକର ହୋଇଯାଇପାରେ।



Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : ଜୟାଶୀଷ ରାୟ

# ବାପା



**ନଗେନ୍ଦ୍ରନାଥ ପଟ୍ଟନାୟକ**

ଶୀତୁଆ ସକାଳର ନରମ ଖରା । ସୁନେଲି ଚାଦର ଭଳି ବିଛେଇ ହୋଇଥିଲା ଅଗଣାସାରା । ମାସ କେଇଟା ବିତିଗଲା ପରେ ମାତୃଳାୟ ଆସିଲା ନିଧି । ବାପାଙ୍କ ପାଖରେ ଯେମିତି ସେ ବସିପଡ଼ିଲା ତା' ନଜର ପଡିଗଲା ତାଙ୍କ ପୁରୁଣା ପିତଳ ଥାଳିଟା ଉପରେ । ଥାଳିରେ ପରଶା ହୋଇଥିଲା ରୁଟି, ସାଦା ତରକାରି ଓ ଡାଲି ।

ପଟେ ରୁଟିକୁ ଆଙ୍ଗୁଳିରେ ହାଲକା ଭାବେ ମୋଡ଼ିଦେଇ ନିଧିକହିଲା: ବାପା ! ଭାଉଜ ଉପରେ ତୁମେ ଟିକେ ନିଘା ରଖିବା କଥା । ସେ ତ ରୁଟିକୁ ଟିକେ କଡ଼ା କରିଦେଉଛନ୍ତି । ତା'ଛଡ଼ା ପୁଣି ତରକାରିରେ ରସୁଣ ଫାଳ ଜଳ ଜଳ ଦିଶୁନି । ହରଡ଼ ଡାଲି ବନା ହୋଇଛି ଯେ ସେଥିରେ ଧନିଆ ପତ୍ର ପଡ଼ିଲାନି । ତା'ପରେ ପୁଣି ରସୁଣ ଚଟଣି ବନା ହୋଇନି କାହିଁକି ?

ଈଷତ୍ ମୁରୁକି ହସ ହସି ଦେଲେ ବାପା, ଯେମିତି ଆପତ୍ତି ଅଭିଯୋଗ ଗୁଡ଼ିକ ତାଙ୍କୁ ବେଶ୍ ମାମୁଲି ଜଣାପଡ଼ିଥିଲା । ସେଇକ୍ଷଣି ପ୍ରକୋଷ୍ଠ ଭିତରୁ ଝଡ଼ ଭଳି ବାହାରି ଆସିଲେ ବୋହୂ ଅଙ୍କିତା । କହିଲେ: ବାପା ! କ'ଣ କିଛି ପରଷି ଦେବି ?

: ନା ଝିଅ, ବାସ୍ ସେତିକି ଯଥେଷ୍ଟ । ଗଳାକୁ ଟିକେ ନରମ କରି ବାପା କହିଲେ । ଔଷଧ ପଥି ବାପାଙ୍କ ପାଖରେ ଥୋଇଦେଇ ରୋଷଶାଳା ଭିତରକୁ ଢ଼ଗଢ଼ଗ ପାହୁଣ୍ଡ ପକେଇ ଚାଲିଗଲେ ଅଙ୍କିତା, ବିନା କିଛି ବାକ୍ୟ ବିନିମୟରେ । ବେଶ୍ କିଛି ସମୟ ଭିତରେ ଧନିଆ ପତ୍ର କାଟି ଡାଲିରେ ପକେଇଲେ ।

ବୋହୂ ସେଠୁ ଚାଲିଗଲା ପରେ ନିଧି ପୁଣି ବିଡ୍‌ବିଡ୍ ହେଲା: ଆଜି ଯଦି ମାଆ ଥାଆନ୍ତେ ତେବେ ତୁମକୁ ଏମିତି ଖାଇବା କେବେ ଦେଇନଥାନ୍ତେ । ଭୋଜନ ସରିବା ପରେ ତୁମର ତ ମିଠା ବେଶ୍ ପସନ୍ଦ ।

ଏଥର ଝିଅ ଆଡ଼ିକି ବେଶ୍ ଗମ୍ଭୀର, ଶାନ୍ତ ଓ ଅନୁଭବୀ ଭାବେ ଦୃଷ୍ଟିପାତ କଲେ ବାପା । ସେ ଯେମିତି ବହୁ ବର୍ଷର ବୋଝ ଉତାରି କିଛି କହିବାକୁ ଇଚ୍ଛା କରୁଛନ୍ତି ।

: ନିଧି... କ୍ଷୀଣ ସ୍ୱର ତାଙ୍କର; କିନ୍ତୁ ଭିତରେ ଅତୁଟ ଟାଣପଣ ।

: ତୋ' ମାଆ ଆରପାରିକି ଚାଲିଗଲା ପରେ ମୁଁ ଖୁବ୍ ନିଃସଙ୍ଗ ହୋଇଯାଇଥିଲି । ଘରେ ଲୋକବାକ ଥିଲେ ସତ; କିନ୍ତୁ ଘର ଘର ପରିକା ନଥିଲା । ସେଇ ଶୂନ୍ୟତା ଭିତରେ ଘର ଭିତରକୁ ଆଗମନ ହେଲା ତୋ' ଭାଉଜର । ଠିକ୍ ସେ ମକା ରୁଟି ବନେଇ ପାରୁନଥିଲା ସେ । ପିଲାଝିଲାଙ୍କ ଭଳି ଧାଉଁଥିଲା ସିନା; କିନ୍ତୁ ମତେ ମକା ରୁଟି ବେଶ୍ ପସନ୍ଦ ବୋଲି ବେଶ୍ ଜାଣିଥିଲା ସେ ।

ରୁଟି ଗୁଡ଼ାକ ଗୋଲିଆ ଓ ନରମ ନହେବାଯାଏ ସେ ନିଇତି ବେଲିବାକୁ ଚେଷ୍ଟା କରୁଥିଲା । ଆଜି ଧନିଆ ପତ୍ର ପଡ଼ିନଥିଲା ବୋଲି ସେ ତୁରନ୍ତ ଧନିଆ ପତ୍ର କାଟି ପକେଇଦେଲା । କାରଣ ମୋ ଖାଇବା ଥାଳିରେ କ'ଣ କିଛି ଊଣା ଦେଖିଲେ ସେ ମାନିନିଏ । ତୁ ତ ଓଜର ଆପତ୍ତି ସବୁ ଖୋଜି ନେଉଛୁ । ତାହା କମ୍ କରି ଖୋଜିଲେ କମ୍‌ତି ଭରଣା ହୋଇଯାଆନ୍ତା ମ । ନିଧି, ତୋ' ଭାଉଜ କେବଳ ମୋ' ବୋହୂ ନୁହେଁ, ମୋ' ଝିଅ ମଧ୍ୟ । କେବେ ମୋ' ମାଆ ବନି ମୋ କମ୍ପିତ ଶିରାଳ ହାତରେ ଔଷଧ ପଥି ଧରାଇଦିଏ ତ କେବେ ଉଉଣୀ ହୋଇ ମଥା ଚିପିଦିଏ । ଆଉ ରାତିରେ ତୋ ମା'ର ଛବି ଚଳଚ୍ଚିତ୍ର ଭଳି ମୋ' ଆଖି ଆଗରେ ଭାସିଆସିଲା ବେଳେ ସେ ପଚାରେ- ବାବା, କ'ଣ ହେଲା ?

ନିଧିଙ୍କ ଛାତି ଭିତରୁ କୋହ ଉଠୁଥିଲା ତୁହାଇ ତୁହାଇ । ସେ ପ୍ରଥମ ଥର ପାଇଁ ବାପାଙ୍କ ନିଃସଙ୍ଗତାର ସେଇ ସ୍ପନ୍ଦନକୁ କାନପାତି ଶୁଣୁଥିଲେ ଯାହାକୁ ସେ ବର୍ଷଣମୁଖର ରାତିରେ ଅଣଦେଖା କରିଥିଲେ ।

ଆସ୍ତେ ଆସ୍ତେ ନିଧିଙ୍କ ଓଷ୍ଠ ବୁଜି ହୋଇଆସିଲା । ଯେମିତି ଆପତ୍ତି ଅଭିଯୋଗର ହିମଖଣ୍ଡ ସବୁ ସେଇ ଖରା ତାତିରେ ତରଳି ଯାଉଛି । ଟିକକ ପରେ ବିଛଣାରୁ ଉଠିଲେ ବାପା । ରୋଷେଇ ଘର ଆଡିକି ମୁହଁଫେରାଇ ଆଣି କୁହାଟ ଛାଡିଲେ: ଅଙ୍କିତା, ଆଗ ତୁ କ'ଣ ଗଣ୍ଡାଏ ଖାଇନେ, ଝିଅ । ତା'ପରେ ବେଶ୍ ଆରମ୍ଭରେ ରୋଷେଇବାସ କାମରେ ଲାଗିପଡିବୁ । ସକାଳ ପ୍ରହରୁ ବିବେକ ଆଉ ତୋ ପାଇଁ ଜିଲାପି ଆଣିଥିଲି, ଟେବୁଲ୍ ଉପରେ ଥୋଇ ଦେଇଛି ବେଶ୍ ସନ୍ତର୍ପଣରେ । ଆଉ ହଁ, ନିଧିକୁ ତ ଖୋଇବାର ଅଛି ।

ମୁର୍କିମୁର୍କି ହସୁଥିଲେ ଅଙ୍କିତା । 'ହଉ ବାପା' କହି ସେ ରନ୍ଧା ଘର ଭିତରୁ ପଦାକୁ ବାହାରି ଆସିଲେ । ଆଉ ସେହିକ୍ଷଣି ନିଧିକୁ ମନେହେଲା ଏ ଘରେ ବୋହୂ ନୁହେଁ, ଜଣେ ଝିଅ ରହିଛି ଯେ ନିଜର ସ୍ନେହ ମମତା ଓ ହେପାଜତ୍‌ରେ ତା' ବାପାଙ୍କୁ ନୂତନ ଭାବେ ଜୀବନ୍ୟାସ ଦେଇଛି ।

*ପ୍ରାକ୍ତନ ଅତିରିକ୍ତଶାସନ ସଚିବ, ଓଡ଼ିଶା ସରକାର*
*ଓସ୍କାରସିଟି, ଲକ୍ଷ୍ମୀସାଗର*
*କେନାଲରୋଡ୍, ଭୁବନେଶ୍ୱର*
*ମୋ-୯୪୩୮୩୩୨୧୩୮*

# ନନା



**ସଂଯୁକ୍ତା ଦାଶ**

ନିଜ ଦୁଃଖ କଷ୍ଟ ଅଶାନ୍ତି ଅସୁସ୍ଥତାକୁ
ଲୁଚାଇ ରଖୁଥିବା
ଆଉ ଝିଅକୁ ଦେଖିଲେ ସବୁ ବଖାଣି ବସୁଥିବା
ଜଣକ ମୋ 'ନନା'

ପାଟିକୁ ସବୁ ଅରୁଚି ଲାଗୁଥିବା
ପେଟ କାଟୁଥିବା
ନିଦ ହେଉନଥିବା
ଔଷଧ ଖାଇବାକୁ ଭୁଲି ଯାଉଥିବା
କିନ୍ତୁ ଝିଅକୁ ଦେଖି ପୁଣି
ସ୍ୱାଭାବିକ ହୋଇଯାନ୍ତି ଯେ
ସେ ମୋ ନନା

ଡାକ୍ତର ପାଖକୁ ଯିବା ପାଇଁ
ଜୋତା କିଣିବାକୁ ଯିବା ପାଇଁ
ନଖ କାଟିବା ପାଇଁ
ଚୁଟି କାଟିବା ପାଇଁ
'ଝିଅ ଆସୁ... ସବୁ କରି ଦେବ...'
କହୁଥାନ୍ତି ଯେ... ସେ ମୋ ନନା

କେତେ ପୋଥି ପୁରାଣ ଗ୍ରନ୍ଥ ପଢିଥିବା
କେତେ ପ୍ରବନ୍ଧ ସ୍ତମ୍ଭ ଗଳ୍ପ ଉପନ୍ୟାସ ଲେଖିଥିବା
କେତେ ଅନର୍ଗଳ ଭାଷଣ ଦେଉଥିବା
ଅଥଚ ଝିଅର କବିତାକୁ ପକେଟରେ ରଖି
ଆବୃତ୍ତି କରୁଥିବା ସେଇ ଜଣକ ମୋ ନନା

ସେ ଡାକିବା ପୂର୍ବରୁ ଝିଅ ତାଙ୍କ 'ଓ' କରୁଥାଉ
ହସ ଲୁହ ତାଙ୍କ କାନିରେ ସାଇତି ଦେଉ
ତାଙ୍କ ଅକୁହା କଥାକୁ ଟିକିନିଖି ଶୁଣିନେଉ
ତାଙ୍କ ଅପେକ୍ଷା ଆଉ ଝିଅର ଉପସ୍ଥିତି ଭିତରେ
ସାମାନ୍ୟତମ ବ୍ୟବଧାନ ନଥାଉ...
ଆଜି ପିତୃ ଦିବସରେ ଝିଅର ଏତିକି କାମନା...

*ମୋ-୮୪୨୦୮୯୬୫୪୬*



# କଥା ଦେ

**ଶ୍ରୀଧର ପଟ୍ଟନାୟକ**

ଚାଲ୍ ଏମିତି
ଚାଲୁଥିବା ଘରକୁ ମୁଣ୍ଡେଇ,
ପିଉଥିବା ଲୁହ ଲହୁ ଭୋକକୁ ଲୁଚେଇ !
ମୁଠେ ଭାତ ପାଇଁ ହାତ
ଦେବାନି ଲମ୍ବେଇ,
ଲଢିବା ଯୁଝିବା ହାତ ଧରାଧରି ହୋଇ !

ଏମିତି ତ ସବୁବେଳେ
କପାଳରେ ଲେଖା,
ଦଙ୍ଗା ଅବା ଟଣା ହୁଏ ବିଭାଜନ ରେଖା !
ମୁକ୍ତି କାଇଁ କଷଣରୁ
ଏଇ ତ ଜୀବନ,
ଖଟିଖିଆ ସଂସାରର ଅମୃତ ଦର୍ଶନ !

ନିଜ ପାଇଁ ଲଢୁଥାଏ
ପ୍ରତିଟି ପରାଣ,
ଦୀନ ମହାଜନ ପାଇଁ ନିୟମ ସମାନ !
କଥା ଦେ' ଯଦି ବାଟେ
ପଡିଯିବି ଟଳି,
ଅଟକିବୁ ନାହିଁ କେବେ ମୋ କଥାକୁ ଭାଳି !

ଏଇ ଦେଖ୍ କୋଳେ ଆମ
ଦେଶ ଭବିଷ୍ୟତ,
କିଏ ଜାଣେ ଗଢିବ ସେ ସୁନାର ଭାରତ !
କିଏ ଅବା ଜାଣେ
ଏଇ ଧରା-ଧାମ ଧାରା,
ଯେ'କେହିବି ହୋଇପାରେ ଭଗୀରଥ ପରା !

*କଲ୍ୟାଣସିଂହପୁର, ରାୟଗଡ଼*
*ମୋ-୮୨୪୯୧୨୧୦୬୦*



# ମନେ ପଡ଼େ ଆଜି ଅତୀତର ସ୍ମୃତି

**ସୁରମା ମିଶ୍ର**

ମନେପଡ଼େ ଆଜି ଅତୀତର ସ୍ମୃତି
ମୋ ଗାଁର ଚାଳଘର
ଭୁଲି ପାରୁନାହିଁ ଗାଆଁକୁ ମୋହର
ଯୌଥ ପରିବାର ମୋର ॥

ପୁଅ ବୋହୂ ନାତି ନାତୁଣୀଙ୍କ ମେଳେ
ଲାଗିଥାଏ କୋଳାହଳ
ଦିନଟା ସଅଳ କଟିଯାଉଥାଏ
ଗଡି ଯାଉଥିଲା ବେଳ ॥

ସମୟାନୁକ୍ରମେ ପିଲା ବଡ଼ ହେଲେ
ସହରେ ପଢ଼ିଲେ ଯାଇ
ପୁଅ ବୋହୂ ଗଲେ ପିଲାଙ୍କ ସାଙ୍ଗରେ
ତାଙ୍କ ଦେଖାଶୁଣା ପାଇଁ ॥

ବୁଢ଼ା ବୁଢ଼ୀ ଦୁହେଁ ଘରେ ରହିଥିଲୁ
ଭିଟାମାଟିକୁ ଜାବୁଡ଼ି
ବୁଢ଼ୀ ଏସବୁକୁ ସହି ପାରିଲାନି
ଚାଲିଗଲା ରୋଗେ ପଡ଼ି ॥

ପୁଅ ବୋହୂ ଆସି କିଛି ଦିନ ରହି
ଶୁଦ୍ଧିକ୍ରିୟା କାମ ସାରି
କହିଲେ ବାପା ହେ ଆମ ସଙ୍ଗେ ଚାଲ
ସଅଳ ଯିବା ବାହାରି ॥

ନାଇଁରେ ନାଇଁ ମୁଁ କୁଆଡେ ଯିବିନି
ବାଧ୍ୟ ମୋତେ କରନାହିଁ
ଏଇଠି ଜନ୍ମିଛି ଏଇଠି ମରିବି
ଏଇଠି ରହିବି ମୁହିଁ ॥

ପୁଅ ବୁଝିଲାନି ବୋହୂ ବୁଝିଲାନି
ସାଙ୍ଗରେ ମୋତେ ଆଣିଲେ
ମନର କଥା ମୁଁ କା ଆଗେ କହିବି
ନୀରବରେ ଲୁହ ଢାଳେ ॥

ସହର ଚଳଣି ଭଲ ଲାଗୁନାହିଁ
ମନେ ପଡ଼େ ଗାଆଁ ମାଟି
ସେ ମାଟି ବାସନା ପାଇବା ପାଇଁକି
ହେଉଛି ମୁଁ ଛାଟିପିଟି ॥

ଗାଆଁ ବାଡ଼ିଶାଗ ପୋଖରୀର ମାଛ
ସଦା ମୋ ମନେ ପଡୁଛି
ତେଲ ମସଲାର ସୁଆଦିଆ ଖାଦ୍ୟ
ପାଟିକୁ ରୁଚୁନି କିଛି ॥

ଆମ ଗାଆଁ ଦେଶୀ ଉଷୁନା ଚାଉଳ
ବାସୀ ପଖାଳର ଭାତ
ଖାଇଦେଲେ ଗଣ୍ଡେ ଭାରି ଭଲ ଲାଗେ
ଆତ୍ମା ହୋଇଯାଏ ତୃପ୍ତ ॥

ଗାଆଁ ମାଟିଘର ଚାଳଘର ତଳେ
ସଉପ ଖଣ୍ଡିଏ ପାରି
କେତେ ଆରାମରେ ଶୋଇ ପଡୁଥିଲି
ନିଦ ଦେଉଥିଲା ଘାରି ॥

ସହରେ ମୋ ନିଦ ହଜି ଯାଇଅଛି
ଖୋଜିଲେ ପାଇବି କାହୁଁ
ବିଗତ ଦିନ କି ଫେରି ଆସିବରେ
ଫେରି ଆସିବ କି ଆଉ ॥

*ବିଏଲ୍ ୩୯, ଭିଏସ୍ଏସ୍ ନଗର, ଭୁବନେଶ୍ୱର*
*ମୋ-୯୮୫୩୩୪୩୯୬୫*

# ବୟସର ଉପାନ୍ତରେ

**ଶରତ ଦାଶ**



ବୟସର ଉପାନ୍ତରେ
କେତେ ସ୍ମୃତି କେତେ ଅନୁଭୂତି
ପର ଝାଡ଼ିଯାନ୍ତି ଉଡ଼ି
ଦେଖିବାକୁ ଆକାଶ ବିଭୂତି ।।
ପଛକୁ ଫେରିବା ପାଇଁ
ମନ ହୁଏ ବ୍ୟାକୁଳ ଆକୁଳ
ଆହା କି ସୁନ୍ଦର ଥିଲା
ସେ ନିରୀହ କୈଶୋରର କାଳ ।।
ନଥିଲା ଆପଣପର ଭେଦଭାବ
ବର୍ତ୍ତମାନ ଥିଲା ନିରୁଦବିଗ୍ନ
ଅଦୃଶ୍ୟ ଭବିଷ୍ୟତର
ନଥିଲା ବି ବିକଟ ପୀଡନ ।।
ସେବେ ଥିଲା ଅଭାବର ଆବହାଓ୍ୱା
ଅନଟନ ଖେଳୁଥିଲା ଖେଳ
ତଥାପି ସୁଖନିଦ୍ରାରେ
ବିତୁଥିଲା ରଜନୀ ସକଳ ।।
ବୟସର ଉପାନ୍ତରେ
ଏବେ ସବୁ ଥାଇ ବି ତ ନାହିଁ
ଶାନ୍ତି ସୁଖ ନିଦ୍ରା ସତେ
କେଉଁ ଶଠ ନେଇଛି ଚୋରାଇ ।।
ଆକାଶର ନୀଳିମାରେ
ଦିଶେ ଏବେ କଜଳର ଛାୟା
ଶକ୍ତିହୀନ ହସ୍ତ ପାଦ
ନୟନରେ ଧୂସରିତ ମାୟା ।।
ନାହିଁ ଆଉ ତିଳେ ଇଚ୍ଛା
ସନ୍ତରଣ କରିବି କୁହୁଡ଼ି
ନାହିଁ ଆଉ ବଳବୀର୍ଯ୍ୟ
ପ୍ରତିବାଦେ ପକାଇବି ରଡ଼ି ।।
ନିରାଶାର ଅନ୍ଧକାର
ଘୋଟିଲାଣି ସହସ୍ର ଯୋଜନ
ମନ ଆଉ ହୃଦୟରେ
ପ୍ରଶମିତ ଅଗ୍ନି ଲେଲିହାନ ।।
ଆଶାର ସ୍ତିମିତ ରେଖା
ଦିଶୁଅଛି ଦୂରେ ବହୁଦୂରେ
ବଂଶୀର ଗୁଞ୍ଜନ ଶୁଭେ
କିଏ ଅବା ଡାକେ ଧୀରେ ଧୀରେ ।।
ଘନ ଶ୍ୟାମ ରୂପ ତାଙ୍କ
ବହୁଦୂରୁ ହୁଏନାହିଁ ଦୃଶ୍ୟ
ଆଶାର ପ୍ରଦୀପ ଜାଳି
ଆସିବେ ସେ ସହସା ଅବଶ୍ୟ ।।
ମିଳୁ ବା ନମିଳୁ ମୋକ୍ଷ
ନାହିଁ ମିଳୁ ବୈକୁଣ୍ଠଭୁବନ
ମନ ହୃଦ ଭାବନା କଳ୍ପନା
ପୂର୍ଣ୍ଣ କରୁ ଧାମ ବୃନ୍ଦାବନ ।।

*ଭୁବନେଶ୍ୱର*

# ବାପା

**ସାରଦା ପ୍ରସାଦ ଆଚାର୍ଯ୍ୟ**



ଠିକ୍ ମନେ ନାହିଁ
କେବେ ଚିହ୍ନିଲି ତୁମକୁ ,
ଡାକିଲି ବାପା କାହା କଥାରେ ?
ହାତ ଧରି ଚାଲିଲି ବାଟ ତୁମ ପଛରେ,
ବାନ୍ଧି ହୋଇଗଲି ଗୋଟିଏ ପ୍ରେମରେ
ଜାଣିଲି ତୁମେ ମୋ ଦୁନିଆଁ ।

ପଚାରିନି କାହାକୁ ?
ତୁମେ ସତ କହୁଚ ନା ମିଛ କହୁଚ !
ଗାଁ ରାଧୁ ଅଜା କହନ୍ତି ମୋ କଥାରେ ତୁମ ସ୍ୱର,
ମାଣିକ ଆଇ କହେ ନାଇ ମ !
ମୁଁ କୁଆଡ଼େ ମୋ ବାପା ଭଳି ।

ବୋଉ କହୁଚି ମୋ ଚାଲି ଠିକ୍ ତା ବାପା ଚାଲି,
ବାପା କହନ୍ତି ତାଙ୍କ ବାପା ଚାହାଣି,
ମା' କହେ ମୁଁ ଠିକ୍ ତା ବାପା ପରି
ମୋ ଝିଅ କହେ ତା ନାକ ତା ବାପା ପରି ।

*ଯୋଡ଼ା, କେନ୍ଦୁଝର*
*ମୋ-୯୪୩୭୬୧୧୮୯୧*

# ହେ ଜହ୍ନ ତୁମେ...!



**ପବିତ୍ର କୁମାର ସାହୁ**

ସେଦିନର ଜହ୍ନ ତୁମେ ନିଦାଘର
ଥଣ୍ଡା ଜ୍ୟୋସ୍ନା ଢାଳି
କମ୍ପମାନ କଳେବରେ ସ୍ଥିରତା ଭରିଲ,
ଅଜସ୍ର ଶାନ୍ତିର ଜୁଆର ଭାଙ୍ଗିଲ
ନବ ଉନ୍ମାଦ, ଆହ୍ଲାଦ ପ୍ରକାଶିଲ
ଉଗ୍ରମନରେ ନବୀନ ଉଲ୍ଲାସ
ତୁମେ ହିଁ ଭରିଥିଲ ।

ବେରଙ୍ଗ ଜୀବନେ ରଙ୍ଗତୂଳୀଧରି
ପ୍ରେମରଙ୍ଗ ବୋଳିଥିଲ
ମାଧୁର୍ଯ୍ୟ ସାରଲ୍ୟ ବର୍ଷାରେ ଭିଜାଇ
ସୁନ୍ଦରରୂପବର୍ଣ୍ଣାରେ ମୋତେ ସଜେଇଥିଲ,
କେତେ ରାତ୍ରିର ସ୍ୱପ୍ନ ତୁମେ ଚୋରେଇ
ପୁଲକିତ ଉଚ୍ଛୁଳା ଯୌବନରେ
ଅସରାଏ ପ୍ରେମବାରି ଛିଞ୍ଚିଥିଲ ।

ଉଙ୍ଗନିଦ୍ରାରେ ନିଦ୍ରାଦେବୀ ହୋଇ ସଞ୍ଚରିଥିଲ
ଅପୂର୍ଣ୍ଣ ଆକାଂକ୍ଷାରେ ପୂର୍ଣ୍ଣତା ଆଣି
ବେଦନାଯନ୍ତ୍ରଣା ଘା'ରେ ମଲମ ଲେପିଥିଲ,
ମୋ ନୟନ ଅଶ୍ରୁକୁ ତୁମେ
ଠିକ୍ ଠିକ୍ ବୁଝିଥିଲ,
ନିଶାର୍ଦ୍ଧରେ ତୁମେ ମେଘ ମହ୍ଲାର
ସାଜି ହୃଦୟ ପଙ୍କରେ
ଶ୍ୱେତ କୁମୁଦ ଫୁଟାଇ
ବାଙ୍କଚାହାଁଣିରେ ନରମ ମନରେ
ପୁଷ୍ପନାରାଚ ବିନ୍ଧିଥିଲ,
ଶାନ୍ତି ଦୟା ପ୍ରେମରସ ଗୁଣେ
ମୋ ଅନ୍ତଃପୁର ଶୁଦ୍ଧକଲ ।

ଅମାବାସ୍ୟାର ଘନ ତିମିର ଗ୍ରାସରେ
ତୋ ଚକ୍‌ମକ୍ ଯୌବନରୂପ କଲବଲ
ଦେଖି ମୋ ବଢ଼ିଲା ଉଦ୍‌ବେଗ
ଭୟଭୀତ, ବିଷାଦିତ, ସ୍ତବ୍ଧ
ପୁଣି ଚଞ୍ଚଳ, ହଟହଟା ଆଶଙ୍କାର
ପରିଧି ମଧ୍ୟରେ ଏ ମନ
ବନ୍ଦୀ, ଅଣନିଃଶ୍ୱାସୀ ହୋଇ
ଗୁଡୁମ୍ ହୋଇଛି ତା'ଅକଲ ।
ତୋ ବିପତ୍ତି ଦେଖି କେମନ୍ତେ ସହିବି
ହେ ପ୍ରିୟତମା ଜହ୍ନ !
କିଏ ଆଉ ଭରିଦେବ କହ
ଏ ବେଦନାପୂର୍ଣ୍ଣ ଯନ୍ତ୍ରରେ ପ୍ରାଣ ?
ହୃଦରେ ଧକ୍ ଧକ୍ ସ୍ପନ୍ଦନ ?

ଚାହିଁ ରହିଥିବି ହେ ସ୍ୱପ୍ନତରୁଣୀ !
ତୋ ଆଗମନର ପଥ
ନିଶ୍ଚୟ ଫେରିବୁ ଧରି ପୂର୍ବଚାରୁହାସ
ଅଭାଗା ବକ୍ଷରେ ବୁଣିଦେବୁ
ଶୀତାଂଶୁର ବୀଜ
ରୋମାଞ୍ଚ ଲହରୀ ପୁନଶ୍ଚ ଖେଳିବ
ଉଚ୍ଛୁଳି ଏ ମନ ମହଲ
ହେ ଜହ୍ନ ତୁମେ,
ମୋ ସ୍ୱପ୍ନର ସାଥି ଥିଲ ।

*ସଂସ୍କୃତ ଶିକ୍ଷକ, ଅତାସାହି, ଆନନ୍ଦପୁର, କେନ୍ଦୁଝର*
*ମୋ-୯୭୭୭୫୬୦୯୨୧*

# ନିଆଁ

**ଅକୁମାର ଭାର୍ଗବ**



ଅନ୍ଧାର ଭିତରେ କିପରି
ଆଲୋକର ଭାଷା ଲେଖାଯାଏ ।
ଚୁଲିର ନିଆଁରେ
ଭୋକର ଇତିହାସ ସିଝେ,
ମା'ର ହାତର ସ୍ନେହ ହୋଇ
ରୁଟିରେ ପରିଣତ ହୁଏ ଜୀବନ
ଦୀପର ନିଆଁ
ରାତିର ଛାତିରେ ଆଙ୍କେ
ଆଶାର ଏକ ଛୋଟ ଚିତ୍ର,
ଯେଉଁଠି ସ୍ୱପ୍ନମାନେ
ପକ୍ଷୀ ପରି ବସା ବାନ୍ଧନ୍ତି ।

କିନ୍ତୁ ସେହି ନିଆଁ
କ୍ରୋଧର ପବନ ପାଇଲେ
ଜଙ୍ଗଲକୁ ଛାଇ କରିଦିଏ,
ମଣିଷର ମନକୁ ମରୁଭୂମି କରିଦିଏ ।

ନିଆଁକୁ ହାତରେ ନୁହେଁ,
ହୃଦୟରେ ସମ୍ଭାଳିବାକୁ ପଡ଼େ–
ଯେପରି ସତ୍ୟକୁ,
ଯେପରି ପ୍ରେମକୁ ।

ନିଆଁ ହେଉଛି
ଧ୍ୱଂସ ଓ ସୃଷ୍ଟିର ଏକାସାଥି ଗୀତ
ଯାହାର ଶିଖାରେ ଜଳେ
ପୁରୁଣା ଅନ୍ଧକାର,
ଆଉ ଜନ୍ମ ନିଏ
ଏକ ନୂଆ ସକାଳ ।

*ଅଖଟଖଟିଆ, ବୌଦ୍ଧ*
*ମୋ-୯୭୭୭୭୯୦୧୬୦*

# ବୟସ୍କ ହେଉଥିବା ଲୋକ

**ଡ. ଦୀପକ କୁମାର ମିଶ୍ର**

ମୁଁ ତୋଳି ସାରିଥିଲି ମୋ ଚତୁଃପାର୍ଶ୍ୱରେ ଏକ ଅନ୍ଧକାର ଦୁର୍ଗ
ଯେଉଁଠି ଥିଲି ଏକବାର ଏକ୍ଲା, ଶାନ୍ତ ଓ କ୍ଲାନ୍ତ
ପୃଥିବୀ ଓ ମୋ ଭିତରେ ଯେଉଁ ଗଢ଼ିଉଠିଥିଲା ପାଚେରୀଟିଏ
ତହିଁର ଗୁପ୍ତ କବାଟ କେଉଁଠି
ଖାସ୍ ମତେ ହିଁ ଜଣାଥିଲା ।

କଦବାୟ କେବେ ପ୍ରାତଃ ଭ୍ରମଣରେ ଯିବାବେଳେ
ସ୍ନାୟୁ ଓ ଶବ୍ଦ ମଧ୍ୟରୁ ସୃଷ୍ଟି ହେଉଥିବା ବେତାଳ ରାଗର ଗୀତ
ଶୁଣୁଥିଲି ଖୁବ୍ ସ୍ୱଷ୍ଟ ଭାବରେ
ଯେଉଁ ପକ୍ଷୀଗୀତ ଦିନେ ଲାଗୁଥିଲା ପ୍ରେମର ସଙ୍ଗୀତ
ତା'ର ସାରମର୍ମରେ ଥିଲା ଆଜି ଏକ ଭଗ୍ନ ମର୍ମର ଆକାଶ ।

ସବୁ ଯୁକ୍ତିର ଉକ୍ତି ସ୍ୱରୂପ ମୁଁ ଫେରେଇଦେଉଥିଲି
ପରାଜିତ ସ୍ମିତହସଟିଏ
ଜିହ୍ୱା ଓ ଜୀବନ ଯୁଦ୍ଧରେ ହାରିଯିବାର
ତିଳେମାତ୍ର ବି ଗ୍ଲାନି ନଥିଲା
ସବୁ ସ୍ୱପ୍ନମାନଙ୍କୁ ସ୍ୱାୟତ୍ତଶାସନର ଭେଟି ସ୍ୱରୂପ
ଫେରେଇ ଦେଇସାରିଥିଲି ମୁକ୍ତିର ସର୍ବୋଚ୍ଚ ସୋପାନ ।

ଆଖି ଓ ଚଷମା ଭିତରେ ଫି' ବର୍ଷ ସନ୍ଧିଟିଏ କରି
ପ୍ରାୟ ଦୃଶ୍ୟଙ୍କର ସୌନ୍ଦର୍ଯ୍ୟଗୁଡ଼ିକୁ ହସ୍ତାନ୍ତର କରିଚାଲିଥିଲି
ଏକ ବିକୃତ କଳ୍ପନାର ବନ୍ଧନୀ ମଧ୍ୟକୁ ।

ବୟସର କୃଷ୍ଣଚୂଡ଼ା ଫିକା ପଡ଼ିଯିବା ବଡ଼କଥା ନୁହେଁ
ହେଲେ ରଙ୍ଗକୁ ହସି ହସି ହସ୍ତାନ୍ତର କରିସାରିବା ପରେ
ଚିପୁଡ଼ା ପତ୍ରର କ୍ଷରଣରେ ଥାଏ
କେବଳ ମୁଠାଏ କ୍ଷତାକ୍ତ ଅତୀତ ।

ତମେ ମତେ ବୟସ୍କ କହିବା ପୂର୍ବରୁ ଚିନ୍ତା କରିଥା'ନ୍ତ ଯେ
କେତେ ଯୌବନର ଉନ୍ମାଦ ଲମ୍ଫ ପରେ
ଗଢ଼ିଛି ମୁଁ
ଜବରଦଖଲ ଇତିହାସର ଏକ ସୁନ୍ଦର ସ୍ଥାପତ୍ୟ ।

*ଭୁବନେଶ୍ୱର*
*ମୋ-୮୨୮୦୨୧୧୦୦୦*

# ପିଠି

**ସ୍ନିଗ୍ଧା ପଣ୍ଡା**

ଈଶ୍ୱର ଦିନେ ଓହ୍ଲେଇ ଆସିଲେ ସ୍ୱର୍ଗରୁ
ପୃଥିବୀରେ ପାଦ ଥାପିଲେ ଯେଉଁଠି
ତା' ଗୋଟେ ପଥର ଥିଲା
ଆଉ ଫେରିବାବେଳକୁ
ଈଶ୍ୱର ଦେଇଗଲେ ସେ ପଥରକୁ
ଗୋଟେ ସ୍ତ୍ରୀଲୋକକୁ ॥

ପଥର ସବୁଦିନ ରହିଲା ପଛରେ
ସାମ୍ନାରେ ରହିଲା ଫୁଲ, ସିନ୍ଦୁର
ଦୀପ, ଝୁଣା, ମନ୍ତ୍ର, ବାଜା
ଯୋଡହସ୍ତ କଳା ଶାଢ଼ି
ଅନେକ ଅନେକ ପ୍ରାର୍ଥନା ଓ ମାଗୁଣି
ସମସ୍ତେ ଦେଖିଲା ପରି, ଶୁଣିଲା ପରି॥

ପଥର ଉପରେ କିଏ ଆଙ୍କିଦେଲା ଛାତି
କାନି ତଳେ ଜାକିଜୁକି ନିଶ୍ୱାସ ନେବାକୁ
ସେଇ କାନି ଅଟକେଇ ଦେଉଥିଲା ଦୁଃଖକୁ
ଲୁହ ହେଇ ବହିଯିବାକୁ
ପାଟିଏ କାନି ବି ଯଥେଷ୍ଟ ହେଉଥିଲା
ଅସହଣି ଦରଜମାନଙ୍କୁ ଚାପିଦେବାକୁ ॥

ପଥର ଶେଷରେ ପାଲଟିଗଲା ପିଠି
ଯାହା ଉପରେ ରଖାହେଇଥିଲା
ଈଶ୍ୱରଙ୍କ ଚତୁର୍ଥ ପାଦ
ପାଦତଳେ ଲୁଚି ଯାଇଥିଲା
ପିଠିର ଦାଗ ପିଠିର ରଙ୍ଗ
ସମସ୍ତେ ଧରିନେଲେ ପିଠି ଗୋଟେ ପଥର॥

ଏବେ ଯେତେଥର ଈଶ୍ୱର ଆସନ୍ତି
ଚକିତ ହୁଅନ୍ତି
ଈଶ୍ୱରଙ୍କ ଓଜନ ସମ୍ଭାଳୁଥିବା ପାଦ
ଆଉ ପାଦ ସମ୍ଭାଳୁଥିବା ପଥର
ଦୁଇଟା ଯାକ ସାରା ସଂସାରକୁ ଅଦୃଶ୍ୟ ! !

*ମୋ-୯୮୬୧୩୨୩୬୫୦*

# ଆକାଂକ୍ଷା

**ଡ. ସନ୍ତୋଷ କୁମାର ପଣ୍ଡା**



ଶବ୍ଦର ଚଉହଦୀ ଭିତରେ
ତୁମକୁ ବାନ୍ଧି ରଖିବାର ଚେଷ୍ଟା ନୁହେଁ,
ନା କୌଣସି ପ୍ରାର୍ଥନାର ପରିଧିରେ
ତୁମକୁ ମାଗିବାର ବ୍ୟାକୁଳତା;
ମୋ ଆକାଂକ୍ଷା ତ ଏକ ନିଃଶବ୍ଦ ସମର୍ପଣ,
ଯାହା କହିବା ଅପେକ୍ଷା ନୀରବ ରହିବାକୁ ବେଶି ଭଲପାଏ ।

ତୁମେ ଆକାଶ ପରି ଅସୀମ,
ମୁଁ ଏକ ବିନ୍ଦୁ ହୋଇ ସେହି ଶୂନ୍ୟତାରେ ହଜିଯିବାକୁ ଚାହେଁ ।
ନଦୀ ସମୁଦ୍ରକୁ ଖୋଜିଲା ପରି,
କିମ୍ବା ସାନ୍ଧ୍ୟତାରାଟିଏ ଜହ୍ନର ଆଲୋକକୁ ଅପେକ୍ଷା କଲା ପରି,
ମୋ ଆତ୍ମାର ପ୍ରତିଟି ସ୍ପନ୍ଦନ
ଖୋଜି ବୁଲେ କେବଳ ତୁମରି ସ୍ପର୍ଶ,
ଯେଉଁଠି ଆକାର ନାହିଁ, କେବଳ ଅଛି ଏକ ଅମୂର୍ତ୍ତ ଅନୁଭୂତି ।

ମୋର ଏହି ଅନ୍ୱେଷଣରେ କୌଣସି ମୋହ ନାହିଁ,
ନାହିଁ କୌଣସି ପାଇବାର ଅହଂକାର ।
ପାଉଁଶ ତଳେ ଲୁଚି ରହିଥିବା ଅଙ୍ଗାରର ଶେଷ ସ୍ଫୁଲିଙ୍ଗ ପରି,
ମୋ ଭିତରେ ଜଳୁଛି ତୁମକୁ ଚିହ୍ନିବାର ଏକ ଅହରହ ତୃଷ୍ଣା ।
ଜୀବନର କୋଳାହଳ ଭିତରୁ ମୁକ୍ତ ହୋଇ,
ମୋ ଚେତନାର ଶେଷ ପାହାଚରେ,
ତୁମସତ୍ତାରେ ନିଜକୁ ମିଶେଇଦେବାହିଁ ତ ମୋର ଏକମାତ୍ର ଆକାଂକ୍ଷା ।

*କଟକ*
*ମୋ-୮୨୪୯୦୨୧୪୨୪*

# ଆଖି ତୁମ ମାନିଯାଏ

**ଦୀପକ କୁମାର ନାୟକ**



ତୁମେ ମୋତେ ଭଲ ପାଅକି ନପାଅ
ମୁଁ ତୁମକୁ ଭଲପାଏ
ଏଇକଥା ତୁମେ ମାନକି ନମାନ
ଆଖି ତୁମ ମାନିଯାଏ ।।
ହୃଦୟରେ ଜାଗା ଦିଅକି ନଦିଅ
ଦେଇସାରିଛି ମୁଁ ତୋତେ
ହୃଦୟକୁ ତୁମ ପଚାରିଲେ ଥରେ
ମନା କରିବନି ମୋତେ ।।
ଆପଣାର ମୋତେ ଭାବକି ନଭାବ
ଭାବିସାରିଛି ମୁଁ ତୋତେ
ଏଇକଥା ନିଜେ ନିଜକୁ ପଚାର
ଆପଣାର ଭାବ କେତେ ।।
ତୁମେ ସିନା ମୋତେ ଖୋଲି କହୁନାହଁ
ଭଲପାଅ ବୋଲି ମୋତେ
ଜାଣିଛି ଚାହୁଁଛ ଚାଲିବ ଜୀବନ
ବାଟ କେବଳ ମୋ ସାଥେ
ବାଟ କେବଳ ମୋ ସାଥେ ।।

*ଗଣ୍ଡାନାଳୀ, ହିନ୍ଦୋଳ, ଢେଙ୍କାନାଳ*
*ମୋ-୮୬୩୭୨୬୧୮୨୮*

## ଆଜି ତୃତୀୟ ଦିନିକିଆ

# ସାଢେ ୪ ମାସ ପରେ ଫେରିଲେ ହର୍ଷିତ ରାଣା



**ନୂଆଦିଲ୍ଲୀ**

ଜୁନ୍ ୨୦ରେ ଆଫଗାନିସ୍ତାନ ବିପକ୍ଷରେ ତୃତୀୟ ତଥା ଶେଷ ଦିନିକିଆ ଖେଳିବ ଭାରତ। ଏହା ପୂର୍ବରୁ ଭାରତୀୟ ଦଳକୁ ଏକ ବଡ଼ ଆଶ୍ୱସ୍ତି ମିଳିଛି। ଦ୍ରୁତ ବୋଲର ହର୍ଷିତ ରାଣା ପ୍ରାୟ ସାଢ଼େ ଚାରି ମାସ ପରେ ଦଳକୁ ଫେରିଛନ୍ତି। ଏ ନେଇ ଭାରତୀୟ କ୍ରିକେଟ୍ କଣ୍ଟ୍ରୋଲ୍ ବୋର୍ଡ ଘୋଷଣା କରିଛି। ଆଘାତ ଯୋଗୁଁ ୨୦୨୬ ଟି୨୦ ବିଶ୍ୱକପ୍ ଏବଂ ଆଇପିଏଲରୁ ବାଦ ପଡ଼ିଥିବା ରାଣା ବିସିସିଆଇ ସେଣ୍ଟର ଅଫ୍ ଏକ୍ସିଲେନ୍ସରେ ତାଙ୍କର ପୁନର୍ବାସ ସମାପ୍ତ କରିଛନ୍ତି। ଚେନ୍ନାଇରେ ଖେଳାଯିବ ତୃତୀୟ ତଥା ଅନ୍ତିମ ଦିନିକିଆ। ଏ ନେଇ ଟିମ୍ ଇଣ୍ଡିଆ ଚେନ୍ନାଇରେ ପହଞ୍ଚି ସାରିଛି। ଟେଷ୍ଟ ପରେ ଦିନିକିଆ ସିରିଜ୍‌ରେ ୨ଟି ମ୍ୟାଚ୍ ଜିତି ଆଗୁଆ ସିରିଜ୍ କବ୍‌ଜା କରି ସାରିଛି ଟିମ୍ ଶୁଭମନ। ହର୍ଷିତ ରାଣା ଫେବୃୟାରୀ ୨୦୨୬ରୁ ପ୍ରତିଯୋଗିତାମୂଳକ କ୍ରିକେଟରୁ ଦୂରେଇ ରହିଥିଲେ। ଚଳିତ ଟି-ଟ୍ୱେଣ୍ଟି ବିଶ୍ୱକପ୍ ପୂର୍ବରୁ ଏକ ଅଭ୍ୟାସ ମ୍ୟାଚ୍ ସମୟରେ ଆହତ ହୋଇଥିଲେ ହର୍ଷିତ। ଆଘାତ ଏତେ ଗୁରୁତର ଥିଲା ଯେ, ସେ ଚଳିତ ଆଇପିଏଲ ସିଜିନରୁ ବାଦ୍ ପଡ଼ିଥିଲେ। ସେ ଏବେ ବେଙ୍ଗାଲୁରୁର ବିସିସିଆଇ ସେଣ୍ଟର ଅଫ୍ ଏକ୍ସିଲେନ୍ସରେ ସଫଳତାର ସହ ତାଙ୍କର ପୁନର୍ବାସ ସମାପ୍ତ କରିଛନ୍ତି। ଏହା ପରେ, ଚୟନ କମିଟି ତାଙ୍କୁ ଆଫଗାନିସ୍ତାନ ବିପକ୍ଷ ତୃତୀୟ ଦିନିକିଆ ପାଇଁ ଭାରତୀୟ ଦଳରେ ସାମିଲ କରିବାକ ନିଷ୍ପତ୍ତି ନେଇଛି। ଶୁଭମନ ଗିଲଙ୍କ ନେତୃତ୍ୱାଧୀନ ଭାରତୀୟ ଦଳ ବର୍ତ୍ତମାନ ସିରିଜରେ ୨-୦ରେ ଆଗୁଆ ରହିଛି। ଫାଇନାଲ ମ୍ୟାଚ୍ ପୂର୍ବରୁ ହର୍ଷିତ ରାଣାଙ୍କ ପ୍ରତ୍ୟାବର୍ତ୍ତନ ଦଳକୁ ଅତିରିକ୍ତ ଶକ୍ତି ଦେଇଛି।

# ଟି-ଟ୍ୱେଣ୍ଟିରେ ୬୦୦ ଚୌକା ମାରିଥିବା ପ୍ରଥମ ବ୍ୟାଟର ହେଲେ ସ୍ମୃତି ମନ୍ଧାନା

**ନୂଆଦିଲ୍ଲୀ**

ମହିଳା ଟି-ଟ୍ୱେଣ୍ଟି କ୍ରିକେଟ ଇତିହାସରେ ପ୍ରଥମ ଖେଳାଳି ଭାବେ ଭାରତର ସ୍ମୃତି ମନ୍ଧାନା ରେକର୍ଡ ସୃଷ୍ଟି କରିଛନ୍ତି। ଟି-ଟ୍ୱେଣ୍ଟିରେ ସର୍ବାଧିକ ଚୌକା ମାରି ମାଇଲଷ୍ଟୋନ୍ ସ୍ଥାପନ କରିଛନ୍ତି। ପାକିସ୍ତାନର ବାବର ଆଜମକୁ ପଛରେ ପକାଇଛନ୍ତି। ୬୦୦ ଚୌକା ମାରିବାରେ ବିଶ୍ୱରେକର୍ଡ କରିଛନ୍ତି କ୍ୱିନ୍ ଅଫ୍ କ୍ରିକେଟ୍ ସ୍ମୃତି ମନ୍ଧାନା। ଚଳିତ ଟି-ଟ୍ୱେଣ୍ଟି ବିଶ୍ୱକପରେ ନେଦରଲ୍ୟାଣ୍ଡସ ବିପକ୍ଷ ମ୍ୟାଚ୍‌ରେ ଏହି ସଫଳତା ହାସଲ କରିଛନ୍ତି ସ୍ମୃତି। ଏହି ମ୍ୟାଚ୍‌ରେ ଭାରତ ୯୫ ରନରେ ନେଦରଲ୍ୟାଣ୍ଡସକୁ ହରାଇଥିଲେ। ସ୍ମୃତି ୪୭ ବଲରେ ୭୪ ରନ କରିଥିଲେ। ପ୍ଲେୟାର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ।



ଟି-ଟ୍ୱେଣ୍ଟିରେ ୬୦୦ ଚୌକା ମାରିଥିବା ପ୍ରଥମ ବ୍ୟାଟର ହୋଇଛନ୍ତି ମହିଳା କ୍ରିକେଟ ଟିମ୍ ଭାଇସ୍ କ୍ୟାପ୍ଟେନ୍ ସ୍ମୃତି। ଏହା ସହିତ ବିଶ୍ୱକପରେ ଷଷ୍ଠ ଅର୍ଦ୍ଧଶତକ ହାସଲ କରିଛନ୍ତି। ମିତାଲି ରାଜ ଏବଂ ହରମନପ୍ରୀତଙ୍କୁ ପଛରେ ପକାଇଛନ୍ତି। ନେଦରଲ୍ୟାଣ୍ଡସ ବିପକ୍ଷରେ ଅର୍ଦ୍ଧଶତକୀୟ ପାଳିରେ ସେ ୧୧ ଚୌକା ଓ ଗୋଟିଏ ଛକା ମାରିଥିଲେ। ଫଳରେ ଟି-ଟ୍ୱେଣ୍ଟିରେ ୧୬୮ଟି ମ୍ୟାଚ୍‌ରୁ ମନ୍ଧାନାଙ୍କ ଚୌକା ସଂଖ୍ୟା ୬୦୪ରେ ପହଞ୍ଚିଛି। ନ୍ୟୁଜିଲାଣ୍ଡର ଭେଟେରାଲ ସୁଜି ବେଟ୍ସ ୫୨୧ ଚୌକା ସହ ତାଲିକାର ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ବଡ଼ କଥା ହେଉଛି ପୁରୁଷ କ୍ରିକେଟରେ କୌଣସି ପ୍ଲେୟାର ମଧ ଟି-ଟ୍ୱେଣ୍ଟି ଫର୍ମାଟରେ ଆଜି ପର୍ଯ୍ୟନ୍ତ ୫୦୦ ଚୌକା ମାରି ନାହାନ୍ତି। ୪୭୭ ଚୌକା ସହ ପାକିସ୍ତାନର ବାବର ଆଜମ ଶୀର୍ଷରେ ରହିଛନ୍ତି। ଆୟର୍ଲାଣ୍ଡର ପଲ ଷ୍ଟର୍ଲିଂ (୪୪୯), ଭାରତର ରୋହିତ ଶର୍ମା (୩୮୩) ଏହି ତାଲିକାରେ ପଛକୁ ପଛ ରହିଛନ୍ତି।

କୁଇନ୍ ଅଫ୍ କ୍ରିକେଟ୍ ସ୍ମୃତି ମନ୍ଧାନାଙ୍କ କ୍ୟାରିୟର ବାବଦରେ କହିବାକୁ ଗଲେ, ୮ଟି ଟେଷ୍ଟ ମ୍ୟାଚ୍ ଖେଳି ୧୪ଟି ଇନିଂସରେ ୬୩୫ ରନ୍ କରିଛନ୍ତି। ୧୨୦ଟି ଦିନିକିଆରେ ୫,୪୧୧ ରନ୍, ୧୬୮ଟି ଟି-ଟ୍ୱେଣ୍ଟିରେ ୪,୪୭୫ ରନ୍ କରିଛନ୍ତି। ଚଳିତ ଟି-ଟ୍ୱେଣ୍ଟି ବିଶ୍ୱକପରେ ପାକିସ୍ତାନ ବିପକ୍ଷରେ ଭାରତ ସଂଘର୍ଷ କରୁଥିବା ବେଳେ ଲଢ଼ିଥିଲେ ସ୍ମୃତି। ୫ମ ଟି-ଟ୍ୱେଣ୍ଟି ବିଶ୍ୱକପ ଅର୍ଦ୍ଧଶତକ ହାସଲ କରିଥିଲେ। ଟପ୍ କ୍ଲାସ୍ ବ୍ୟାଟିଂ କରି ଭାରତର ସଙ୍କଟମୋଚକ ସାଜିଥିଲେ। ନେଦରଲ୍ୟାଣ୍ଡସ ବିପକ୍ଷ ଦ୍ୱିତୀୟ ମ୍ୟାଚ୍‌ରେ ବି ସ୍ମୃତି ଧମାକା ଦେଖିବାକୁ ମିଳିଥିଲା। ୭୪ ରନ୍‌ର ଧମାକାଦାର ଇନିଂସ ଖେଳିଥିଲେ।

# ଆଇପିଏଲକୁ ଫେରୁଛନ୍ତି ଯୁବରାଜ ସିଂହ ୨୦୨୭ରେ ଦିଲ୍ଲୀ ଦଳର କରିବେ କୋଚିଂ !



**ନୂଆଦିଲ୍ଲୀ**

ଭାରତୀୟ କ୍ରିକେଟ୍ ଦଳର ପୂର୍ବତନ ଭେଟେରାନ୍ ଅଲରାଉଣ୍ଡର ଯୁବରାଜ ସିଂଙ୍କୁ ନେଇ ଏକ ବଡ଼ ଖବର ସାମ୍ନାକୁ ଆସିଛି। ଯୁବରାଜ ଆଇପିଏଲ୍ ୨୦୨୭ରେ ଦିଲ୍ଲୀ କ୍ୟାପିଟାଲ୍ସର ସପୋର୍ଟ ଷ୍ଟାଫ୍ ଭାବେ ନଜର ଆସିବେ। ପୂର୍ବତନ ଭାରତୀୟ ଅଧିନାୟକ ସୌରଭ ଗାଙ୍ଗୁଲି ସପୋର୍ଟ ଷ୍ଟାଫର ମୁଖ୍ୟ ଭୂମିକା ତୁଲାଇବେ। ଫ୍ରାଞ୍ଚାଇଜର ସହ-ମାଲିକ ଜେଏସଡବ୍ଲୁ ଆସନ୍ତା ସିଜନରୁ ୨ ବର୍ଷ ପାଇଁ ନିୟନ୍ତ୍ରଣ ନେବାକୁ ଯାଉଛନ୍ତି। ଏଭଳି ପରିସ୍ଥିତିରେ ବଡ଼ ଧରଣର ପରିବର୍ତ୍ତନ ହେବା ନିଶ୍ଚିତ। ଆଇପିଏଲ୍ ୨୦୨୬ରେ ଦିଲ୍ଲୀ ଷ୍ଟାଫ୍‌ରେ ହେମଙ୍ଗ ବଦାନୀ ଏବଂ ଶେନ୍ ୱାଟସନଙ୍କ ଭଳି ଚେହେରା ସାମିଲ ରହି ସାରିଛନ୍ତି।

ଯୁବରାଜ ସିଂହ ପ୍ରଥମ ଥର ପାଇଁ ଆଇପିଏଲ୍‌ରେ କୋଚିଂ କରୁଥିବାର ନଜର ଆସିବେ। ସେ ବ୍ୟକ୍ତିଗତ ସ୍ତରରେ ଅଭିଷେକ ଶର୍ମା, ପ୍ରଭସିମରନ ସିଂହ, ସଞ୍ଜୁ ସାମସନ, ପ୍ରିୟାଂଶ ଆର୍ଯ୍ୟ ଏବଂ ଋଷଭ ପନ୍ତଙ୍କୁ ପ୍ରସ୍ତୁତ କରାଇବାରେ ସାହାଯ୍ୟ କରିଛନ୍ତି। ହେଲେ ସେ କେବେବି ସମ୍ପୂର୍ଣ୍ଣ ରୂପେ କୋଚ୍ ଭୂମିକାରେ ନଜର ଆସିନାହାନ୍ତି। ଖବର ଅନୁଯାୟୀ, ଅନେକ ଫ୍ରାଞ୍ଚାଇଜ୍ ଯୁବରାଜଙ୍କ କୋଚିଂ ଶୈଳୀକୁ ପସନ୍ଦ କରିଛନ୍ତି। ବିଶେଷ କରି ଅଭିଷେକଙ୍କ ସଫଳତା ଏହାକୁ ପ୍ରମାଣିତ କରିଛି। ଦିଲ୍ଲୀ କ୍ୟାପିଟାଲ୍ସ ସହ ଯୁବରାଜଙ୍କ ଯୋଡ଼ି ହେବା ଦଳର ଭବିଷ୍ୟତ ସ୍ଥିର କରିପାରେ।

ରିପୋର୍ଟ ଅନୁଯାୟୀ, ଆସନ୍ତା ଦୁଇ ବର୍ଷ ପାଇଁ ଜେଏସଡବ୍ଲୁ ଗ୍ରୁପ୍ ନିୟନ୍ତ୍ରଣ ହାତକୁ ନେବା ପରେ ଫ୍ରାଞ୍ଚାଇଜର ସପୋର୍ଟ ସେଟଅପ୍‌ର କମାଣ ସୌରଭ ଗାଙ୍ଗୁଲି ସମ୍ଭାଳି ପାରନ୍ତି। ତାଙ୍କ ସହ ଡଗ୍‌ଆଉଟ୍‌ରେ ତାଙ୍କର କିଛି ପୂର୍ବତନ ସହଖେଳାଳି ମଧ ନଜର ଆସିବେ। ଦିଲ୍ଲୀ କ୍ୟାପିଟାଲ୍ସର ଜଣେ ବରିଷ୍ଠ ଅଧିକାରୀ ଏହି କଥାକୁ ସ୍ପଷ୍ଟ କରିଛନ୍ତି।

# ପିଏମ୍ ମୋଦୀଙ୍କ ହସ୍ତକ୍ଷେପ ଲୋଡ଼ିଲେ ଟେବୁଲ୍ ଟେନିସ୍ ଖେଳାଳି ମନିକା ବାତ୍ରା

**ନୂଆଦିଲ୍ଲୀ**

ଭାରତର ଅଭିଜ୍ଞ ଟେବୁଲ୍ ଟେନିସ୍ ଖେଳାଳି ମନିକା ବାତ୍ରା ଆଗାମୀ ଏସିଆନ୍ ଗେମ୍ସ ୨୦୨୬ ପାଇଁ ମନୋନୀତ ହୋଇ ନଥିବାରୁ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି। ଟେବୁଲ୍ ଟେନିସ୍ ଫେଡେରେସନ୍ ଅଫ୍ ଇଣ୍ଡିଆ ଦ୍ୱାରା ନିର୍ଦ୍ଧାରିତ ମାପଦଣ୍ଡ ପୂରଣ କରିନଥିବା ଦର୍ଶାଇ ଏହି ୩୧ ବର୍ଷୀୟ ଅଭିଜ୍ଞ ପ୍ୟାଡଲରଙ୍କୁ ମୁଖ୍ୟ ଦଳରୁ ବାଦ୍ ଦିଆଯାଇଛି। ବର୍ତ୍ତମାନ ସେ ସ୍ୱସ୍ତିକା ଘୋଷଙ୍କ ସହ ରିଜର୍ଭ ଖେଳାଳିଙ୍କ ତାଲିକାରେ ଅଛନ୍ତି। ମହାସଂଘର ଏହି ବଡ଼ ନିଷ୍ପତ୍ତି ପରେ ମନିକା ଚୟନ ପ୍ରକ୍ରିୟା ଏବଂ ନିୟମର ନିରପେକ୍ଷତା ଉପରେ ଗମ୍ଭୀର ଆରୋପ ଲଗାଇଛନ୍ତି।

ବିଶ୍ୱର ୫୧ ନମ୍ବର ଖେଳାଳି ମନିକା ବାତ୍ରାଙ୍କୁ ଦଳରେ ସ୍ଥାନ ନମିଳିବାର ମୁଖ୍ୟ କାରଣ ଘରୋଇ ପ୍ରତିଯୋଗିତାଗୁଡ଼ିକରେ ତାଙ୍କର ଅନୁପସ୍ଥିତି ବୋଲି ବିବେଚନା କରାଯାଉଛି। ଜାତୀୟ ଇଭେଣ୍ଟରେ ଭାଗ ନନେବା ଯୋଗୁଁ ସେ ଟିଟିଏଫ୍‌ଆଇର ଜାତୀୟ ର୍‍ୟାଙ୍କିଙ୍ଗରୁ ବାଦ୍ ପଡ଼ିଛନ୍ତି, ଯାହାକୁ ଚୟନର ମୁଖ୍ୟ ଆଧାର କରାଯାଇଛି। ତେବେ ମନିକାଙ୍କ କହିବା ଅନୁଯାୟୀ, ତାଙ୍କୁ ବାଦ୍ ଦେବା ପାଇଁ ମହାସଂଘ ପକ୍ଷରୁ କୌଣସି ଦୃଢ଼ କିମ୍ବା ସ୍ପଷ୍ଟ କାରଣ ଆଧିକାରିକ ଭାବେ ଦିଆଯାଇ ନାହିଁ। ଯାହା ସମ୍ପୂର୍ଣ୍ଣ ପ୍ରକ୍ରିୟାର ସ୍ୱଚ୍ଛତା ଉପରେ ସନ୍ଦେହ ସୃଷ୍ଟି କରୁଛି।

ଏସିଆନ୍ ଗେମ୍ସ ପରି ବଡ଼ ଟୁର୍ଣ୍ଣାମେଣ୍ଟରୁ ହଠାତ୍ ବାଦ୍ ପଡ଼ିବା ପରେ ମନିକା ବାତ୍ରା ସିଧାସଳଖ ଦେଶର ଶୀର୍ଷ ନେତୃତ୍ୱଙ୍କ ଦ୍ୱାରସ୍ଥ



ହୋଇଛନ୍ତି। ସେ ସୋସିଆଲ ମିଡିଆରେ ଏକ ପୋଷ୍ଟ ଶେୟାର କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, କେନ୍ଦ୍ର କ୍ରୀଡ଼ା ମନ୍ତ୍ରୀ ମନସୁଖ ମାଣ୍ଡଭିୟ ଏବଂ ଭାରତୀୟ ଅଲିମ୍ପିକ୍ ଆସୋସିଏସନକୁ ଏହି ମାମଲାରେ ତୁରନ୍ତ ହସ୍ତକ୍ଷେପ କରିବାକୁ ନିବେଦନ କରିଛନ୍ତି।

ନିଜ ପୋଷ୍ଟ ସହିତ ସେ ଲେଖିଛନ୍ତି, 'ମୁଁ ମାନ୍ୟବର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଜୀ, ଆମର କ୍ରୀଡ଼ା ମନ୍ତ୍ରୀ ମନସୁଖ ମାଣ୍ଡଭିୟ ଜୀ ଏବଂ ଭାରତୀୟ ଅଲିମ୍ପିକ୍ ଆସୋସିଏସନକୁ ଏହି ବିଷୟ ଉପରେ ଦୃଷ୍ଟି ଦେବାକୁ ଅନୁରୋଧ କରୁଛି।' ନିୟମରେ ପାତରଅନ୍ତର ଅଭିଯୋଗ ନିଜ ପତ୍ରରେ ମନିକା କ୍ରୀଡ଼ା ମହାସଂଘ ଉପରେ ଚୟନର ଦୁଇ ପ୍ରକାର ମାପଦଣ୍ଡ ଆପଣେଇଥିବା ନେଇ ସିଧାସଳଖ ଅଭିଯୋଗ କରିଛନ୍ତି। ସେ କହିଛନ୍ତି ଯେ ତାଙ୍କ କ୍ଷେତ୍ରରେ ନିୟମକୁ ଭିନ୍ନ ଢଙ୍ଗରେ ବ୍ୟାଖ୍ୟା କରାଯାଇଛି।

ମନିକା ବାତ୍ରା ନିଜର ଆଧିକାରିକ ବୟାନରେ ଲେଖିଛନ୍ତି, 'ଏସିଆନ୍ ଗେମ୍ସ ୨୦୨୬ ଦଳରେ ମୋର ଚୟନ ନହେବା ଅତ୍ୟନ୍ତ ନିରାଶାଜନକ ଏବଂ ଏବାବଦରେ ମତେ କୌଣସି ନିର୍ଦ୍ଦିଷ୍ଟ କାରଣ ମଧ କୁହାଯାଇ ନାହିଁ। ଚୟନ ପ୍ରକ୍ରିୟାର ନିରନ୍ତରତା ଉପରେ ଗମ୍ଭୀର ପ୍ରଶ୍ନ ଉଠୁଛି, କାରଣ ଗତ ଚୟନ ଚକ୍ର ତୁଳନାରେ ମୋ କ୍ଷେତ୍ରରେ ଅଲଗା ମାପଦଣ୍ଡ ଓ ବିଚାର ଲାଗୁ କରାଯାଇଛି, ଯଦିଓ ନିୟମ ସମାନ ହେବା ଉଚିତ୍ ଥିଲା ଯାହା ପୂର୍ବ ଏସିଆନ୍ ଗେମ୍ସ ସମୟରେ ଥିଲା।'

କମନଓ୍ୱେଲଥ ଗେମ୍ସର ମେଡାଲିଷ୍ଟ ଏବଂ ବର୍ଷ ୨୦୧୮ ଏସିଆନ୍ ଗେମ୍ସରେ ଐତିହାସିକ ମିକ୍ସଡ୍ ଡବଲ୍ସ କାଂସ୍ୟ ପଦକ ଜିତିଥିବା ମନିକା ନିଜ ପୋଷ୍ଟର ଶେଷରେ ସମ୍ପୂର୍ଣ୍ଣ ବ୍ୟବସ୍ଥାକୁ ସ୍ୱଚ୍ଛ କରିବାକୁ ମତ ରଖିଛନ୍ତି। ସେ ଲେଖିଛନ୍ତି, 'ମୁଁ ଏହି ସମ୍ପୂର୍ଣ୍ଣ ଚୟନ ପ୍ରକ୍ରିୟାକୁ ନେଇ ସ୍ପଷ୍ଟତା ମାଗିଛି ଏବଂ ସମ୍ମାନର ସହ ମାନ୍ୟବର ପ୍ରଧାନମନ୍ତ୍ରୀ, ମାନ୍ୟବର କ୍ରୀଡ଼ା ମନ୍ତ୍ରୀ ଓ ଭାରତୀୟ ଅଲିମ୍ପିକ୍ ଆସୋସିଏସନକୁ ଅନୁରୋଧ କରୁଛି ଯେ ସେମାନେ ଏହି ମାମଲାର ଯାଞ୍ଚ କରନ୍ତୁ ଏବଂ ଚୟନ ମାପଦଣ୍ଡର ନିରପେକ୍ଷ ଓ ସ୍ୱଚ୍ଛ ପ୍ରୟୋଗ ସୁନିଶ୍ଚିତ କରନ୍ତୁ।'

# ୭୯ତମ ଜାତୀୟ ଆକ୍ୱାଟିକ ଚାମ୍ପିଅନସିପ୍‌ରେ ସ୍ୱର୍ଣ୍ଣ ଜିତି ରାଜ୍ୟ ପାଇଁ ଆଣିଲେ ଗୌରବ

**ଭୁବନେଶ୍ୱର**

୭୯ତମ ବରିଷ୍ଠ ଜାତୀୟ ସନ୍ତରଣ ପ୍ରତିଯୋଗିତାରେ ଓଡ଼ିଶାର ଷ୍ଟାର ମହିଳା ସନ୍ତରଣକାରୀ ପ୍ରତ୍ୟାଶା ରାୟ ନିଜର ଦମ୍‌ଦାର ପ୍ରଦର୍ଶନ ଜାରି ରଖିଛନ୍ତି। ଅହମ୍ମଦାବାଦରେ ଚାଲିଥିବା ଏହି ପ୍ରତିଯୋଗିତାରେ ସେ ଗୋଟିଏ ସ୍ୱର୍ଣ୍ଣ ଏବଂ ଗୋଟିଏ କାଂସ୍ୟ ପଦକ ହାସଲ କରି ରାଜ୍ୟ ପାଇଁ ଗୌରବ ଆଣିଛନ୍ତି। ମହିଳାଙ୍କ ୨୦୦ ମିଟର ବ୍ୟାକଷ୍ଟ୍ରୋକ ଇଭେଣ୍ଟରେ ପ୍ରତ୍ୟାଶା ଅପ୍ରତିଦ୍ୱନ୍ଦ୍ୱୀ ରହିଥିଲେ। ପ୍ରାରମ୍ଭିକ ହିଟ୍ସରେ ସେ ୨ ମିନିଟ୍ ୨୨.୫୭ ସେକେଣ୍ଡ ସମୟ ନେଇ ଫାଇନାଲ୍ ?କୁ ଉନ୍ନୀତ ହୋଇଥିଲେ। ତେବେ ଫାଇନାଲ୍‌ରେ ସେ ଆହୁରି ଚମତ୍କାର ପ୍ରଦର୍ଶନ କରିଥିଲେ। ମାତ୍ର ୨ ମିନିଟ୍ ୨୦.୨୨ ସେକେଣ୍ଡରେ ନିର୍ଦ୍ଧାରିତ ଦୂରତ୍ୱ ଅତିକ୍ରମ କରି ସେ ସ୍ୱର୍ଣ୍ଣ ପଦକ ନିଜ ନାମରେ



କରିଥିଲେ। ଏହି ଇଭେଣ୍ଟରେ କର୍ଣ୍ଣାଟକର ନିଶା ୨ ମିନିଟ୍ ୨୧.୬୪ ସେକେଣ୍ଡ ସମୟ ସହ ରୌପ୍ୟ ପଦକ ଏବଂ ଉତ୍ତରପ୍ରଦେଶର ଜିୟା ଯାଦବ ୨ ମିନିଟ୍ ୨୨.୬୪ ସେକେଣ୍ଡ ସମୟ ନେଇ କାଂସ୍ୟ ପଦକ ହାସଲ କରିଥିଲେ।

ସେହିପରି ମହିଳାଙ୍କ ୫୦ ମିଟର ବ୍ୟାକଷ୍ଟ୍ରୋକ ଇଭେଣ୍ଟରେ ମଧ ପ୍ରତ୍ୟାଶାଙ୍କ ପଦାର୍ପଣ ବେଶ୍ ଚମତ୍କାର ରହିଥିଲା। ହିଟ୍ସରେ ସେ ୩୦.୯୫ ସେକେଣ୍ଡ ସମୟ ନେଇଥିବାବେଳେ, ଫାଇନାଲ୍‌ରେ ନିଜ ପ୍ରଦର୍ଶନରେ ସୁଧାର ଆଣି ୩୦.୫୯ ସେକେଣ୍ଡରେ ଦୂରତ୍ୱ ଅତିକ୍ରମ କରି କାଂସ୍ୟ ପଦକ ଜିତିଥିଲେ। ଏହି ଇଭେଣ୍ଟରେ କର୍ଣ୍ଣାଟକର ସୁଭାନା ସି. ଭାସ୍କର ୨୯.୮୫ ସେକେଣ୍ଡ ସମୟ ସହ ସ୍ୱର୍ଣ୍ଣ ଏବଂ ଉତ୍ତରପ୍ରଦେଶର ଜିୟା ଯାଦବ ୩୦.୨୭ ସେକେଣ୍ଡ ସମୟ ନେଇ ରୌପ୍ୟ ପଦକ ହାସଲ କରିଥିଲେ।

ପ୍ରତ୍ୟାଶାଙ୍କ ଜାତୀୟସ୍ତରରେ ଏଭଳି ସଫଳତା ପାଇଁ ତାଙ୍କୁ ସବୁ ମହଲରୁ ପ୍ରଶଂସାର ସୁଅ ଛୁଟିଛି। ତାଙ୍କର କଠିନ ପରିଶ୍ରମ ଓ ଅଦମ୍ୟ ଇଚ୍ଛାଶକ୍ତି ଆଗାମୀ ଦିନରେ ତାଙ୍କୁ ଆହୁରି ବଡ଼ ସଫଳତା ଦେବ ବୋଲି ଆଶା କରାଯାଉଛି। ପ୍ରତ୍ୟାଶାଙ୍କ ଏହି ଅବିସ୍ମରଣୀୟ ପ୍ରଦର୍ଶନ ଓଡ଼ିଶାର ଅନ୍ୟ ଯୁବ ସନ୍ତରଣକାରୀଙ୍କ ପାଇଁ ଏକ ବଡ଼ ପ୍ରେରଣା ପାଲଟିଛି।

## ବାଉରୀଗୁଡ଼ା ଷ୍ଟ୍ରିଟ୍ ଲାଇଟ୍ ବିବାଦ

# ଅନ୍ଧାରରେ ଗ୍ରାମବାସୀ : ବଢୁଛି ଜନଅସନ୍ତୋଷ

**କୁଚିଣ୍ଡା, ନ୍ୟୁଜ୍‌ବ୍ୟୁରୋ**

ସମ୍ବଲପୁର ଜିଲ୍ଲା କୁଚିଣ୍ଡା ବ୍ଲକ୍ ଅନ୍ତର୍ଗତ ବାଉରୀଗୁଡ଼ା ଗ୍ରାମରେ ବିପର୍ଯ୍ୟସ୍ତ ଷ୍ଟ୍ରିଟ୍ ଲାଇଟ୍ ବ୍ୟବସ୍ଥାକୁ ନେଇ ଗତ ୯ ଜୁନ୍ ୨୦୨୬ ମଙ୍ଗଳବାର ଦିନ 'ସମ୍ବାଦ କଳିକା' ସମ୍ବାଦପତ୍ରରେ ସଚିତ୍ର ସମ୍ବାଦ ପ୍ରକାଶ ପାଇବା ପରେ ମଧ ସ୍ଥାନୀୟ ପ୍ରଶାସନ କିମ୍ବା ବିଭାଗୀୟ ଅଧିକାରୀଙ୍କ ନିଦ ଭାଙ୍ଗିନାହିଁ। ସମ୍ବାଦ ପ୍ରକାଶ ପାଇବାର ଅନେକ ଦିନ ବିତି ଯାଇଥିଲେ ହେଁ, ସ୍ଥିତିରେ କୌଣସି ସୁଧାର ଆସିନାହିଁ କି ପ୍ରଶାସନ ପକ୍ଷରୁ ଲାଇଟ୍ ମରାମତି ପାଇଁ କୌଣସି ପଦକ୍ଷେପ ନିଆଯାଇ ନାହିଁ। ଫଳରେ ସମଗ୍ର ବାଉରୀଗୁଡ଼ା ଗ୍ରାମ ଏବେବି ସଞ୍ଜ ନଇଁଲେ ଅନ୍ଧକାର ଚାଦର ତଳେ ବୁଡ଼ି ରହୁଛି।

ପୂର୍ବ ଅଭିଯୋଗ ମୁତାବକ, ଗ୍ରାମରେ ଲୋକଙ୍କ ସୁରକ୍ଷା ପାଇଁ ଲକ୍ଷ ଲକ୍ଷ ଟଙ୍କା ବ୍ୟୟରେ ଷ୍ଟ୍ରିଟ୍ ଲାଇଟ୍ ଲଗାଯାଇଥିଲା, କିନ୍ତୁ ରକ୍ଷଣାବେକ୍ଷଣ ଅଭାବରୁ ସେଗୁଡ଼ିକ ଦୀର୍ଘ ଦିନ ହେବ



ଅଚଳ ହୋଇ ପଡ଼ିରହିଛି। ଏହି ଅନ୍ଧାରର ସୁଯୋଗ ନେଇ ଗ୍ରାମରେ ଅସାମାଜିକ ତତ୍ତ୍ୱ ଓ ଗୁଣ୍ଡା ଶ୍ରେଣୀର ଲୋକଙ୍କ ଆଡ୍ଡା ଜମୁଛି ଏବଂ ମଦ୍ୟପମାନେ ସର୍ବସାଧାରଣ ସ୍ଥାନରେ ଉତ୍ପାତ କରୁଛନ୍ତି। ରାତିରେ ମହିଳା, ଶିଶୁ ଏବଂ ବୟସ୍କ ବ୍ୟକ୍ତିମାନେ ଘରୁ ବାହାରିବାକୁ ଭୟ କରୁଛନ୍ତି। ସମ୍ବାଦପତ୍ରରେ ଏହି ସମ୍ବେଦନଶୀଳ ସମସ୍ୟା ପ୍ରତି ସ୍ପଷ୍ଟ ଭାବେ ଆଲୋକପାତ କରାଯାଇଥିଲେ ସୁଦ୍ଧା, ସମ୍ପୃକ୍ତ ପଞ୍ଚାୟତରାଜ ଓ ପାନୀୟ ଜଳ ବିଭାଗ କିମ୍ବା ସ୍ଥାନୀୟ କର୍ତ୍ତୃପକ୍ଷ ଏହାକୁ ଗମ୍ଭୀରତାର ସହ ନେଇ ନାହାନ୍ତି। କେବଳ ବିଭିନ୍ନ ବାହାନା ଦେଖାଇ ଅଧିକାରୀମାନେ ନିଜ ଦାୟିତ୍ୱରୁ ଖସିଯାଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ପ୍ରଶାସନର ଏଭଳି ଚରମ ଦାୟିତ୍ୱହୀନ ମନୋଭାବ ଏବଂ ଉଦାସୀନତାକୁ ନେଇ ଏବେ ବାଉରୀଗୁଡ଼ା ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ଜନଅସନ୍ତୋଷ ପ୍ରକାଶ ପାଉଛି। ଯଦି ଅତି ଶୀଘ୍ର ଏହି ଅଚଳ ଷ୍ଟ୍ରିଟ୍ ଲାଇଟ୍ ଗୁଡ଼ିକର ମରାମତି କରାଯାଇ ଗ୍ରାମକୁ ଆଲୋକିତ କରାନଯାଏ ଏବଂ ଅସାମାଜିକ ତତ୍ତ୍ୱଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନହୁଏ, ତେବେ ଗ୍ରାମବାସୀ ରାଜପଥକୁ ଓହ୍ଲାଇବା ସହ ଏକ ବଡ଼ ଧରଣର ଆନ୍ଦୋଳନ କରିବେ ବୋଲି ପ୍ରଶାସନକୁ ଶେଷ ଚେତାବନୀ ଦେଇଛନ୍ତି। ସମ୍ବଲପୁର ଜିଲ୍ଲାପାଳ ଏହି ମାମଲାରେ ତୁରନ୍ତ ବ୍ୟକ୍ତିଗତ ହସ୍ତକ୍ଷେପ କରି ସମସ୍ୟାର ସମାଧାନ କରନ୍ତୁ ବୋଲତି ସ୍ଥାନୀୟ ବୁଦ୍ଧିଜୀବୀ ଓ ଜନସାଧାରଣ ଦୃଢ଼ ଦାବି କରିଛନ୍ତି।

# ବାଂଲାଦେଶ ବିପକ୍ଷ ଟ୍ୱେଣ୍ଟି-୨୦ ଶୃଙ୍ଖଳା ହାତେଇଲା ଅଷ୍ଟ୍ରେଲିଆ



**ଢାକା**

ଦ୍ୱିତୀୟ ଟ୍ୱେଣ୍ଟି-୨୦ରେ ବାଂଲାଦେଶକୁ ୭ ରନ୍‌ରେ ପରାସ୍ତ କରି ଶୃଙ୍ଖଳା ହାତେଇନେଇଛି ଭ୍ରମଣକାରୀ ଅଷ୍ଟ୍ରେଲିଆ। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଅଷ୍ଟ୍ରେଲିଆ ଆରମ୍ଭରୁ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲେ ବି ମାଟ୍ ରେନସ' (୫୨ ବଲ୍‌ରୁ ୮୯ଅ ରନ୍, ୫ ଛକା, ୪ ଚୌକା) ଓ ଟିମ୍ ଡେଭିଡ୍ (୨୬ ବଲ୍‌ରୁ ୪୫, ୪ ଛକା, ୨ ଚୌକା)ଙ୍କ ଲଢୁଆ ଅର୍ଦ୍ଧଶତକ ବଳରେ ୫ ୱିକେଟ୍ ହରାଇ ୧୯୬ ରନ୍ କରିଥିଲା।

ବାଂଲାଦେଶ ପକ୍ଷରୁ ନସୁମ ଅହମଦ ୨୭ ରନ ବ୍ୟୟ କରି ୨ ୱିକେଟ୍ ନେଇଥିଲେ। ଜବାବରେ ବାଂଲାଦେଶ ଲଢୁଆ ବ୍ୟାଟିଂ କରିଥିଲେ ବି ୧୮୯ ରନ୍‌ରେ ଅଟକି ଯାଇଥିଲା। ଦଳ ପକ୍ଷରୁ ସୈଫ୍ ହାସନ ୪୨, ପରଭେଜ୍ ହୋସେନ ଏମନ୍ ୩୬ ଓ ତୌହିଦ୍ ହ୍ରିଦୟ ୩୫ ରନ୍‌ର ପାଳି ଖେଳିଥିଲେ। ଅଷ୍ଟ୍ରେଲିଆ ପକ୍ଷରୁ ଆରନ୍ ହାର୍ଡି ୪୦ ରନ୍ ଦେଇ ୨ ୱିକେଟ୍ ନେଇଥିଲେ। ଏହି ତିନି ମ୍ୟାଚ୍ ବିଶିଷ୍ଟ ଶୃଙ୍ଖଳାର ଶେଷ ମ୍ୟାଚ୍ ଜୁନ ୨୧ରେ ଚଟ୍ଟଗ୍ରାମରେ ଖେଳାଯିବ।

# ରାଜବୋଡାସମ୍ବର୍ ବ୍ଲକରେ 'ବିକାଶ ଧାରା, ଓଡ଼ିଶା ସାରା' କାର୍ଯ୍ୟକ୍ରମ ଶୁଭାରମ୍ଭ

**ବରଗଡ଼, ନ୍ୟୁଜ୍‌ବ୍ୟୁରୋ**

ଓଡ଼ିଶା ସରକାରଙ୍କ ଦୁଇ ବର୍ଷ ପୂର୍ତ୍ତି ଅବସରରେ ରାଜବୋଡାସମ୍ବର୍ ବ୍ଲକ କାର୍ଯ୍ୟାଳୟରେ ବ୍ଲକସ୍ତରୀୟ 'ବିକାଶର ଧାରା, ଓଡ଼ିଶା ସାରା' କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଯାଇଛି। ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ବିକାଶ, ସଂଖ୍ୟାଲଘୁ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗ ଆନୁକୂଲ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ବ୍ଲକ ପରିସରରେ କାର୍ଯ୍ୟକ୍ରମର ଉଦ୍‌ଘାଟନ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷ ଗୋବର୍ଦ୍ଧନ ଭୋଏ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ସାଂସଦ ପ୍ରତିନିଧି ନିରାକାର ବରିହା, ରାଜବୋଡାସମ୍ବର ବ୍ଲକ ଅଧ୍ୟକ୍ଷ ରଞ୍ଜିତ୍ ସିଂହ ବରିହା, ଉପ-ଅଧ୍ୟକ୍ଷା ସଂଯୁକ୍ତା ଚାନ୍ଦ, ଜିଲ୍ଲା ପରିଷଦ ସଦସ୍ୟ ମକରଧ୍ୱଜ ବଗାର, ସରସ୍ୱତୀ ସାହୁ ଏବଂ ଗୋଷ୍ଠୀ ଉନ୍ନୟନ ଅଧିକାରୀ ମନୋଜ କୁମାର ଦେବତା ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ପଦ୍ମପୁରର ଅତିରିକ୍ତ ଜିଲ୍ଲା କଲ୍ୟାଣ ଅଧିକାରୀ ସଞ୍ଜୟ ଲେଙ୍କା ଯୋଗଦେଇ ବିଭିନ୍ନ ସରକାରୀ ଯୋଜନା ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ସେ ଅନୁସୂଚିତ ଜନଜାତିର ଛାତ୍ରଛାତ୍ରୀଙ୍କ ପାଇଁ ୫,୦୦୦ ଟଙ୍କାର ଏକକାଳୀନ ପ୍ରୋତ୍ସାହନ ରାଶି ପ୍ରଦାନ କରୁଥିବା 'ଶହିଦ ମାଧୋ ସିଂ ହାତ ଖର୍ଚ୍ଚ ଯୋଜନା' ଏବଂ ଦୁର୍ବଳ ବର୍ଗର ଛାତ୍ରଛାତ୍ରୀଙ୍କ ପାଇଁ ଉଦ୍ଦିଷ୍ଟ 'ପ୍ରି-ମାଟ୍ରିକ୍ ଓ ପୋଷ୍ଟ-ମାଟ୍ରିକ୍ ସ୍କଲାରସିପ୍' ବିଷୟରେ ଜନସାଧାରଣଙ୍କୁ



ଅବଗତ କରାଇଥିଲେ। ଏତଦ୍‌ବ୍ୟତୀତ, ଗ୍ରାମୀଣ ଭିତ୍ତିଭୂମି ବିକାଶ ପାଇଁ 'ପ୍ରଧାନମନ୍ତ୍ରୀ ଆଦର୍ଶ ଗ୍ରାମ ଯୋଜନା' ଓ 'ଧର୍ତୀ ଆବା ଜନଜାତୀୟ ଗ୍ରାମ ଉତ୍କର୍ଷ ଅଭିଯାନ', କ୍ଷୁଦ୍ର ବନଜାତ ଦ୍ରବ୍ୟ ପାଇଁ ସର୍ବନିମ୍ନ ସହାୟକ ମୂଲ୍ୟ ପ୍ରଦାନ କରୁଥିବା 'ଲାଭା' ଯୋଜନା ସହିତ ବ୍ୟକ୍ତିଗତ ଓ ସାମୁଦାୟିକ ଋଣ ଏବଂ ଆନ୍ତଃଜାତି ବିବାହ ପ୍ରୋତ୍ସାହନ ପାଇଁ କରାଯାଇ ଥିବା ସମସ୍ତ ସୁବିଧା ବିଷୟରେ ସଚେତନତା ସୃଷ୍ଟି କରିଥିଲେ। କାର୍ଯ୍ୟକ୍ରମର ଶେଷରେ, ବିଭିନ୍ନ ଯୋଜନାର ହିତାଧିକାରୀ ମାନଙ୍କୁ ସେମାନଙ୍କ ପ୍ରାପ୍ୟ ରାଶିର ଚେକ୍ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ଅତିଥିମାନେ ସରକାରୀ ଯୋଜନା ଗୁଡ଼ିକର ସୁଫଳ ଯେପରି ପ୍ରତ୍ୟେକ ଯୋଗ୍ୟ ହିତାଧିକାରୀଙ୍କ ପାଖରେ ପହଞ୍ଚିବ, ସେଥିପାଇଁ ସେମାନେ ଚେଷ୍ଟିତ ବୋଲି ମତ ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ସ୍ଥାନୀୟ ବ୍ଲକ କର୍ମଚାରୀ, ବିଭିନ୍ନ ଗ୍ରାମ ପଞ୍ଚାୟତର ପ୍ରତିନିଧି ଏବଂ ବହୁ ସଂଖ୍ୟାରେ ସାଧାରଣ ଜନତା ଉପସ୍ଥିତ ଥିଲେ।

**GOVERNMENT OF ODISHA, DEPARTMENTOF WATER RESOURCES**
**Office of the Addl. Chief Engineer, Mechanical Circle, Bhubaneswar**
**Email Address: semechcircle104@gmail.com**
**e-Procurement Notice- Bid Identification No.- ACEM/MDB-09/2026-27**

1. Name of the Work : Mechanical Gate Works
2. No. of Works : 01 (One)
3. Category of executors : SSI Units registered under DIC/NSIC/ MSME for Irrigation Shutters/ Hydro mechanical gates.
4. Bid Identification No. : ACEM/MDB-09/2026-27
5. Estimated Cost : Rs. 11,98,752/-
6. Period of Completion : 20 Calendar Days.
7. Date & time of availability of bid documents in the Portal : From dt.22.06.2026(10.00 AM) to dt.03.07.2026(5.30 PM)
8. Last date/time for receipt of bid In the Portal : dt.03.07.2026(up to 5.30 PM)
9. Date and Place of opening of Bid : dt.04.07.2026(11.00 AM onwards in the O/O the undersigned)
10. Name of the Officer inviting bid : Addl. Chief Engineer, Mechanical Circle, Bhubaneswar

Further details can be seen from the e-procurement portal https://tendersodisha.gov.in. Any further issue of Addenda/ Corrigenda/ Cancellation Notice shall be uploaded in the aforesaid website only.

Sd/- Addl. Chief Engineer,
Mechanical Circle Bhubaneswar

OIPR-32001/32405/1/26-27/0013

32001/418/2627

## କଲରାପତରିଆ ବାଘ ଚମଡ଼ା ଚୋରାଚାଲାଣ ମାମଲା : ତଦନ୍ତ କ୍ରାଇମବ୍ରାଞ୍ଚକୁ ହସ୍ତାନ୍ତର ପାଇଁ ଡିଜିଙ୍କୁ ଏସ୍‌ପିଙ୍କ ଚିଠି

**ବ୍ରହ୍ମପୁର, ନ୍ୟୁଜ୍‌ବ୍ୟୁରୋ**

ଗଞ୍ଜାମ ଜିଲ୍ଲାର ଜରଡ଼ା ଥାନାରେ ରୁଜୁ ହୋଇଥିବା କଲରାପତରିଆ ବାଘ ଚମଡ଼ା ଚୋରାଚାଲାଣ ମାମଲାର ତଦନ୍ତକୁ କ୍ରାଇମବ୍ରାଞ୍ଚର ୱାଇଲ୍ଡ ଲାଇଫ୍ କ୍ରାଇମ ସେଲ୍‌କୁ ହସ୍ତାନ୍ତର କରିବାକୁ ବ୍ରହ୍ମପୁର ଏସ୍‌ପି ଡା. ସର୍ବଣା ବିବେକ ଏମ୍, ସିଆଇଡି-କ୍ରାଇମବ୍ରାଞ୍ଚ ଡିଜି ଓ ଆଇଜିଙ୍କୁ ଚିଠି ଲେଖି ଅନୁରୋଧ କରିଛନ୍ତି। ଗତ ଜୁନ୍ ୬ ତାରିଖରେ ଦୁଇଜଣ ଅଭିଯୁକ୍ତଙ୍କ ନିକଟରୁ ଦୁଇଟି କଲରାପତରିଆ ବାଘ ଚମଡ଼ା, ଦୁଇଟି ଜୀବନ୍ତ ବୋମା ଏବଂ ଏକ ଖଣ୍ଡା ଜବତ ହୋଇଥିଲା। ବନ୍ୟଜନ୍ତୁ ଅପରାଧ ସହ ବିସ୍ଫୋରକ ଓ ଅସ୍ତ୍ରଶସ୍ତ୍ର ଜଡିତ ଥିବାରୁ ମାମଲାର ଅଧିକ ତଦନ୍ତ ଏବଂ ପ୍ରସିକ୍ୟୁସନ ପତ୍ର ଦାଖଲ ପାଇଁ ଏହାକୁ କ୍ରାଇମବ୍ରାଞ୍ଚର ବିଶେଷଜ୍ଞ 'ୱାଇଲ୍ଡ ଲାଇଫ୍ କ୍ରାଇମ ସେଲ୍'କୁ ହସ୍ତାନ୍ତର କରିବାକୁ ଏସ୍‌ପି ଅନୁରୋଧ କରିଛନ୍ତି।

**ଶ୍ରୀମନ୍ଦିର ହୁଣ୍ଡିରୁ ସଂଗ୍ରହ**
ତାରିଖ :-୧୯/୦୬/୨୦୨୬
୪,୩୫,୬୯୩/- ଟଙ୍କା
ସୁନା:- ଶୂନ୍ୟ
ରୂପା:- ୨୦ଗ୍ରାମ୍ ୩୦୦ ମିଲିଗ୍ରାମ



ରାଇରଙ୍ଗପୁର ଠାରେ ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସ୍ୱାଗତ କରୁଛନ୍ତି।



ସ୍ୱାସ୍ଥ୍ୟ ଶିବିର ପରିଦର୍ଶନ କରିବା ଅବସରରେ ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ। (ଫଟୋ : ସମ୍ବାଦକଳିକା)



ଏମ୍ସ ଭୁବନେଶ୍ୱର ସହଭାଗିତାରେ ଆୟୋଜିତ ପ୍ରଥମ ମାଗଣା ସ୍ୱାସ୍ଥ୍ୟ ଶିବିରର ଶୁଭାରମ୍ଭ ଅବସରରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ସହିତ ରାଜ୍ୟପାଳ ଡଃ ହରିବାବୁ କମ୍ଭମପାଟୀ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ନେତୃବୃନ୍ଦ। (ଫଟୋ : ସମ୍ବାଦକଳିକା)





# କିମ୍ସରେ ୯୦ ବର୍ଷ ବୟସ୍କ ବ୍ୟକ୍ତିଙ୍କ ସଫଳ ହୃଦ୍ ଅସ୍ତ୍ରୋପଚାର

**ଭୁବନେଶ୍ୱର,ନ୍ୟୁଜ୍‌ବ୍ୟୁରୋ**

କିମ୍ସରେ ଜଣେ ୯୦ ବର୍ଷ ବୟସ୍କ ବ୍ୟକ୍ତିଙ୍କଠାରେ ଜୀବନ ରକ୍ଷାକାରୀ ଆର୍ଟିକ୍ ଭଲଭ୍ ରିପ୍ଲେସମେଣ୍ଟ (ଏଭିଆର) ସଫଳତାର ସହ କରାଯାଇଛି। ବୃଦ୍ଧାବସ୍ଥା ଏବଂ ହୃଦଘାତରେ ଅତ୍ୟଧିକ ଦୁର୍ବଳତା ହେତୁ ରୋଗୀ ହୃଦ୍ ଅସ୍ତ୍ରୋପଚାର ପାଇଁ ଅତ୍ୟଧିକ ବିପଦପୂର୍ଣ୍ଣ ଥିଲେ ମଧ୍ୟ ହୋଇଥିଲେ କିମ୍ସ ଡାକ୍ତରମାନେ ଚାଲେଞ୍ଜର ସମ୍ମୁଖୀନ ହୋଇ ରୋଗୀଙ୍କ ଜୀବନ ବଞ୍ଚାଇବାରେ ସଫଳ ହୋଇଛନ୍ତି। କିମ୍ସର ବିଶିଷ୍ଟ ହୃଦ୍ ସର୍ଜନ ଡାକ୍ତର ଅମିତ ଅଗ୍ରୱାଲଙ୍କ ନେତୃତ୍ୱରେ ହୃଦ୍‌ରୋଗ ସର୍ଜରୀ ଦଳ ଏହି ଜଟିଳ ପ୍ରକ୍ରିୟାରେ ରୋଗୀଙ୍କୁ ଉନ୍ନତ ହୃଦ୍‌ରୋଗ ଚିକିତ୍ସା ଯୋଗାଇବା କିମ୍ସ ପାଇଁ ଏକ ପ୍ରମୁଖ ସଫଳତା ବୋଲି କୁହାଯାଉଛି। ପ୍ରାୟତଃ ଅସ୍ତ୍ରୋପଚାର ପାଇଁ ଅନୁପଯୁକ୍ତ ବୋଲି ବିବେଚନା କରାଯାଉଥିବା ରୋଗୀଙ୍କ ଠାରେ ଏଭଳି ସଫଳ ଅସ୍ତ୍ରୋପଚାର



ରୋଗୀଙ୍କୁ ନୂଆ ଜୀବନ ଦେଇଛି।

ସୂଚନାଯୋଗ୍ୟ, ହୃଦୟର ଆର୍ଟିକ୍ ଭାଲଭରେ ଓ ବାମ ଭେଣ୍ଟ୍ରିକୁଲାର ସଂକୀର୍ଣ୍ଣ ହୋଇଯାଇଥିବାରୁ ରୋଗୀ ଜଣକ ଗୁରୁତର ଆର୍ଟିକ୍ ଷ୍ଟେନୋସିସ୍ ରୋଗରେ ପୀଡ଼ିତ ହୋଇଥିଲେ। ସେ ଦୀର୍ଘ ସମୟ ଧରି ନିଶ୍ୱାସ ପ୍ରଶ୍ୱାସ ନେବାରେ କଷ୍ଟ ଅନୁଭବ କରିବା ସହ ଚାଲବୁଲ କରିବାକୁ ସଂପୂର୍ଣ୍ଣ ଅସମର୍ଥ ହୋଇପଡ଼ିଥିଲେ। ଏହା ସହ ସେ ସବୁବେଳେ ହୃଦଘାତର ଲକ୍ଷଣ ଅନୁଭବ କରୁଥିଲେ। ଫଳରେ ତାଙ୍କ ଦୈନନ୍ଦିନ ଜୀବନ କଷ୍ଟମୟ ହୋଇପଡ଼ିଥିଲା। ପରେ ସେ କିମ୍ସ ଡାକ୍ତରଙ୍କ ସହ ଯୋଗାଯୋଗ କରିବାରୁ ତାଙ୍କଠାରେ ଏଭଳି ବିରଳ ସମସ୍ୟା ଥିବା ଜଣାପଡ଼ିଥିଲା। ଡା ଅମିତ ଅଗ୍ରୱାଲ୍ ବହୁ ପରୀକ୍ଷା ପରେ ଏହି ରୋଗର ଅସ୍ତ୍ରୋପଚାର କରି ସଫଳ ହୋଇଥିଲେ।

ଡା ଅମିତ ଅଗ୍ରୱାଲ୍‌ଙ୍କ କହିବା ଅନୁସାରେ ବୟସାଧିକ୍ୟ ଓ ହୃଦୟ କାର୍ଯ୍ୟ କରିବାରେ ଦୁର୍ବଳ ହୋଇଯାଇ ଥିବାରୁ ତାଙ୍କଠାରେ ଅସ୍ତ୍ରୋପଚାର କରିବା ଅତ୍ୟଧିକ ବିପଦପୂର୍ଣ୍ଣ ଥିଲା। ଅସାବଧାନ ହୋଇଥିଲେ ଏ କ୍ଷେତ୍ରରେ ରୋଗୀର ଚିକିତ୍ସା ସମୟରେ ମୃତ୍ୟୁ ଓ ଅସ୍ତ୍ରୋପଚାର ପରବର୍ତ୍ତୀ ଜଟିଳତା ଅଧିକ ବୃଦ୍ଧି ପାଇବାର ସମ୍ଭାବନା ଥାଏ। ଏହା ଛଡା ୯୦ ବର୍ଷ ବୟସରେ ଓପନ ହାର୍ଟ ସର୍ଜରୀର ସବୁଠାରୁ ଚ୍ୟାଲେଞ୍ଜ ସୃଷ୍ଟି କରିଥାଏ। ଏହି ଅସୁବିଧା ସତ୍ତ୍ୱେ କିମସ ଡାକ୍ତରୀ ଦଳ ଭାଲଭ୍ ରିପ୍ଲେସମେଣ୍ଟ ସର୍ଜରୀକୁ ସଫଳତାର ସହିତ ସଂପନ୍ନ କରିଥିଲେ। ଅସ୍ତ୍ରୋପଚାର ପରେ ରୋଗୀ ଏବେ ସୁସ୍ଥ ଅଛନ୍ତି। ହୃଦରୋଗ ଯନ୍ତ୍ରଣାରୁ ଉପଶମ ମିଳିଛି।

କିମ୍ସ ଡାକ୍ତରଙ୍କ ଏହି ସଫଳତାରେ କିଟ୍, କିସ୍ ଓ କିମ୍ସ ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତ ସନ୍ତୋଷ ବ୍ୟକ୍ତ କରିବା ସହ ଏହି ଅସ୍ତ୍ରୋପଚାରରେ ସାମିଲ ହୋଇଥିବା ସମସ୍ତ ଡାକ୍ତରୀ ଦଳ, ସ୍ୱାସ୍ଥ୍ୟ କର୍ମୀ ଓ ଅନ୍ୟ ସମସ୍ତ କର୍ମଚାରୀଙ୍କୁ ଧାନ୍ୟବାଦ ଜଣାଇଛନ୍ତି। ଏହା ସହ ସେ ରୋଗୀଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି।

# ଆଜି ରାଷ୍ଟ୍ରପତି ଦେଶବାସୀଙ୍କୁ ଉତ୍ସର୍ଗ କରିବେ ୭୩୨ କୋଟିରୁ ଊର୍ଦ୍ଧ୍ୱ ମୂଲ୍ୟର ରେଳ ପ୍ରକଳ୍ପ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ରେଳ ଭିତ୍ତିଭୂମି, ପରିଚାଳନା ଦକ୍ଷତା ଏବଂ ସଂଯୋଗୀକରଣ କ୍ଷେତ୍ରରେ ଏକ ବଡ଼ ସଫଳତା ସ୍ୱରୂପ, ମାନ୍ୟବର ପ୍ରଧାନମନ୍ତ୍ରୀଙ୍କ ଗରିମାମୟ ଉପସ୍ଥିତିରେ ମାନନୀୟ ରାଷ୍ଟ୍ରପତି ୨୦ ଜୁନ୍ ୨୦୨୬ରେ ରାଇରଙ୍ଗପୁର ଠାରେ ୭୩୨ କୋଟିରୁ ଅଧିକ ଟଙ୍କାର ଦୁଇଟି ଗୁରୁତ୍ୱପୂର୍ଣ୍ଣ ମଲ୍ଟି-ଟ୍ରାକିଂ ରେଳ ପ୍ରକଳ୍ପକୁ ଦେଶବାସୀଙ୍କୁ ସମର୍ପଣ କରିବେ। ପୂର୍ବତଟ ରେଳପଥ ଅଧୀନରେ ବିକଶିତ ଏହି ଦୁଇଟି ପ୍ରକଳ୍ପ ରେଳ ଲାଇନର କ୍ଷମତାକୁ ଉଲ୍ଲେଖନୀୟ ଭାବେ ବୃଦ୍ଧି କରିବ, ଭିଡ଼ ହ୍ରାସ କରିବ ଏବଂ ଯାତ୍ରୀବାହୀ ତଥା ମାଲ୍‌ବାହୀ ଟ୍ରେନର ସୁଗମ ଚଳାଚଳକୁ ସହଜ କରିବ। ଏହି ପ୍ରକଳ୍ପଗୁଡ଼ିକ ଓଡ଼ିଶାର ରେଳ ଭିତ୍ତିଭୂମିର ମେରୁଦଣ୍ଡକୁ ଆହୁରି ମଜବୁତ କରିବ ଏବଂ ରାଜ୍ୟରେ ବଢୁଥିବା ଶିଳ୍ପ ତଥା ଅର୍ଥନୈତିକ କାର୍ଯ୍ୟକଳାପକୁ ସହାୟତା ପ୍ରଦାନ କରିବ।

୧୯ କିଲୋମିଟର ଦୈର୍ଘ୍ୟ ବିଶିଷ୍ଟ ଏହି ପ୍ରକଳ୍ପ ୩୨୩ କୋଟି ଟଙ୍କା ବ୍ୟୟରେ ସମ୍ପୂର୍ଣ୍ଣ ହୋଇଛି, ଯାହା ବୃହତ ଭଦ୍ରକ – ନିର୍ଗୁଣ୍ଡି ମଲ୍ଟି-ଟ୍ରାକିଂ ପ୍ରକଳ୍ପର ଏକ ଅଂଶ ଭାବରେ ବିକଶିତ କରାଯାଇଛି। ଏହି ପ୍ରକଳ୍ପଟି ଅତ୍ୟଧିକ ବ୍ୟସ୍ତବହୁଳ ହାଓ୍ୱଡ଼ା-ଚେନ୍ନାଇ ମୁଖ୍ୟ ଲାଇନରେ କ୍ଷମତା ବୃଦ୍ଧି କରିବ, ଭିଡ଼ ହ୍ରାସ କରିବ, ସମୟାନୁବର୍ତ୍ତିତାରେ ସୁଧାର ଆଣିବ ଏବଂ ଯାତ୍ରୀବାହୀ ଓ ମାଲବାହୀ ଟ୍ରେନଗୁଡ଼ିକର ଦ୍ରୁତ ଚଳାଚଳ ନିଶ୍ଚିତ କରିବ।

ଏହି ପ୍ରକଳ୍ପ କୋଇଲା ଏବଂ ଅନ୍ୟାନ୍ୟ ଭାରୀ ସାମଗ୍ରୀର ନିରବଚ୍ଛିନ୍ନ ପରିବହନରେ ମଧ୍ୟ ସହାୟକ ହେବ, ଯାହା ନିକଟସ୍ଥ ବନ୍ଦର, ଶିଳ୍ପ ଏବଂ ବାଣିଜ୍ୟିକ କେନ୍ଦ୍ରଗୁଡ଼ିକୁ ସୁଦୃଢ଼ ଲଜିଷ୍ଟିକ୍ ସହାୟତା ପ୍ରଦାନ କରିବ, ଯାହାଦ୍ୱାରା ଏହି ଅଞ୍ଚଳର ଅର୍ଥନୈତିକ ବିକାଶରେ ସହଯୋଗ ମିଳିବ।

ସେହିପରି, ୪୦୯ କୋଟି ଟଙ୍କା ବ୍ୟୟରେ ୨୭ କିଲୋମିଟର ଦୈର୍ଘ୍ୟରେ ସମ୍ପୂର୍ଣ୍ଣ ହୋଇଥିବା ହିନ୍ଦୋଳ ରୋଡ଼ – ମେରାମଣ୍ଡଳୀ ମଲ୍ଟି-ଟ୍ରାକିଂ ପ୍ରକଳ୍ପ, ଗୁରୁତ୍ୱପୂର୍ଣ୍ଣ ବୁଢ଼ାପଙ୍କ – ଶାଳଗାଁ ମଲ୍ଟି-ଟ୍ରାକିଂ ପ୍ରକଳ୍ପର ଏକ ଅଂଶ ଅଟେ। ଏହି ପ୍ରକଳ୍ପ ଟ୍ରେନ୍ ପରିଚାଳନ କ୍ଷମତାକୁ ଉଲ୍ଲେଖନୀୟ ଭାବେ ବୃଦ୍ଧି କରିବ, ପରିଚାଳନାଗତ ପ୍ରତିବନ୍ଧକ ଗୁଡ଼ିକୁ ଦୂର କରିବ ଏବଂ କୋଇଲା, ଇସ୍ପାତ, ବିଦ୍ୟୁତ କ୍ଷେତ୍ର ପାଇଁ ଆବଶ୍ୟକ ସାମଗ୍ରୀ ଓ ଅନ୍ୟାନ୍ୟ ଶିଳ୍ପ ଜାତ ସାମଗ୍ରୀର ସୁଗମ ପରିବହନକୁ ସହାୟତା କରିବ।

ଏହି ପ୍ରକଳ୍ପଗୁଡ଼ିକ ମାଧ୍ୟମରେ ସୃଷ୍ଟ ଅତିରିକ୍ତ କ୍ଷମତା ଅଧିକ ଯାତ୍ରୀବାହୀ ଓ ମାଲବାହୀ ଟ୍ରେନ୍ ପରିଚାଳନକୁ ସମ୍ଭବ କରିବ, ସଂଯୋଗୀକରଣର ବ୍ୟବସ୍ଥାରେ ଉନ୍ନତି ଆଣିବ, ଶିଳ୍ପ ଲଜିଷ୍ଟିକ୍ସକୁ ମଜଭୁତ କରିବ ଏବଂ ଓଡ଼ିଶାର ସାମଗ୍ରିକ ଅଭିବୃଦ୍ଧି ଓ ବିକାଶରେ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଦେବ। ଏହି କ୍ଷମତା ବୃଦ୍ଧି ପ୍ରକଳ୍ପଗୁଡ଼ିକ ଆଧୁନିକ, ଦକ୍ଷ ଏବଂ ଭବିଷ୍ୟତ ଉପଯୋଗୀ ରେଳ ଭିତ୍ତିଭୂମି ନିର୍ମାଣ ଦିଗରେ ଭାରତ ସରକାରଙ୍କ ନିରନ୍ତର ପ୍ରତିବଦ୍ଧତାର ପ୍ରତିଫଳନ। ଏହି ପ୍ରକଳ୍ପଗୁଡ଼ିକ 'ବିକଶିତ ଓଡ଼ିଶା' ଏବଂ 'ବିକଶିତ ଭାରତ'ର ସଂକଳ୍ପକୁ ସୁଦୃଢ଼ କରିବାରେ ବହୁ ଦୂର ସହାୟକ ହେବ।

# ଓଡ଼ିଶାର ଏସଆଇଆର ମଡେଲକୁ ମହାରାଷ୍ଟ୍ର ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ପ୍ରଶଂସା

**ଭୁବନେଶ୍ୱର,ନ୍ୟୁଜ୍‌ବ୍ୟୁରୋ**

ଭୁବନେଶ୍ୱର ମହାନଗର ନିଗମ ଅଞ୍ଚଳରେ ଚାଲିଥିବା ସ୍ୱତନ୍ତ୍ର ସଘନ ସଂଶୋଧନ କାର୍ଯ୍ୟକ୍ରମର ଅଗ୍ରଗତି ନେଇ ଭାରତୀୟ ନିର୍ବାଚନ କମିଶନଙ୍କ ପ୍ରମୁଖ ସଚିବ ଏସ. ବି. ଯୋଶୀଙ୍କ ଅଧ୍ୟକ୍ଷତାରେ ଏକ ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି।

ଅପରପକ୍ଷରେ ଓଡ଼ିଶାରେ ଚାଲିଥିବା ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ-୨୦୨୬ ପ୍ରକ୍ରିୟା ଏକ ସଫଳ ମଡେଲ ଭାବେ ଉଭା ହୋଇଛି। ଓଡ଼ିଶାର ଏହି ଅଭିନବ ତଥା ସର୍ବୋତ୍ତମ ପ୍ରଣାଳୀଗୁଡ଼ିକୁ ଅନୁଧ୍ୟାନ କରିବା ପାଇଁ ଶୁକ୍ରବାର ମହାରାଷ୍ଟ୍ରର ମୁଖ୍ୟ ନିର୍ବାଚନ ଅଧିକାରୀ ଏସ୍. ଚୋକଲିଙ୍ଗମ୍ ଓଡ଼ିଶା ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ପରିଦର୍ଶନ କରିବା ସହ ଏକ ଉଚ୍ଚସ୍ତରୀୟ ବୈଠକରେ ଯୋଗ ଦେଇଥିଲେ। ଭୁବନେଶ୍ୱର ମହାନଗର ନିଗମ ଅଞ୍ଚଳରେ ଜାରି ରହିଥିବା ସଂଶୋଧନ କାର୍ଯ୍ୟର ଅଗ୍ରଗତି ନେଇ ଭାରତୀୟ ନିର୍ବାଚନ କମିଶନଙ୍କ ପ୍ରମୁଖ ସଚିବ ଏସ.ବି. ଯୋଶୀ ସମୀକ୍ଷା କରିଛନ୍ତି। ଏକ ସଠିକ୍, ସମାବେଶୀ ଏବଂ ଅଦ୍ୟତନ ଭୋଟର ତାଲିକା ପ୍ରସ୍ତୁତ କରିବା ଏହି ବୈଠକର ମୂଳ ଲକ୍ଷ୍ୟ ଥିଲା। ପ୍ରମୁଖ ସଚିବ ଶ୍ରୀ ଯୋଶୀ, ସମ୍ପୃକ୍ତ ନିର୍ବାଚନମଣ୍ଡଳୀର ନିର୍ବାଚକ ପଞ୍ଜୀକରଣ ଅଧିକାରୀ ଏବଂ ସହକାରୀ ନିର୍ବାଚନ ମଣ୍ଡଳୀ ପଞ୍ଜୀକରଣ ଅଧିକାରୀମାନଙ୍କ ସହ ୧୧୨, ୧୧୩ ଏବଂ ୧୧୪ ନମ୍ବର ବିଧାନସଭା ନିର୍ବାଚନ ମଣ୍ଡଳୀଗୁଡ଼ିକରେ ଚାଲିଥିବା ସ୍ୱତନ୍ତ୍ର ସଘନ ସଂଶୋଧନ କାର୍ଯ୍ୟକଳାପର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିଥିଲେ। ଏହି ବୈଠକରେ ପରିଗଣନା ଫର୍ମ ବଣ୍ଟନ, ଡିଜିଟାଇଜେସନ ପ୍ରକ୍ରିୟା ଏବଂ କ୍ଷେତ୍ର କର୍ମଚାରୀଙ୍କ କାର୍ଯ୍ୟର ଅନୁଧ୍ୟାନ କରାଯାଇଥିଲା। କୌଣସି ବି ଯୋଗ୍ୟ ଭୋଟର ଯେପରି ତାଲିକାରୁ ବାଦ୍ ନପଡ଼ନ୍ତି, ସେଥିପାଇଁ ନିର୍ବାଚନ ପ୍ରକ୍ରିୟାକୁ ଅଧିକ ସ୍ୱଚ୍ଛ ଓ ସୁଦୃଢ଼ କରିବା ସହ ନିଶ୍ଚିତ ସମୟ ସୀମା ମଧ୍ୟରେ କାର୍ଯ୍ୟ ଶେଷ କରିବାକୁ ସମସ୍ତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

ଏହି ସମୀକ୍ଷା ବୈଠକରେ ବିଏମସି କମିଶନର ଚଞ୍ଚଳ ରାଣା, ଓଡ଼ିଶା ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟର ଡେପୁଟି ସିଇଓ ଡ. ଲକ୍ଷ୍ମୀପ୍ରସାଦ ସାହୁ ଅତିରିକ୍ତ କମିଶନର ଶୁଭେନ୍ଦୁ କୁମାର ସାହୁ, କୈଳାଶ ଚନ୍ଦ୍ର ଦାସ ଏବଂ ସମସ୍ତ ନିର୍ବାଚନ ପଞ୍ଜୀକରଣ ଅଧିକାରୀମାନେ ଉପସ୍ଥିତ ଥିଲେ। ସେହିପରି ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଓଡ଼ିଶାର ମୁଖ୍ୟ ନିର୍ବାଚନ ଅଧିକାରୀ ଆର ଏସ୍. ଗୋପାଳନଙ୍କ ଉପସ୍ଥିତିରେ ଅନୁଷ୍ଠିତ ବୈଠକରେ ମହାରାଷ୍ଟ୍ର ମୁଖ୍ୟ ନିର୍ବାଚନ ଅଧିକାରୀ ଏସ୍. ଚୋକଲିଙ୍ଗମ୍ ଯୋଗ ଦେଇ ଓଡ଼ିଶାରେ 'ସ୍ୱତନ୍ତ୍ର ସଘନ ସଂଶୋଧନ' କୁ ସଫଳ କରିବା ପାଇଁ ପ୍ରାରମ୍ଭରୁ ଶେଷ ପର୍ଯ୍ୟନ୍ତ ଗ୍ରହଣ କରାଯାଇଥିବା ସମସ୍ତ ପଦକ୍ଷେପ ଉପରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ।

କ୍ଷେତ୍ର ସ୍ତରରେ କରାଯାଇଥିବା ବ୍ୟବସ୍ଥା, ଭୋଟରଙ୍କ ପାଖରେ ସହଜରେ ପରିଗଣନା ଫର୍ମ ପହଞ୍ଚାଇବା ଓ ସଂଗ୍ରହ କରିବା ପ୍ରକ୍ରିୟା, ସଂଗୃହିତ ତଥ୍ୟର ଡିଜିଟାଇଜେସନ୍ ଏବଂ ଅତ୍ୟାଧୁନିକ ମନିଟରିଂ ବ୍ୟବସ୍ଥାକୁ ମହାରାଷ୍ଟ୍ର ମୁଖ୍ୟ ନିର୍ବାଚନ ଅଧିକାରୀ ଚୋକଲିଙ୍ଗମ୍ ବେଶ୍ ପ୍ରଶଂସା କରିଛନ୍ତି। ସେହିପରି ରାଜ୍ୟରେ ଆଜି ସୁଦ୍ଧା ୯୯.୪୪ ପ୍ରତିଶତ ଅର୍ଥାତ ୩କୋଟି ୩୨ଲକ୍ଷ ୧୩ହଜାର ୩୯୩ଜଣ ଭୋଟରଙ୍କୁ ପରିଗଣନା ଫର୍ମ ବଣ୍ଟନ ହୋଇଥିବାବେଳେ ସେଥି ମଧ୍ୟରୁ ୬୬.୦୫ପ୍ରତିଶତ ଅର୍ଥାତ ୨କୋଟି ୨୦ଲକ୍ଷ ୬୧ହଜାର ୭୩୯ ଭୋଟରଙ୍କର ତଥ୍ୟ ଡିଜିଟାଇଜେସନ କରାଯାଇଛି।

# ଅତିରିକ୍ତ ଯାତ୍ରୀ ଭିଡ଼କୁ ଦୃଷ୍ଟିରେ ରଖି ବିଭିନ୍ନ ଟ୍ରେନରେ ଅତିରିକ୍ତ କୋଚ୍ ସଂଯୋଗ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ଯାତ୍ରୀମାନଙ୍କୁ ଅଧିକ ଆରାମଦାୟକ ଭ୍ରମଣ ସୁବିଧା ଯୋଗାଇଦେବା ଏବଂ ଆଗାମୀ ସପ୍ତାହରେ ବଢୁଥିବା ଯାତ୍ରୀଙ୍କ ଭିଡ଼କୁ ନିୟନ୍ତ୍ରଣ କରିବା ପାଇଁ ଭାରତୀୟ ରେଳପଥ ପକ୍ଷରୁ କେତେକ ଏକ୍ସପ୍ରେସ୍ ଟ୍ରେନରେ ଅସ୍ଥାୟୀ ଭାବେ ଅତିରିକ୍ତ କୋଚ୍ ସଂଯୋଗ କରିବାକୁ ନିଷ୍ପତ୍ତି ନିଆଯାଇଛି।



ଟ୍ରେନ୍ ନମ୍ବର ୧୨୮୩୭ ହାଓ୍ୱଡା-ପୁରୀ ଏକ୍ସପ୍ରେସରେ ୨୦ ଜୁନ୍‌ରୁ ୨୬ ଜୁନ୍ ୨୦୨୬ ପର୍ଯ୍ୟନ୍ତ ଗୋଟିଏ ସ୍ଲିପର କ୍ଲାସ କୋଚ୍ ସଂଯୋଗ କରାଯିବ।

ସେହିଭଳି, ଟ୍ରେନ୍ ନମ୍ବର ୧୮୦୩୯ ଶାଲିମାର-ପୁରୀ ଏକ୍ସପ୍ରେସରେ ୨୧ ଜୁନ୍ ୨୦୨୬ ଦିନ ଗୋଟିଏ ସ୍ଲିପର କ୍ଲାସ କୋଚ୍ ସଂଯୋଗ କରାଯିବ।

ଟ୍ରେନ୍ ନମ୍ବର ୧୮୦୪୫ ଶାଲିମାର-ଚର୍ଲାପଲ୍ଲୀ ଇଷ୍ଟ କୋଷ୍ଟ ଏକ୍ସପ୍ରେସରେ ୨୦ ଜୁନ୍‌ରୁ ୨୬ ଜୁନ୍ ୨୦୨୬ ପର୍ଯ୍ୟନ୍ତ ଗୋଟିଏ ଅତିରିକ୍ତ ଏସି ୩-ଟାୟାର ସଂଯୋଗ କରାଯିବ।

ଟ୍ରେନ୍ ନମ୍ବର ୧୮୦୬୩ ସାନ୍ତ୍ରାଗାଛି-ୟେଲହଙ୍କା ଏସି ଏକ୍ସପ୍ରେସରେ ୨୫ ଜୁନ୍ ୨୦୨୬ ଦିନ ଗୋଟିଏ ଅତିରିକ୍ତ ଏସି ୩-ଟାୟାର କୋଚ୍ କୋଚ୍ ବୃଦ୍ଧି କରାଯିବ।

ଟ୍ରେନ୍ ନମ୍ବର ୧୮୧୦୭ ରାଉରକେଲା-ଜଗଦଲପୁର ଇଣ୍ଟରସିଟି ଏକ୍ସପ୍ରେସରେ ୨୦ ଜୁନ୍ ୨୦୨୬ ଦିନ ଗୋଟିଏ ଅତିରିକ୍ତ ସ୍ଲିପର କ୍ଲାସ କୋଚ୍ ସଂଯୋଗ କରାଯିବ।

ଏହି ଅସ୍ଥାୟୀ କୋଚ୍ ବୃଦ୍ଧି ଫଳରେ ଏହି ରୁଟ୍‌ରେ ଯାତ୍ରା କରୁଥିବା ଯାତ୍ରୀମାନଙ୍କୁ ଅଧିକ ବର୍ଥ ଉପଲବ୍ଧ ହେବ ଏବଂ ଏହି ସମୟ ମଧ୍ୟରେ ବଢୁଥିବା ଯାତ୍ରା ଚାହିଦାକୁ ପୂରଣ କରିବାରେ ସହାୟକ ହେବ।

# ଶୀତଳଷଷ୍ଠୀ ଯାତ୍ରାରେ ଯୋଗ ଦେଲେ ବିଧାୟକ



**ମାଣପୁର, ନ୍ୟୁଜ୍‌ବ୍ୟୁରୋ**

ଶୁକ୍ରବାର ଦିନ ଅନୁଗୁଳ ଜିଲ୍ଲା ବନ୍ତଲା ଥାନା ଅନ୍ତର୍ଗତ ମାଣପୁର ଗ୍ରାମରେ ଶୀତଳଷଷ୍ଠୀ ଯାତ୍ରା ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଚଳିତ ବର୍ଷ ଗ୍ରାମବାସୀଙ୍କ ନିମନ୍ତ୍ରଣ ରକ୍ଷା କରି ସ୍ଥାନୀୟ ବିଧାୟକ ପ୍ରତାପ କୁମାର ପ୍ରଧାନ ଏହି ଉତ୍ସବରେ ଯୋଗ ଦେଇଥିଲେ। ତାଙ୍କ ସହିତ ସ୍ଥାନୀୟ ସରପଞ୍ଚ ସୁଜିତ ମହାଳିକ, ସମାଜ ସେବୀ ଦିଲ୍ଲୀପ କୁମାର ପ୍ରଧାନ, ବିଜେପି ବଡକେରା ମଣ୍ଡଳ ସଭାପତି ସହଲ୍ଲାଦ ଦେହୁରୀଙ୍କ ସହ ସ୍ଥାନୀୟ ବିଜେପି ନେତୃବୃନ୍ଦ ଉପସ୍ଥିତ ଥିଲେ। ପଣ୍ଡିତମାନଙ୍କ ମନ୍ତ୍ରୋଚ୍ଚାରଣ ସହ ଅତିଥିମାନେ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରି ଗ୍ରାମ ମନ୍ଦିର ରେ ପୂଜାର୍ଚ୍ଚନା କରିଥିଲେ। ଏହି ପରିପ୍ରେକ୍ଷୀରେ ଏକ ସାଧାରଣ ସଭା ଆୟୋଜିତ ହୋଇଥିଲା। ଏହି ସଭାରେ ବିଧାୟକ ଓ ନେତୃମଣ୍ଡଳୀଙ୍କୁ ଭବ୍ୟସମ୍ବର୍ଦ୍ଧନା ଦିଆଯାଇଥିଲା। ବିଧାୟକ ଗ୍ରାମବାସୀଙ୍କ ସୁବିଧା ପାଇଁ କିଛି ପ୍ରକଳ୍ପ ଘୋଷଣା କରିଥିଲେ ଏବଂ ଗ୍ରାମର ଉନ୍ନତି ପାଇଁ ଆଗାମୀ ଦିନରେ ଆବଶ୍ୟକୀୟ କାମ କରିବାକୁ ପଦକ୍ଷେପ ନେବାର ପ୍ରତିଶ୍ରୁତି ଦେଇଥିଲେ। ଶୀତଳଷଷ୍ଠୀ ଉତ୍ସବରେ ବିଧାୟକଙ୍କ ଉପସ୍ଥିତି ଉତ୍ସବକୁ ମହୋତ୍ସବରେ ପରିଣତ କରିଛି ବୋଲି ଗ୍ରାମବାସୀମାନେ ମନ୍ତବ୍ୟ ଦେଇଥିଲେ। ସଭାରେ ଗ୍ରାମର ବରିଷ୍ଠ ନାଗରିକ ଦୁର୍ଯ୍ୟୋଧନ କର ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ସରୋଜ କୁମାର ଆଚାର୍ଯ୍ୟ କାଯ୍ୟକ୍ରମ ପରିଚାଳନା କରିଥିଲେ ଓ ଅବସର ପ୍ରାପ୍ତ ଶିକ୍ଷକ ପ୍ରଦୀପ କୁମାର କର ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ପ୍ରଦ୍ୟୁମ୍ନ କର, ରୂପେଶ ଆଚାର୍ଯ୍ୟ, ମନୋଜ କୁମାର ମିଶ୍ର, ରାଜଶ୍ରୀ ଶତପଥୀ, ଜ୍ୟୋସ୍ନା ରାଣୀ କର, ପ୍ରମୋଦ କୁମାର କର, ସୁଧୀର କୁମାର ଆଚାର୍ଯ୍ୟ, ଲିପା କର, ସିପୁନ କର, ସୌମ୍ୟ ରଞ୍ଜନ କର, ଅକ୍ଷୟ କୁମାର କର, ସନ୍ତୋଷ କୁମାର କର, ପ୍ରଦ୍ୟୁମ୍ନ ବେହେରା, ଦିଗାମ୍ବର ମହାପାତ୍ର, ଅମୂଲ୍ୟ ଆଚାର୍ଯ୍ୟ ସହଯୋଗ କରିଥିଲେ।

## ଗଦି କାରଖାନାରେ ଅଗ୍ନିକାଣ୍ଡ
## ଜଳିଗଲା ଲକ୍ଷାଧିକ ଟଙ୍କାର ସମ୍ପତ୍ତି

**କଟକ, ନ୍ୟୁଜ୍‌ବ୍ୟୁରୋ**

କଟକ ପଦ୍ମପୁର ଅଞ୍ଚଳରେ ଘଟିଛି ଭୟାବହ ଅଗ୍ନି କାଣ୍ଡ। ଏକ ଗଦି ଫ୍ୟାକ୍ଟ୍ରିରେ ହଠାତ୍ ନିଆଁ ଲାଗିବା ପରେ ଦେଖା ଦେଇଥିଲା ଆତଙ୍କ। ନିଆଁ ଏତେ ଭୟଙ୍କର ଥିଲା ଯେ, ମୁହୂର୍ତ୍ତକ ମଧ୍ୟରେ ସମଗ୍ର ଫ୍ୟାକ୍ଟ୍ରିକୁ କବଳିତ କରିଥିଲା। ଅଗ୍ନିକାଣ୍ଡରେ ଲକ୍ଷାଧିକ ଟଙ୍କାର ଗଦି, କଞ୍ଚାମାଲ ଓ ଯନ୍ତ୍ରପାତି ଜଳି ପୋଡ଼ି ପାଉଁଶ ହୋଇଯାଇଛି। ଖବର ପାଇ ଅଗ୍ନିଶମ ବାହିନୀର ଛଅଟି ଗାଡ଼ି ଘଟଣାସ୍ଥଳରେ ପହଞ୍ଚ ବହୁ ସମୟ ଧରି ନିଆଁକୁ ଆୟତ୍ତ କରିବାକୁ ଉଦ୍ୟମ କରିଥିଲେ। ପ୍ରାଥମିକ ତଦନ୍ତରୁ ସର୍ଟ ସର୍କିଟ ଯୋଗୁଁ ଏହି ଅଗ୍ନିକାଣ୍ଡ ଘଟିଥିବା ସନ୍ଦେହ କରାଯାଉଛି ।



# ଆପାର୍ଟମେଣ୍ଟ ପଞ୍ଜୀକରଣ ପାଇଁ ରାଜ୍ୟ ସରକାରଙ୍କ ନୂତନ ଏସ୍‌ଓପି ଜାରୀ

**ଭୁବନେଶ୍ୱର,ନ୍ୟୁଜ୍‌ବ୍ୟୁରୋ**

ରାଜ୍ୟରେ ଆପାର୍ଟମେଣ୍ଟ ପଞ୍ଜୀକରଣ ପ୍ରକ୍ରିୟାକୁ ଅଧିକ ସ୍ୱଚ୍ଛ, ସରଳ ଓ ସମନ୍ୱିତ କରିବା ଉଦ୍ଦେଶ୍ୟରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଏବଂ ଗୃହ ଓ ନଗର ଉନ୍ନୟନ ବିଭାଗ ମିଳିତ ଭାବେ ଆପାର୍ଟମେଣ୍ଟ ପଞ୍ଜୀକରଣ ନିମନ୍ତେ ଏକ ମାନକ କାର୍ଯ୍ୟପ୍ରଣାଳୀ (ଏସଓପି) ଜାରୀ କରିଛନ୍ତି। ଓଡ଼ିଶା ଆପାର୍ଟମେଣ୍ଟ (ମାଲିକାନା ଏବଂ ପରିଚାଳନା) ଆଇନ, ୨୦୨୩, ରିଅଲ୍ ଇଷ୍ଟେଟ୍ (ନିୟନ୍ତ୍ରଣ ଓ ବିକାଶ) ଆଇନ, ୨୦୧୬ ଏବଂ ପଞ୍ଜୀକରଣ ଆଇନ, ୧୯୦୮ର ବିଭିନ୍ନ ବ୍ୟାଖ୍ୟା କାରଣରୁ ସୃଷ୍ଟ ହେଉଥିବା ଅସ୍ୱଷ୍ଟତା ଦୂର କରିବା ସହ ରାଜ୍ୟବ୍ୟାପୀ ଏକ ସମାନ ପ୍ରକ୍ରିୟା ଅନୁସରଣ ସୁନିଶ୍ଚିତ କରିବା ପାଇଁ ଏହି ଏସ୍‌ଓପି ପ୍ରଣୟନ କରାଯାଇଛି। ନୂତନ ଏସ୍‌ଓପି ଅନୁଯାୟୀ ଆପାର୍ଟମେଣ୍ଟ ସମ୍ବନ୍ଧୀୟ ପଞ୍ଜୀକରଣକୁ ତିନୋଟି ଶ୍ରେଣୀରେ ବିଭକ୍ତ କରାଯାଇଛି- ପ୍ରି-ରେରା ଆପାର୍ଟମେଣ୍ଟର ପୁନଃ ବିକ୍ରୟ, ପ୍ରି-ରେରା ପ୍ରକଳ୍ପରେ ବିକ୍ରୟ ହୋଇନଥିବା ଫ୍ଲାଟ୍ ର ପ୍ରଥମ ବିକ୍ରୟ ଏବଂ ପୋଷ୍ଟ-ରେରା ଆପାର୍ଟମେଣ୍ଟ୍। ପ୍ରତ୍ୟେକ ବିଭାଗ ପାଇଁ ଆବଶ୍ୟକୀୟ ଦଲିଲପତ୍ର, ଯାଞ୍ଚ ପ୍ରକ୍ରିୟା ଏବଂ ପଞ୍ଜୀକରଣର ସର୍ତ୍ତାବଳୀ ସ୍ପଷ୍ଟ ଭାବେ ଏହି ନୂତନ ଏସଓପିରେ ନିର୍ଦ୍ଧାରଣ କରାଯାଇଛି। ପୋଷ୍ଟ-ରେରା ଆପାର୍ଟମେଣ୍ଟ କ୍ଷେତ୍ରରେ ପଞ୍ଜୀକରଣ ପୂର୍ବରୁ ଓଡ଼ିଶା ରେରା ପଞ୍ଜୀକରଣ (ଯେଉଁଠି ପ୍ରଯୁଜ୍ୟ), ଅକ୍ୟୁପାନ୍ସି ସାର୍ଟିଫିକେଟ୍, ଆଲଟିମାନଙ୍କ ସଂଘର ପଞ୍ଜୀକରଣ, ଧାରା-୯ ଅନୁଯାୟୀ ଘୋଷଣାପତ୍ରର ପଞ୍ଜୀକରଣ ଏବଂ ସାଧାରଣ କ୍ଷେତ୍ର ଓ ସୁବିଧାର ହସ୍ତାନ୍ତର ସମ୍ବନ୍ଧୀୟ ବ୍ୟବସ୍ଥା ପାଳନ ବାଧ୍ୟତା ମୂଳକ କରାଯାଇଛି। ଏଥିସହ ସମ୍ପୃକ୍ତ କ୍ଷମତାସମ୍ପନ୍ନ କର୍ତ୍ତୃପକ୍ଷଙ୍କ ଅନୁମୋଦନ ପରେ ହିଁ ପଞ୍ଜୀକରଣ ସମ୍ଭବ ହେବ। ଏସ୍‌ଓପିରେ ଭୁବନେଶ୍ୱର ମହାନଗର ନିଗମ ଅଞ୍ଚଳ, ବିଭିନ୍ନ ଉନ୍ନୟନ କର୍ତ୍ତୃପକ୍ଷ ଅଞ୍ଚଳ ଏବଂ ରାଜସ୍ୱ ଉପଖଣ୍ଡ ଅଞ୍ଚଳ ପାଇଁ ପୃଥକ୍ ପୃଥକ୍ କ୍ଷମତାସମ୍ପନ୍ନ କର୍ତ୍ତୃପକ୍ଷଙ୍କ ଭୂମିକା ଓ ଦାୟିତ୍ୱ ମଧ୍ୟ ସ୍ପଷ୍ଟ କରାଯାଇଛି। ମହିଳାଙ୍କ ନାମରେ ହେଉଥିବା ଆପାର୍ଟମେଣ୍ଟ ହସ୍ତାନ୍ତର କ୍ଷେତ୍ରରେ ପୂର୍ବରୁ ଚାଲୁଥିବା ଏକ ପ୍ରତିଶତ ଷ୍ଟାମ୍ପ ଶୁଳ୍କ ରିହାତି ସୁବିଧା ଜାରି ରହିବ। ସେହିପରି ଆଲଟିମାନଙ୍କ ସଂଘ ସପକ୍ଷରେ ସାଧାରଣ କ୍ଷେତ୍ର ଓ ସୁବିଧା ହସ୍ତାନ୍ତର ଦଲିଲ ପାଇଁ ନାମମାତ୍ର ଷ୍ଟାମ୍ପ ଶୁଳ୍କ ଓ ପଞ୍ଜୀକରଣ ଫି' ନିର୍ଦ୍ଧାରଣ କରାଯାଇଛି। ରାଜ୍ୟ ସରକାରଙ୍କ ଏହି ପଦକ୍ଷେପ ଫଳରେ ଆପାର୍ଟମେଣ୍ଟ ପଞ୍ଜୀକରଣ ପ୍ରକ୍ରିୟା ଅଧିକ ସ୍ୱଚ୍ଛ, ସୁବ୍ୟବସ୍ଥିତ ଓ ନାଗରିକ-କୈନ୍ଦ୍ରିକ ହେବା ସହ ଆପାର୍ଟମେଣ୍ଟ୍ କ୍ରେତାଙ୍କ ସ୍ୱାର୍ଥର ସୁରକ୍ଷା ଏବଂ ରିଅଲ୍ ଇଷ୍ଟେଟ୍ କ୍ଷେତ୍ରରେ ସୁଶାସନ ସୁନିଶ୍ଚିତ ହେବ ବୋଲି ଆଶା କରାଯାଉଛି।

## ନିଟ୍ ପରୀକ୍ଷାର୍ଥୀଙ୍କ ପାଇଁ ଦେୟମୁକ୍ତ ବସ୍ ସେବା

**ଭୁବନେଶ୍ୱର,ନ୍ୟୁଜ୍‌ବ୍ୟୁରୋ**

ନିଟ୍ ପରୀକ୍ଷା ପାଇଁ ଭୁବନେଶ୍ୱରକୁ ପରୀକ୍ଷା କେନ୍ଦ୍ର ଭାବେ ଚୟନ କରିଥିବା ଛାତ୍ରଛାତ୍ରୀମାନଙ୍କ ପାଇଁ ମାଗଣା ବସ୍ ସେବା ପ୍ରଦାନ କରାଯିବ। ଆସନ୍ତା ରବିବାର ଅର୍ଥାତ ଜୁନ ୨୧ ତାରିଖରେ ଏହି ପରୀକ୍ଷା ଅନୁଷ୍ଠିତ ହେବ। ଭୁବନେଶ୍ୱର ରେଲ୍ ୱେ ଷ୍ଟେସନ (ମାଷ୍ଟରକ୍ୟାଣ୍ଟିନ୍), ବରମୁଣ୍ଡା ବସ୍‌ଷ୍ଟାଣ୍ଡ, ଖୋର୍ଦ୍ଧା ରୋଡ୍ ଷ୍ଟେସନ୍, ଖୋର୍ଦ୍ଧା ବସ୍ ଷ୍ଟାଣ୍ଡରୁ ପରୀକ୍ଷାର୍ଥୀମାନଙ୍କୁ ସେମାନଙ୍କର ପରୀକ୍ଷା କେନ୍ଦ୍ରକୁ ନେବା-ଆଣିବା ପାଇଁ ସ୍ୱତନ୍ତ୍ର ବସ୍‌ର ବ୍ୟବସ୍ଥା କରାଯାଇଛି। ଉକ୍ତ ଦିନ ଏହି ରୁଟ୍‌ରେ ଯିବା ଆସିବା କରୁଥିବା ଅନ୍ୟ ସରକାରୀ ବସ୍‌ରେ ମଧ୍ୟ ଛାତ୍ରଛାତ୍ରୀ ମାନେ ସମାନ ସୁବିଧା ପାଇପାରିବେ। ଛାତ୍ରଛାତ୍ରୀମାନଙ୍କ ସୁବିଧା ପାଇଁ ଖୋର୍ଦ୍ଧା ଜିଲ୍ଲା ପ୍ରଶାସନ ପକ୍ଷରୁ ୨୬ଟି ପରୀକ୍ଷା କେନ୍ଦ୍ର ପାଇଁ ପରୀକ୍ଷାର୍ଥୀମାନଙ୍କୁ ନେବାଆଣିବା ନିମନ୍ତେ ୧୦୮ଟି ବସ୍ ଚଳାଚଳ କରିବ। ପ୍ରତ୍ୟେକ ପରୀକ୍ଷାର୍ଥୀଙ୍କ ସହ ସେମାନଙ୍କ ଜଣେ ଅଭିଭାବକ ମଧ୍ୟ ଏହି ନିଃଶୁଳ୍କ ଯାନର ସୁବିଧା ପାଇପାରିବେ।

# ଓଡ଼ିଆ ଭାଷା ଓ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ସହ ଖେଳିବା ବନ୍ଦ କରନ୍ତୁ ସରକାର : ବିଜେଡି

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ପ୍ରଥମରୁ ଅଷ୍ଟମ ଶ୍ରେଣୀ ପୁସ୍ତକରେ ୧୭୬୦ରୁ ଅଧିକ ଭୁଲ୍ ରହିଛି। ଏହା ବିଜେପି ସରକାରର ଦାୟିତ୍ୱହୀନତା ଓ ପିଲାଙ୍କ ଭବିଷ୍ୟତ ସହ ଖେଳ ବୋଲି ବିଜୁ ଜନତା ଦଳ ଅଭିଯୋଗ କରିଛି। ପିଲାଙ୍କ ଭବିଷ୍ୟତକୁ ଦୃଷ୍ଟିରେ ରଖି ତୁରନ୍ତ ସଂଶୋଧିତ ଓ ନିର୍ଭୁଲ ପାଠ୍ୟପୁସ୍ତକ ପ୍ରସ୍ତୁତି କରାଯାଉ ନଚେତ ପୂର୍ବ ସିଲାବସର ପୁସ୍ତକରେ ପଢାଯାଉ। ଚଳିତବର୍ଷ ଛପା ଯାଇଥିବା ଭୁଲ୍ ପୁସ୍ତକ ପ୍ରସ୍ତୁତି ଖର୍ଚ୍ଚ ଦାୟିତ୍ୱରେ ଥିବା ବ୍ୟକ୍ତି ମାନଙ୍କଠାରୁ ଆଦାୟ କରିବାକୁ ବିଜେଡି ଦାବି କରିଛି। ଶୁକ୍ରବାର ଶଙ୍ଖ ଭବନରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ବିଜେଡି ବିଧାୟ ଗୌତମବୁଦ୍ଧ ଦାସ, ବିଜୁ ଯୁବ ଜନତା ଦଳର ସଭାପତି ଚିନ୍ମୟ ସାହୁ, ବିଜୁ ଯୁବ ଛାତ୍ର ଜନତା ଦଳର ସଭାନେତ୍ରୀ ଇପ୍ସିତା ସାହୁ ଓ ମୁଖପାତ୍ର ତଥା ଗଣମାଧ୍ୟମ ସଂଯୋଜକ ଡ. ଲେନିନ ମହାନ୍ତି, ରାଜ୍ୟ ସରକାର ପିଲାଙ୍କ ଭବିଷ୍ୟତ ସହ ଖେଳୁଥିବା ଅଭିଯୋଗ କରିଛନ୍ତି।

ବିଧାୟକ ଗୌତମ ବୁଦ୍ଧ ଦାସ କହିଛନ୍ତି, ଓଡ଼ିଆ ଅସ୍ମିତାର ଦ୍ୱାହି ଦେଇ ଶାସନକୁ ଆସିଥିବା ସରକାର ଆଜି ଓଡ଼ିଆ ଅସ୍ମିତାକୁ ଭୂଲୁଣ୍ଠିତ କରିଛନ୍ତି। ସରକାର ଦୁଇ ବର୍ଷ ପୂର୍ତ୍ତି ପାଳନ ପାଇଁ ଉତ୍ସବରେ ବ୍ୟସ୍ତ ରହି ତ୍ରୁଟିପୂର୍ଣ୍ଣ ପାଠ୍ୟ ପୁସ୍ତକ ପିଲାଙ୍କୁ ବାଣ୍ଟି ଓଡ଼ିଶାର ଭବିଷ୍ୟତ ସହ ଖେଳୁଛନ୍ତି। ଦେଶ ସ୍ୱାଧୀନତା ହେବାର ୭୮ ବର୍ଷ ଭିତରେ ଏ ଜାତି କେବେ ହେଲେ ଏଭଳି ଭୁଲ୍ ଦେଖିନଥିଲା କି ଆଗକୁ ଦେଖିବ ବୋଲି ଆଶା ନାହିଁ। ବିଜେପି ସରକାର ଓଡିଆ ଭାଷା ଜନନୀର ବସ୍ତ୍ରହରଣ କରିଛି। ଯାହା ଓଡ଼ିଆ ଭାଷା, ସାହିତ୍ୟ ଓ ଜାତି ପ୍ରତି ଘୋର ଅପମାନ। ସ୍ୱାଧୀନତା ସଂଗ୍ରାମୀ ମାଧୋ ସିଂ ବ୍ରିଟିଶମାନଙ୍କ ବିରୋଧରେ ଲଢି ଫାଶୀ ପାଇଥିଲେ। ତାଙ୍କର ଜନ୍ମସ୍ଥାନ, ଫାଶୀ ପାଇଥିବା ତାରିଖ ଓ ତାଙ୍କ ଉପରେ ସଂପୂର୍ଣ୍ଣ ବିବରଣୀ ତ୍ରୁଟି ପୂର୍ଣ୍ଣ ଭାବେ ଛପା ଯାଇଛି ବୋଲି ପଦ୍ମଶ୍ରୀ କବି ହଳଧର ନାଗ ମାସକ ତଳେ କହିଥିଲେ ମଧ୍ୟ ସରକାର ତାହାକୁ ଗ୍ରହଣ କଲେ ନାହିଁ। ଯଦି ସରକାର ସେ କଥାକୁ ଗୁରୁତ୍ୱର ସହ ନେଇଥାଆନ୍ତେ, ଆଜି ଏଭଳି ଦୁର୍ଭାଗ୍ୟଜନକ ସ୍ଥିତି ଦେଖିବାକୁ ପଡିନଥାଆନ୍ତା। ବହି ଛାପିବା ପାଇଁ ଯେଉଁ କମିଟି ଗଠନ ହୋଇଥିଲା ସେଥିରେ ସଭ୍ୟମାନଙ୍କ ଯୋଗ୍ୟତା ନମାପି ତାଙ୍କୁ ରାଜନୈତିକ ଚାପରେ ନିଯୁକ୍ତି ଦିଆଯାଇଛି। ଏହି ବ୍ୟକ୍ତିମାନଙ୍କ ମଧ୍ୟରୁ ଅଧିକାଂଶ ସଭ୍ୟ, ସଂଘ, ଓ ସରସ୍ୱତୀ ଶିଶୁ ମନ୍ଦିର ଶିକ୍ଷକମାନେ ଅନ୍ତର୍ଭୁକ୍ତ।

ବିଜୁ ଯୁବ ଜନତା ଦଳ ସଭାପତି ଚିନ୍ମୟ ସାହୁ କହିଛନ୍ତି, ପାଠ୍ୟପୁସ୍ତକ ପ୍ରସ୍ତୁତି, ସମୀକ୍ଷା ଓ ସମ୍ପାଦନା ସହିତ ଜଡ଼ିତ ସମସ୍ତ ଦାୟୀ ବ୍ୟକ୍ତିଙ୍କ ବିରୋଧରେ କଠୋର ପ୍ରଶାସନିକ କାର୍ଯ୍ୟାନୁଷ୍ଠାନ ନିଆଯାଉ। ତ୍ରୁଟିପୂର୍ଣ୍ଣ ପାଠ୍ୟପୁସ୍ତକକୁ ତୁରନ୍ତ ପ୍ରତ୍ୟାହାର କରାଯାଇ ନୂତନ ଓ ସଂଶୋଧିତ ପୁସ୍ତକ ଛପାଇ ଛାତ୍ରଛାତ୍ରୀଙ୍କୁ ବଣ୍ଟନ କରାଯାଉ। ଏହାସହିତ ବର୍ତ୍ତମାନ ଛପାଯାଇଥିବା ଭୁଲ ପାଠ୍ୟପୁସ୍ତକକୁ କୌଣସି ବିଦ୍ୟାଳୟରେ ପଢ଼ାନଯାଉ। ରାଜ୍ୟର ଛାତ୍ରଛାତ୍ରୀଙ୍କ ଭବିଷ୍ୟତକୁ ଦୃଷ୍ଟିରେ ରଖି ଆଗାମୀ ଦିନରେ ରାଜ୍ୟ ସରକାର ସତର୍କତା ଅବଲମ୍ବନ କରନ୍ତୁ, ନଚେତ ବିଜୁ ଯୁବ ଜନତା ଦଳ ଜୋରଦାର ବିରୋଧ କରିବ।

ଅନ୍ୟପଟେ ବିଜୁ ଛାତ୍ର ଜନତା ଦଳର ସଭାନେତ୍ରୀ ଇପ୍ସିତା ସାହୁ କହିଛନ୍ତି, ପାଠ୍ୟପୁସ୍ତକରେ ଏଭଳି ଭୁଲ୍‌ତ୍ରୁଟି ରଖି ପିଲାଙ୍କୁ ପାଠ ପଢାଇବା ଅର୍ଥ ସେମାନଙ୍କୁ ଅନ୍ଧାରକୁ ଠେଲି ଦେବା। ଏଥିରେ ସମ୍ପୃକ୍ତ ବିଭାଗର ମନ୍ତ୍ରୀ ନୈତିକ ଦାୟିତ୍ୱ ନେଇ ତୁରନ୍ତ ଇସ୍ତଫା ଦିଅନ୍ତୁ କିମ୍ବା ମୁଖ୍ୟମନ୍ତ୍ରୀ ତାଙ୍କୁ ବରଖାସ୍ତ କରନ୍ତୁ। ମୁଖ୍ୟମନ୍ତ୍ରୀ ଖୋଦ୍ ଏହି ଘଟଣା ପାଇଁ ରାଜ୍ୟବାସୀଙ୍କ ନିକଟରେ କ୍ଷମା ପ୍ରାର୍ଥନା କରିବା ସହିତ ଦୋଷୀଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନିଅନ୍ତୁ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ବିଦେଶରେ 'ଡିଜିଟାଲ୍ ...

ପାଢ଼ୀଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ବିଭାଗୀୟ ଆର୍ଥିକ ପରାମର୍ଶଦାତା ତଥା ସ୍ୱତନ୍ତ୍ର ସଚିବ ଶିଖା ବିଶ୍ୱାଳ, ଓଡବ୍ଲୁଏସ୍‌ଏସ୍‌ବିର ଇଞ୍ଜିନିୟର-ଇନ୍-ଚିଫ୍ ତଥା ଅତିରିକ୍ତ ସଚିବ ଭାଗ୍ୟଧର ମହାନ୍ତି, ୱାଟକୋର ପରିଚାଳନା ନିର୍ଦ୍ଦେଶକ ଦେବବ୍ରତ ମହାନ୍ତି, ପିଏଚଇଓ ର ଇଞ୍ଜିନିୟର-ଇନ୍-ଚିଫ୍ ବିଳାସ ବେହେରା, ଓଡ଼ିଶା ଅର୍ବାନ ଏକାଡେମୀର ନିର୍ଦ୍ଦେଶକ ଶୁଭେନ୍ଦୁ ସାହୁ ଏବଂ ନଗର ଉନ୍ନୟନ ବିଭାଗର ବୈଷୟିକ ସମ୍ପଦ ବ୍ୟକ୍ତି ପ୍ରଶାନ୍ତ ମହାପାତ୍ରଙ୍କ ସମେତ 'ଆଥେନା ଇନଫୋନୋମିକ୍ସ' ଏବଂ 'ଇ-ଗଭ୍ ଫାଉଣ୍ଡେସନ' ର ପ୍ରତିନିଧିମାନେ ଉପସ୍ଥିତ ଥିଲେ।

ଓଡ଼ିଶାର ଟିମ୍ ନାଇଜେରିଆ ଯାଇ ଓଡ଼ିଶାର ସଫଳ 'ଡିଜିଟ୍' ପ୍ଲାଟଫର୍ମର କାର୍ଯ୍ୟକାରିତା ଏବଂ ପରିମଳ ପ୍ରଶାସନ, ସେବା ପ୍ରଦାନ ଓ ନାଗରିକ ସହଭାଗିତାର ଉନ୍ନତି ପାଇଁ ଡିଜିଟାଲ ଟୁଲ୍ସ ବ୍ୟବହାରର ଅଭିଜ୍ଞତାକୁ ଆଧାର କରି ଏଲ୍‌ଏସ୍‌ଡବ୍ଲୁଏମ୍‌ଓକୁ ରଣନୀତିକ ଏବଂ କାର୍ଯ୍ୟକ୍ଷମ ମାର୍ଗଦର୍ଶନ ପ୍ରଦାନ କରିବ। ଶାସନ ଗଠନ ପ୍ରଣାଳୀ, ମାଲିକାନା ମଡେଲ, ପ୍ରାତିଷ୍ଠାନିକ ବ୍ୟବସ୍ଥା ଏବଂ ଦୀର୍ଘକାଳୀନ ସ୍ଥିରତା କ୍ଷେତ୍ରକୁ ଅନ୍ତର୍ଭୁକ୍ତ କରି ଏକ ସୁଦୃଢ଼ ଡିଜିଟାଲ ପବ୍ଲିକ ଇନଫ୍ରାଷ୍ଟ୍ରକଚର ଢାଞ୍ଚା ପ୍ରସ୍ତୁତ ଏବଂ କାର୍ଯ୍ୟକାରୀ କରିବାରେ ଓଡବ୍ଲୁଏସ୍‌ଏସ୍‌ବି ଲାଗୋସ ରାଜ୍ୟକୁ ସହାୟତା କରିବ। ଏହି ସହଯୋଗିତା ଦ୍ୱାରା ଏକ କଷ୍ଟମାଇଜଡ୍'ଷ୍ଟ୍ରାଟେଜିକ୍ ଡିଜିଟାଲ୍ ରୋଡମ୍ୟାପ୍' ଏବଂ ପରିମଳ ସେବାର ଅନୁଧ୍ୟାନ ତଥା ପ୍ରମାଣ-ଆଧାରିତ ନିଷ୍ପତ୍ତି ଗ୍ରହଣରେ ସହାୟତା ପାଇଁ ଏକ ଲାଇଭ୍ 'ଇଣ୍ଟିଗ୍ରେଟେଡ୍ ଡାଟା ମ୍ୟାନେଜମେଣ୍ଟ ସିଷ୍ଟମ'ର ବିକାଶ କରାଯିବ।

## ବକେୟା ଭତ୍ତା...

ଭତ୍ତା ବିତରଣ କରାଯାଉଥିଲା। ହିତାଧିକାରୀମାନେ ନିଜ ଗ୍ରାମପଞ୍ଚାୟତରେ ଭତ୍ତା ପାଉଥିଲେ, ଯେଉଁମାନେ ଆସି ପାରୁନଥିଲେ ସେମାନଙ୍କ ପାଖରେ ଅଧିକାରୀମାନେ ଭତ୍ତା ପହଞ୍ଚାଇବା ସୁନିଶ୍ଚିତ କରୁଥିଲେ। ଏହି ଲୋକକୈନ୍ଦ୍ରିକ ବ୍ୟବସ୍ଥା ସାରା ଦେଶରେ ପ୍ରଶଂସିତ ହୋଇଥିଲା ଏବଂ ସୁପ୍ରିମକୋର୍ଟ ମଧ୍ୟ ଏହାର ପ୍ରଶଂସା କରିଥିଲେ। ବର୍ତ୍ତମାନର ଭତ୍ତା ସଙ୍କଟ ଏହି ଲୋକକୈନ୍ଦ୍ରିକ ବ୍ୟବସ୍ଥାର ଗୁରୁତ୍ୱକୁ ପ୍ରମାଣିତ କରୁଛି। ତିନି ମାସ ଧରି ଭତ୍ତା ନ ମିଳିବା କେବଳ ପ୍ରକ୍ରିୟାଗତ ବିଫଳତା ନୁହେଁ, ବରଂ ଏହା ଏକ ସମ୍ବେଦନହୀନ ଶାସନ ବ୍ୟବସ୍ଥାର କଳୁଷିତ ଉଦାହରଣ ସୃଷ୍ଟି କରୁଛି। ଏପରି ସ୍ଥିତିକୁ ଏଡ଼ାଇବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ତୁରନ୍ତ ହିତାଧିକାରୀଙ୍କ ହାତରେ ସମସ୍ତ ବକେୟା ଭତ୍ତା ପ୍ରଦାନ କରିବାର ବ୍ୟବସ୍ଥା କରନ୍ତୁ। ଭତ୍ତା ହିତାଧିକାରୀଙ୍କ ସମ୍ମାନ ଏବଂ ସାମାଜିକ ସୁରକ୍ଷା ସୁନିଶ୍ଚିତ କରାଯାଉ।

## ତିନି ବର୍ଷ ...

ଅଂଶ କରିବା ଏବଂ ଏଫଆଇଆରରୁ ଦୋଷୀ ସାବ୍ୟସ୍ତ ହେବା ପର୍ଯ୍ୟନ୍ତ ପ୍ରକ୍ରିୟାକୁ ତିନି ବର୍ଷ ମଧ୍ୟରେ ସମାପ୍ତ କରିବା। ସେ କହିଛନ୍ତି ଯେ ଦେଶ ବର୍ତ୍ତମାନ ଫୌଜଦାରୀ ନ୍ୟାୟ ବ୍ୟବସ୍ଥାରେ ପରିବର୍ତ୍ତନର ଏକ ସମୟ ଦେଇ ଗତି କରୁଛି। ପୂର୍ବରୁ, ପୋଲିସ ଷ୍ଟେସନଗୁଡ଼ିକୁ କେବଳ ଆଇନ ଶୃଙ୍ଖଳା ବଜାୟ ରଖିବାର ଏକ ମାଧ୍ୟମ ଭାବରେ ବିବେଚନା କରାଯାଉଥିଲା, କିନ୍ତୁ ସମୟ ସହିତ, ସେମାନଙ୍କର ଭୂମିକାକୁ ଅପରାଧ ନିୟନ୍ତ୍ରଣ ଏବଂ ତଦନ୍ତ ଅନ୍ତର୍ଭୁକ୍ତ କରିବା ପାଇଁ ବିସ୍ତାରିତ କରାଯାଇଛି। ବର୍ତ୍ତମାନ, ଆବଶ୍ୟକତା ହେଉଛି ସମଗ୍ର ନ୍ୟାୟ ବ୍ୟବସ୍ଥା ନାଗରିକଙ୍କ ଅଧିକାରକୁ ସୁରକ୍ଷା ଦେବାର ଏକ ପ୍ରଭାବଶାଳୀ ମାଧ୍ୟମ ହେବା।

## ପିଏମ୍ ଆବାସ ଯୋଜନା...

୧%ରୁ କମ୍ ରହିବ। ଷ୍ଟାମ୍ପ ଶୁଳ୍କ ଓ ରେଜିଷ୍ଟ୍ରେସନ ଫି'କୁ ମିଶାଇ ମୋଟ ଦେୟ ୧%ରୁ କମ୍ କରାଯିବ। ଏନେଇ ଗୃହ ନିର୍ମାଣ ଓ ନଗର ଉନ୍ନୟନ ଅତିରିକ୍ତ ମୁଖ୍ୟ ସଚିବ ଉଷା ପାଢୀ ବିଜ୍ଞପ୍ତି ଓ ଆଦେଶ କାର୍ଯ୍ୟକାରୀ କରିବାକୁ ରାଜସ୍ୱ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି।

# କୋଟପାଡ ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କ ଘରେ ଭିଜିଲାନ୍ସ ରେଡ୍

**ଜୟପୁର, ନ୍ୟୁଜ୍‌ବ୍ୟୁରୋ**

ଭିଜିଲାନ୍ସ ପକ୍ଷରୁ କୋଟପାଡ଼ ବ୍ଲକର ସହକାରୀ ନିର୍ବାହୀ ଯନ୍ତ୍ରୀ ସତ୍ୟନାରାୟଣ ସେଠୀଙ୍କ ୭ଟି ସ୍ଥାନରେ ଚଢ଼ାଉ କରାଯାଇଛି।

ଶୁକ୍ରବାର କୋରାପୁଟ ଜିଲ୍ଲା କୋଟପାଡ଼ ବ୍ଲକର ସହକାରୀ ନିର୍ବାହୀ ଯନ୍ତ୍ରୀ ସତ୍ୟନାରାୟଣ ସେଠୀଙ୍କ ବିରୋଧରେ ଆୟ ବହିର୍ଭୁତ ସମ୍ପତ୍ତି ଠୁଳ କରିବା ଅଭିଯୋଗରେ ଓଡ଼ିଶା ଭିଜିଲାନ୍ସ ପକ୍ଷରୁ ଏକକାଳୀନ ତଲାସି ଅଭିଯାନ ଚାଲିଛି।

ସ୍ୱତନ୍ତ୍ର ବିଚାରପତି, ଭିଜିଲାନ୍ସ, ଜୟପୁରଙ୍କ ଦ୍ୱାରା ଜାରି ସର୍ଚ୍ଚ ୱାରେଣ୍ଟ ଆଧାରରେ ୭ ଜଣ ଡିଏସପି, ୯ ଜଣ ଇନ୍ସପେକ୍ଟର, ୧୧ ଜଣ ଏଏସଆଇ ଓ ଅନ୍ୟାନ୍ୟ ସହାୟକ କର୍ମଚାରୀଙ୍କୁ ନେଇ ଗଠିତ ଟିମ୍ କୋରାପୁଟ, ଖୋର୍ଦ୍ଧା ଓ କେନ୍ଦ୍ରାପଡ଼ା ଜିଲ୍ଲାର ୭ଟି ସ୍ଥାନରେ ଚଢ଼ାଉ କରୁଛି। କୋରାପୁଟ ଜିଲ୍ଲା ଜୟପୁରର ପାରାବେଡା ଅଞ୍ଚଳରେ ଥିବା ଶ୍ରୀ ସେଠୀଙ୍କ ଭଡ଼ା ଘର, ଖୋର୍ଦ୍ଧା ଜିଲ୍ଲା ଯାତଣୀ ଅନ୍ତର୍ଗତ ମଧୁପୁର ମୌଜାରେ ଥିବା ହାଇ-ଟେକ୍ ପ୍ଲାଜାର ପ୍ଲଟ୍ ନଂ-୧୩୨, ବ୍ଲକ୍-ବି-୬ ର ଗ୍ରାଉଣ୍ଡ ଫ୍ଲୋରର ଫ୍ଲାଟ୍ ନଂ ଜି/ବି.୬-୧୪, କେନ୍ଦ୍ରାପଡ଼ା ଜିଲ୍ଲା, ଡେରାବିଶ ଥାନା ଅନ୍ତର୍ଗତ ଚାନ୍ଦୋଳ ମାର୍ଗରେ ଥିବା ଜହାଙ୍ଗର ଗ୍ରାମରେ ଅବସ୍ଥିତ ତାଙ୍କ ପୈତୃକ ବାସଭବନ, କୋଟପାଡ଼, କୋରାପୁଟରେ ଥିବା ଶ୍ରୀ ସେଠୀଙ୍କ ସରକାରୀ ବାସଭବନ, କୋଟପାଡ଼, କୋରାପୁଟରେ ଥିବା ତାଙ୍କ କାର୍ଯ୍ୟାଳୟ, କୋରାପୁଟ ଜିଲ୍ଲା ବୋରିଗୁମ୍ମା ତହସିଲ ଅନ୍ତର୍ଗତ ତାରାଗାଁ ମୌଜାରେ ଥିବା ତାଙ୍କ ଏକ ଚାଷ ଜମି (ଫାର୍ମ), କୋରାପୁଟ ଜିଲ୍ଲା ବୋରିଗୁମ୍ମା ତହସିଲ ଅନ୍ତର୍ଗତ ତାରାଗାଁ ମୌଜାରେ ଥିବା ତାଙ୍କ ଅନ୍ୟ ଏକ ଚାଷ ଜମି (ଫାର୍ମ) ଚଢାଉ କରିଛି ଭିଜିଲାନ୍ସ।

Ministry of Ayush
Government of India

Yoga 365

#IDY2026

ପ୍ରତ୍ୟେକ ପିଢ଼ିର ସ୍ୱାସ୍ଥ୍ୟ ଏବଂ ସୁସ୍ଥତା ପାଳନ

# ୧୨ତମ ଅନ୍ତର୍ଜାତୀୟ ଯୋଗ ଦିବସ ୨୦୨୬

## ସ୍ୱାସ୍ଥ୍ୟକର ଆୟୁ ପାଇଁ ଯୋଗ

ମାନନୀୟ ପ୍ରଧାନମନ୍ତ୍ରୀ

## ଶ୍ରୀ ନରେନ୍ଦ୍ର ମୋଦୀ ଜୀଙ୍କ

ସହିତ ୨୦୨୬ ଅନ୍ତର୍ଜାତୀୟ ଯୋଗ ଦିବସ ପାଳନ କରନ୍ତୁ

କୋଲକାତାର ମୁଖ୍ୟ କାର୍ଯ୍ୟକ୍ରମରେ ଆପଣଙ୍କ ନିକଟତମ ସ୍ଥାନରେ ଯୋଗ ଦିଅନ୍ତୁ କିମ୍ବା ଘରୁ ଭର୍ଚ୍ୟୁଆଲ୍‌ରେ ଯୋଡି ହୁଅନ୍ତୁ ଏବଂ ସ୍ୱାସ୍ଥ୍ୟ, ସୁସ୍ଥତା ଏବଂ ସାମଗ୍ରିକ ସୁଖ-ସମୃଦ୍ଧି ପାଇଁ ଦେଶବ୍ୟାପୀ ଅଭିଯାନର ଏକ ଅଂଶ ହୁଅନ୍ତୁ।

ମୁଖ୍ୟ କାର୍ଯ୍ୟକ୍ରମ: ୨୧ ଜୁନ୍, ସକାଳ ୫:୦୦

LIVE TELECAST on DD NEWS

ଆପଣଙ୍କର # HarGharYoga ସେଲ୍‌ଫି ସେୟାର କରନ୍ତୁ!
ପ୍ରଧାନମନ୍ତ୍ରୀଙ୍କ ଲାଇଭ୍ ଯୋଗ ଅଧିବେଶନ ସମୟରେ ଆପଣଙ୍କ ପରିବାର ସହିତ ଘରେ ଯୋଗ କରୁଥିବାର ଏକ ଫଟୋ, ଭିଡିଓ କିମ୍ବା ରିଲ୍ ତିଆରି କରନ୍ତୁ ଏବଂ ଏହାକୁ ସୋସିଆଲ ମିଡିଆରେ ସେୟାର କରନ୍ତୁ।

CBC 17201/13/0009/2627





moayush | ministryofayush | ministryofayushofficial